# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-112 ◆SATURDAY ◆18 OCTOBER 2025 ◆PAGE-16 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୧୨ ◆ଶନିବାର ◆୧୮ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦




‘ପଏଜନ୍ ବେବି’ ପାଇଁ ୨ କୋଟି

▸ପୃଷ୍ଠା 9 ଦେଖନ୍ତୁ...




# ସମ୍ପୂର୍ଣ୍ଣା



ସକାଳ
THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମନ ଖୁସି ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ। ବ୍ୟବସାୟରୁ ଲାଭ ମିଳିବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ। ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ। ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ। ପ୍ରିୟଜନଙ୍କଠାରୁ ଉପହାର ପାଇବେ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ। ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ। ଜମି ବିବାଦ ମାମଲା ସମାଧାନ ହେବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ। କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ଶତ୍ରୁଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

**ସିଂହ:** କିଛି କ୍ଷେତ୍ରରେ ଅସଫଳ ରହିବେ। କାଳୀ ମା'ଙ୍କ ପୂଜା କରନ୍ତୁ। ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣା ଦୂର ହେବ। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ। ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଋଣ ସମସ୍ୟା ଦୂର ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ। ପ୍ରତିଯୋଗୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ସାମିଲ କରିବେ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଧନ ବୃଦ୍ଧି ସହ ଅର୍ଥ ସଞ୍ଚୟ କରିବେ। ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ। ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ। ନିବେଶ ପାଇଁ ଅନୁକୂଳ ସମୟ।

**କୁମ୍ଭ:** ବ୍ୟବସାୟକୁ ମଜଭୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଛାତ୍ରଛାତ୍ର ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ। ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ରହିବ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ। ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଅଫିସ୍‌ରେ ନୂଆ କାମ ଆରମ୍ଭ କରିବେ। ବିବାହ ପ୍ରସ୍ତାବ ଆସିବ।

## ଆଜିର ଇତିହାସ

- ୧୯୨୨- ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେସନ୍(ବିବିସି)ର ସ୍ଥାପନା ହେଲା।
- ୧୯୪୪- ରୁଷ୍ ସେନା ଚେକୋସ୍ଲୋଭାକିଆ ଉପରେ ଆକ୍ରମଣ କଲା।
- ୨୦୦୪-କୁଖ୍ୟାତ ଚନ୍ଦନ ତସ୍କର ବୀରାପ୍ପାନକୁ ହତ୍ୟା କରାଗଲା।
- ୨୦୦୭- ଆଠବର୍ଷ ପରେ ବେନଜୀର ଭୁଟ୍ଟୋ ପାକିସ୍ତାନକୁ ଫେରିଲେ।



## ଧନ୍ୱନ୍ତରୀ ଜୟନ୍ତୀ


ଦୀପାବଳି ହେଉଛି ଏକ ପାଞ୍ଚ ଦିନିଆ ପର୍ବ, ଯାହା ଧନତେରସ୍ ଦିନରୁ ଆରମ୍ଭ ହୋଇଥାଏ। କାର୍ତ୍ତିକ ମାସର କୃଷ୍ଣ ପକ୍ଷ ତ୍ରୟୋଦଶୀ ତିଥିରେ ଧନତେରସ୍ ପର୍ବ ପାଳନ କରାଯାଏ। ଧନତେରସ୍‌କୁ ଧନ ତ୍ରୟୋଦଶୀ ମଧ୍ୟ କୁହାଯାଏ। ଏହିଦିନ ମାତା ଲକ୍ଷ୍ମୀ ଓ ଭଗବାନ ଗଣେଶଙ୍କୁ ପୂଜା କରିବା ସହ ଦେବବୈଦ୍ୟ ଶ୍ରୀଧନ୍ୱନ୍ତରୀଙ୍କର ପୂଜା କରିବା ବିଧି ମଧ୍ୟ ଚଳିଆସୁଛି। ଶାସ୍ତ୍ର ଅନୁଯାୟୀ, ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହୋଇଥିଲେ। ଧନ୍ୱନ୍ତରୀଙ୍କୁ ଆରୋଗ୍ୟତା ପ୍ରଦାନ କରୁଥିବା ଦେବତା ଭାବରେ ବିବେଚନା କରାଯାଏ। ସେ ଆୟୁର୍ବେଦର ମୁଖ୍ୟ ତଥା ଚିକିତ୍ସା କ୍ଷେତ୍ରରେ ଦେବତାମାନଙ୍କର ଚିକିତ୍ସକ ଭାବରେ ଜଣାଶୁଣା। ଅମୃତ କଳସ ପାଇଁ ଦେବତା ଏବଂ ରାକ୍ଷସମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ହୋଇଥିଲା। ସମୁଦ୍ର ମନ୍ଥନରୁ ଗୋଟିଏ ପରେ ଗୋଟିଏ ୧୪ ଟି ରତ୍ନ ବାହାରିଥିଲା, ସେଥିମଧ୍ୟରୁ ଶେଷଟି ଅମୃତ କଳସ ଥିଲା ଯେଉଁଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିଲେ। ଯେଉଁ ଦିନ ଧନ୍ୱନ୍ତରୀ ଅମୃତ କଳସ ସହିତ ଉତ୍ପନ୍ନ ହେଲେ ସେହି ଦିନ କାର୍ତ୍ତିକ କୃଷ୍ଣ ପକ୍ଷ ତ୍ରୟୋଦଶୀ ଥିଲା ଏବଂ ପରେ ଏହି ଦିନ ଧନତେରସ୍ ପାଳିତ ହେଲା। ତେଣୁ ଧନତେରସ୍ ଦିନ ଧନ୍ୱନ୍ତରୀଙ୍କୁ ପୂଜା କରାଯାଏ। ଏହି ଦିନ ଘରକୁ ପରିଷ୍କାର କରିବା ସହ କିଛି ନୂଆ ଜିନିଷ କିଣାଯାଏ। ଗୃହର ମୁଖ୍ୟ ଦ୍ୱାରକୁ ସୁସଜ୍ଜିତ କରି ମାତା ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଏ। ଏଥି ସହିତ ବିଶ୍ୱାସ ଅନୁଯାୟୀ, ଏହି ଦିନରେ ସୁନା ଅଳଙ୍କାର କିଣିଲେ ମା' ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଆଶୀର୍ବାଦ କରିଥାନ୍ତି। ଏହି ଦିନ ଲୋକମାନେ ସୁନା ଗହଣା ସହିତ ମାଆ ଲକ୍ଷ୍ମୀଙ୍କ ପ୍ରତିମା ଥିବା ରୁପା ଏବଂ ସୁନା କଏନ୍ କିଣିଥାନ୍ତି। ପିତ୍ତଳ ଭଗବାନ ଧନ୍ୱନ୍ତରୀଙ୍କ ପ୍ରିୟ ଧାତୁ ବୋଲି ବିବେଚନା କରାଯାଏ। ଏହି କାରଣରୁ ଅଧିକାଂଶ ଲୋକେ ଧନତେରସ୍ ଦିନ ପିତ୍ତଳ ବାସନ କିଣି ଥାଆନ୍ତି। କେବଳ ପିତ୍ତଳ ନୁହେଁ ଏହି ଦିନ ବିଭିନ୍ନ ଧାତୁରେ ତିଆରି ବାସନ କିଣିଲେ ଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ୨ଲକ୍ଷର ସାବୁନ

ସାଧାରଣତଃ ଲୋକେ ଗାଧୋଇବା ସମୟରେ ଶରୀରକୁ ସଫା କରିବା ପାଇଁ ସାବୁନ ଲଗାଇଥାନ୍ତି। ବଜାରରେ ମଧ୍ୟ ବିଭିନ୍ନ ବ୍ରାଣ୍ଡର ସାବୁନ ମିଳିଥାଏ। ସାବୁନଗୁଡ଼ିକର ଦାମ୍ ୧୦ ଟଙ୍କାରୁ ଆରମ୍ଭ ହୋଇ ୫୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ଅବଶ୍ୟ ନାମୀ ଦାମୀ ବ୍ରାଣ୍ଡର ସାବୁନଗୁଡ଼ିକ ଟିକେ ଅଧିକ ଦାମ୍‌ର ହୋଇଥାଏ। ହେଲେ ଏମିତି ଏକ ସାବୁନ ଅଛି ଯାହା ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥାଏ। ଉତ୍ତର ଲେବାନନ୍‌ର ତ୍ରିପୋଲୀ ସହରରେ ବିଶ୍ୱର ସବୁଠୁ ଦାମୀ ସାବୁନ ପ୍ରସ୍ତୁତ କରାଯାଏ। ଏହାର ଦାମ୍ ୨, ୦୭, ୮୦୦ ଟଙ୍କା। 'ଖାନ୍ ଅଲ ସବୌନ ସାବୁନ' ନାମରେ ପରିଚିତ ଏହି ସାବୁନକୁ 'ବଦର ହସନ୍ ଆଣ୍ଡ ସନ୍‌ସ' କମ୍ପାନି ନିର୍ମାଣ କରୁଛି। ଏହି କମ୍ପାନି ବେଶ୍ ଦାମୀ ସାବୁନ୍ ଓ ଅନ୍ୟ ବ୍ୟୁଟି ପ୍ରଡକ୍ଟ ସବୁ ତିଆରି କରିଥାଏ। ଉକ୍ତ କମ୍ପାନି ତାର ଉତ୍ପାଦଗୁଡ଼ିକରେ ପ୍ରାକୃତିକ ତୈଳ ଓ ସୁଗନ୍ଧଗୁଡ଼ିକର ବ୍ୟବହାର କରିଥାଏ। ହାତରେ ପ୍ରସ୍ତୁତ କରାଯାଉଥିବା ଏହି ସାବୁନ୍ ସଂଯୁକ୍ତ ଆରବ ରାଷ୍ଟ୍ରର କ୍ୱଚିତ୍ ଦୋକାନରେ ମିଳିଥାଏ। ଏହା କିଛି ନିର୍ଦ୍ଦିଷ୍ଟ ନାମୀ ଦାମୀ ଗ୍ରାହକଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥାଏ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ୨୦୧୩ ମସିହାରେ ଏହାକୁ କତାରର ରାଷ୍ଟ୍ରପତିଙ୍କ ପତ୍ନୀଙ୍କୁ ଉପହାରରେ ଦିଆଯିବା ପରେ ଏହା ସାରା ବିଶ୍ୱର ଆକର୍ଷଣ ସାଜିଥିଲା। ତେବେ ଏହି ସାବୁନ ଏତେ ଦାମ୍ ହେବାର କାରଣ ହେଉଛି, ଏଥିରେ ସୁନା ଓ ହୀରା ଗୁଣ୍ଡ ମିଶାଯାଏ। ୧୭ ଗ୍ରାମ୍‌ର ଏହି ସାବୁନରେ ସୁନା ଓ ହୀରାର ଗୁଣ୍ଡ, ମହୁ, ଅଲିଭ୍ ତେଲ ଓ ଅଗରୁ ବ୍ୟବହାର କରାଯାଏ। ଏହା ପ୍ରଥମେ ଯେତେବେଳେ ପ୍ରସ୍ତୁତ କରାଗଲା, ଚିଜ୍ ଭଳି ଦେଖାଯାଉଥିଲା। ପରେ ଏହାର ଡିଜାଇନ୍‌ରେ ପରିବର୍ତ୍ତନ କରାଯାଇଥିଲା।



## ବିଶ୍ୱ ରଜୋନିବୃତ୍ତି ଦିବସ



ପ୍ରତିବର୍ଷ ଅକ୍ଟୋବର ମାସ ୧୮ ତାରିଖକୁ 'ବିଶ୍ୱ ରଜୋନିବୃତ୍ତି (ମେନୋପଜ) ଦିବସ' ଭାବେ ପାଳନ କରାଯାଏ। ୨୦୦୯ ମସିହାରୁ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହଯୋଗରେ ଅନ୍ତର୍ଜାତୀୟ ମେନୋପୋଜ୍ କମିଟି ପକ୍ଷରୁ ଅକ୍ଟୋବରକୁ ବିଶ୍ୱ ମେନୋପୋଜ୍ ସଚେତନତା ମାସ ଭାବରେ ଏବଂ ଅକ୍ଟୋବର ୧୮ କୁ ଏହି ଦିବସ ପାଳନ ପାଇଁ ମନୋନୀତ କରାଯାଇଥିଲା। ମେନୋପଜ୍ ମହିଳାଙ୍କଠାରେ ଦେଖାଦେଉଥିବା ଏକ ସ୍ୱାଭାବିକ ସ୍ଥିତି। ଯାହାଦ୍ୱାରା ପ୍ରାକୃତିକ ଭାବେ ମାସିକ ଋତୁସ୍ରାବ ବନ୍ଦ ହୋଇଥାଏ। ସାଧାରଣତଃ ୪୫-୫୫ ବର୍ଷ ବୟସରେ ମହିଳାମାନେ ମେନୋପଜ୍ ସମସ୍ୟାକୁ ସାମ୍ନା କରିଥାନ୍ତି। ଏହା ସହ ଗର୍ଭଧାରଣ କ୍ଷମତା ହରାଇଥାନ୍ତି। ବିଭିନ୍ନ ମହିଳାଙ୍କଠାରେ ଏହାର ଲକ୍ଷଣ ଭିନ୍ନ ଭିନ୍ନ ହୋଇଥାଏ। ଏହି ସମୟରେ ହରମୋନ୍‌ରେ ପରିବର୍ତ୍ତନ ଆସୁଥିବାରୁ, ତାହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ପ୍ରଭାବିତ କରିଥାଏ। ଅନ୍ୟପଟେ ଏହି ସମସ୍ୟାକୁ କେତେକ ମହିଳା ସାମ୍ନା କରି ନ ପାରି ଅନେକ ସମୟରେ ଅବସାଦର ଶିକାର ମଧ୍ୟ ହୁଅନ୍ତି। ଶାରୀରିକ ତଥା ଅନ୍ୟାନ୍ୟ ସମସ୍ୟା ଯୋଗୁଁ କମ୍ ବୟସରେ ବି ମହିଳା ଏହାକୁ ସାମ୍ନା କରିଥାନ୍ତି। ମେନୋପଜ୍‌ର ଲକ୍ଷଣ ଅନୁସାରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି। ଯେଉଁ ମହିଳାମାନେ ଏହି ସମୟରେ ଅବସାଦ ଦେଇ ଗତି କରୁଛନ୍ତି ମନସ୍ତତ୍ତ୍ୱବିତ୍‌ଙ୍କ ପରାମର୍ଶ ନେବା ଉଚିତ।

## 'ପଏଜନ୍ ବେବି' ଗୀତ ପାଇଁ ମଲାଇକା ନେଇଛନ୍ତି ୨ କୋଟି



ଦୀପାବଳି ଅବସରରେ ଆୟୁଷ୍ମାନ୍ ଖୁରାନା ଓ ରଶ୍ମିକା ମନ୍ଦାନାଙ୍କ ଫିଲ୍ମ 'ଥାମା' ଆସିବ। ଏବେ ଏହି ଫିଲ୍ମର 'ପଏଜନ୍ ବେବି' ଗୀତ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଏଥିରେ ଆୟୁଷ୍ମାନ୍, ରଶ୍ମିକାଙ୍କ ସହ ମଲାଇକା ନଜର ଆସିଛନ୍ତି। ଏବେ ଫିଲ୍ମଗୁଡ଼ିକରେ ଆଇଟମ୍ ନମ୍ବର ରଖିବା ଟ୍ରେଣ୍ଡ ଚାଲିଛି। 'ସ୍ତ୍ରୀ ୨'ରେ ତମନ୍ନା ଭାଟିଆଙ୍କ 'ଆଜ୍ କି ରାତ୍' ଗୀତ ବେଶ୍ ଲୋକପ୍ରିୟ ହୋଇଥିଲା। ପୁଣି ଥରେ ମ୍ୟାଡକକ୍ ଫିଲ୍ମ 'ପଏଜନ୍ ବେବି' ଗୀତ ମାଧ୍ୟମରେ ସେମିତି କିଛି ଆଶା ରଖିଛି। ଏହି ଗୀତରେ ମଲାଇକାଙ୍କ କାଚ ଗିଲାସ ସହ ଜବରଦସ୍ତ ନୃତ୍ୟ ଦେଖିବାକୁ ମିଳିଛି। ତେବେ ତିନି ମିନିଟ୍‌ର ଏହି ଗୀତ ପାଇଁ ମଲାଇକା ୨ କୋଟି ନେଇଥିବା କୁହାଯାଉଛି। ଯାହାକି ବେଶ୍ ଅଧିକ ବୋଲି କୁହାଯାଉଛି। ତମନ୍ନା 'ଆଜ୍ କି ରାତ୍' ଗୀତ ପାଇଁ କୋଟିଏ ଟଙ୍କା ନେଇଥିଲେ। ଏହାବାଦ୍ ଅନେକ ତାରକା ଫିଲ୍ମ ପାଇଁ କୋଟିଏ ଟଙ୍କା ନେଉଛନ୍ତି। ଏହି ଗୀତରେ ମଲାଇକା ଓ ରଶ୍ମିକାଙ୍କ ମଧ୍ୟରେ ନୃତ୍ୟ ଟକ୍କର ହେଉଥିବାର ଦେଖାଯାଇଛି। ଏହାର ନିର୍ଦ୍ଦେଶନା ଆଦିତ୍ୟ ସରପୋତଦାର ଦେଇଛନ୍ତି।

## ବାଣଫୁଟା ସାବଧାନ



ଅଧ୍ୟାପକ ମଳୟ କୁମାର ମଲ୍ଲିକ

କାଳିପୂଜା ଛୁଟି ପାଇ ସନାତନ
ହଷ୍ଟେଲୁ ଆସିଛି ସିଏ,
ପୟାଶ୍ରାଦ୍ଧ ପୁଣି ବାଣଫୁଟା ଖୁସି
ଜେଜେ ପାଖେ କହୁଥାଏ ।।
ଏଇବର୍ଷ ଜେଜେ ମହାଧୁମ୍ ଧାମେ
କାଳିପୂଜା କଟାଇବା,
ରକେଟ୍, ହାବେଲି ନଡ଼ିଆ, ସିଙ୍ଗଡ଼ା
ନାନା ବାଣ ଫୁଟାଇବା ।।
ସନା କଥା ଶୁଣି ଉଠିପଡ଼ି ଜେଜେ
ବୁଝାଇ ତାକୁ କହିଲେ,
ଦୀପାବଳି ବୋଲି ମନ ଇଚ୍ଛାବାଣ
ଫୁଟାଇବ ନାହିଁ ପିଲେ ।।
ବାରୁଦରେ ଭିଡ଼ା ବାଣ ତ ହୋଇଛି
ଦଅଡ଼ ପଦାକୁ ଥାଏ,
ଦଅଡ଼ରେ ନିଆଁ ଲଗାଇବା ମାତ୍ରେ
ବାଣ ଯେ' ଫୁଟିଣ ଥାଏ ।।
ନିଆଁ ଲଗାଇବା ବିସ୍ଫୋରଣ ହେବା
ସମୟର ବ୍ୟବଧାନେ,
ଫେରି ନ ଆସିଲେ ଭିନ୍ନକ୍ଷମ ହେବ
ଫୁଟାଇବ ସାବଧାନେ ।।
ଚାଳ ଘରେ ଯଦି ବାଣଫୁଟି ପଡ଼େ
ଜଳିଯିବ ଘରଦ୍ୱାର,
ସତର୍କ ନ ହୋଇ ବାଣ ଫୁଟାଇଲେ
ହୋଇଯିବ ଛାରଖାର ।।
ଦୀପାବଳି ବୋଲି ଲଗାଇବ ଦୀପ
ଜଳାଇବ ଫୁଲଝରି,
ତେଲୁଗୁଣି ବାଣ ତଳେ ଲଗାଇବ
ଆଖି ଠାରୁ ଦୂରକରି ।।

ବ୍ୟାସନଗର, ଯାଜପୁର
ମୋ- ୯୪୩୯୪୪୧୩୫୫



## ପ୍ରହେଳିକା

- ଆଲୋକର ପର୍ବ ଅଟଇ ସିଏ
  କାଳୀଙ୍କର ପୂଜା ଯେଦିନ ହୁଏ
  ଅମାବାସ୍ୟା ରାତି ଅଟଇ ସିନା
  ଆଲୋକିତ ହୁଏ ଜହ୍ନର ବିନା
  ଘରେ ଘରେ ସବୁ ଦୀପ ଜାଳନ୍ତି
  ବଡ଼ବଡୁଆଙ୍କୁ ମନେ ଭାଳନ୍ତି
  ଭାରି ମନଲୋଭା ପରବଟିଏ
  ନାମଟି ତାହାର କହିବ କିଏ?

  ଉ-ଦୀପାବଳି

- ଏମିତି ଅଟଇ ଦରବଟିଏ
  ଦୀପାବଳି ଦିନ ତା' ଲୋଡ଼ାହୁଏ
  ବଡ଼ବଡୁଆ ହୋ ଡାକିଲା ବେଳେ
  ଜାଳୁଥାନ୍ତି ତାକୁ ଦାଣ୍ଡ ଦୁଆରେ
  ରସି, ଜାଳ, ତେଲ ସବୁ ସେ ଦିଏ
  ନାମଟି ତାହାର କହିବ କିଏ?

  ଉ-ନଳିତା

- ଏମିତି ପବିତ୍ର ଅଟଇ ସିଏ
  ଦେବାଦେବୀ ପାଖେ ସେ ଜଳୁଥାଏ
  ଭକତି ଭାବରେ ଯିଏ ଜାଳଇ
  ଈଶ୍ୱରଙ୍କ କୃପା ତାକୁ ମିଳଇ
  ଗୋଟାଏ ସଳିତା ଟିକିଏ ଘିଅ
  ଜାଣିଥିଲେ ତାର ନାମଟି କୁହ?

  ଉ-ଦୀପ



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ,ଯାଜପୁର
ମୋ-୮୩୧୦୩୨୮୩୪୫

## ଆଲୋକର ପର୍ବ ଦୀପାବଳି ଆମ



ସୁଜିତ କୁମାର ମିଶ୍ର

ଆଲୋକର ପର୍ବ ଦୀପାବଳି ଆମ
ପାଳିବା ସଭିଏଁ ମିଶି,
ଦୀପଟେ ଜାଳିବା ପ୍ରତି ଅଗଣାରେ
ପ୍ରେମ ଜ୍ୟୋତି ପରକାଶି ।
ରଙ୍ଗ ବେରଙ୍ଗର ମୁରୁଜରେ ଆମେ
ସଜେଇବା ଘର ଦ୍ୱାର,
ପରସ୍ପର ସ୍ନେହ ଶରଧାରେ ପରା
ବିରାଜିବ ସ୍ୱର୍ଗପୁର ।
ଉଚ୍ଚ ଶବ୍ଦ ଯୁକ୍ତ ବାଣ ଫୋଟକାକୁ
ଆମେ ଫୁଟେଇବା ନାହିଁ,
ଲାଗିଯାଇ ନିଆଁ କୋମଳ ଦେହରେ
ପ୍ରାଣ ନେବ ପୀଡ଼ା ଦେଇ ।
ନିମନ୍ତ୍ରଣ କରି ବନ୍ଧୁ ବାନ୍ଧବଙ୍କୁ
ହୋଇବା ଏକାଠି ପରା,
ମିଠା କ୍ଷୀରି ପୁରୀ ଖୁଆଇ ସଭିଙ୍କୁ
ଦେଖାଇବା ଭାଇଚାରା ।
ଦୁଃଖୀଙ୍କୁ ଭେଟିବା ଲୁହପୋଛି ଦେବା
ଶ୍ରଦ୍ଧାରେ ଜିଣିବା ମନ,
ହୃଦ ତଳେ ତାଙ୍କ ଦୀପଟେ ଜାଳିବା
ପୁଣ୍ୟ ଦୀପାବଳି ଦିନ ।
ଦୀପାବଳି ଆମ ମାଟିର ସଂସ୍କୃତି
ସୁଖ ସମୃଦ୍ଧିର ଭାବ,
ସଭିଙ୍କ ସହିତ ସଭିଏଁ ପାଳିବା
ଭୁଲି ଯେତେ ଭେଦଭାବ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ସୁମନ

## କୃପଣଙ୍କ କୃଷ୍ଣଦର୍ଶନ





ଡ. କାଳିକିଙ୍କର

ଗୋଟିଏ ରାଜ୍ୟରେ ଜଣେ କୃପଣ ବ୍ୟକ୍ତି ରହୁଥିଲେ। ସେ ବହୁତ ଧନବାନ ଥିଲେ ଓ ସୁସ୍ୱାଦୁ ଭୋଜନ ଖାଇବାକୁ ପସନ୍ଦ କରୁଥିଲେ। ସେ କିନ୍ତୁ କୃଷ୍ଣ ଭକ୍ତ ଥିଲେ। ଏକଦା ସେ ତାଙ୍କ ପତ୍ନୀଙ୍କୁ କହିଲେ, ତୁମେ କାହାକୁ କିଛି ଦାନ ଦେବା ଦରକାର ନାହିଁ। କେବଳ ଭଲ ଭଲ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କର ଆମେ ଖାଇବୁ। ପତ୍ନୀ କହିଲେ, କିଛି ଦାନ ଧର୍ମ କଲେ ପୁଣ୍ୟ ମିଳିବ। ଭଗବାନ ଶ୍ରୀକୃଷ୍ଣ ଖୁସି ହେବେ। କୃପଣ ବ୍ୟକ୍ତି ହସିଲେ ଓ କହିଲେ - ଆରେ ମୁଁ କ'ଣ ବୋକା! ସେଥିପାଇଁ ତ ସବୁଦିନ ଭଲ ଭଲ ସୁସ୍ୱାଦୁ ଖାଦ୍ୟ ମୁଁ କୃଷ୍ଣଙ୍କୁ ଖୁଆଏ ଓ ତାପରେ ଆମେ ଖାଉଛେ। ଏହାଠାରୁ ପୁଣ୍ୟ ଆଉ କ'ଣ ଅଛି! ଏହାପରେ ଦୀର୍ଘଶ୍ୱାସ ଛାଡ଼ି ପତ୍ନୀ କହିଲେ ହୋଉ, ପ୍ରଭୁ କୃଷ୍ଣ ଯଦି ଦର୍ଶନ ଦିଅନ୍ତେ ତେବେ ଆମେ ଜାଣିବା କିଛି ପୁଣ୍ୟ ଅର୍ଜନ କରୁଛୁ। କୃପଣ ବ୍ୟକ୍ତି କହିଲେ- ସେଇଟା ମଧ୍ୟ ଆମର ପୂରଣ ହେବ। ଆମକୁ କୃଷ୍ଣଙ୍କ ଦର୍ଶନ ମିଳିବ। ଏମିତି ବହୁତ ବର୍ଷ ବିତିଗଲା। କୃପଣ ବ୍ୟକ୍ତି ନା ଭିକାରୀକୁ ଭିକ ଦିଅନ୍ତି ନା ବୁଭୁକ୍ଷୁଙ୍କୁ ଭୋଜନ ଦିଅନ୍ତି। ସେ ଭାବନ୍ତି ଯେ, କୃଷ୍ଣଙ୍କୁ ପ୍ରସାଦ ଲଗେଇ ଆମେ ଖାଉଛୁ ତାହାହିଁ ଯଥେଷ୍ଟ। ତେବେ ପତ୍ନୀ ଆଉ ଅପେକ୍ଷା କଲେ ନାହିଁ କି ସ୍ୱାମୀଙ୍କ କଥା ମାନିଲେ ନାହିଁ। ସେ ସବୁଦିନ ଅଧିକ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରି ସ୍ୱାମୀଙ୍କୁ ଦେଲେ, ନିଜେ ଖାଇଲେ ଓ ବାହାରେ ବୁଲୁଥିବା କୁକୁର, ବିଲେଇ, ଗାଈ ଗୋରୁ, ଛେଳି, ମେଣ୍ଢା, ଚଢ଼େଇ ଆଦିଙ୍କୁ ଦେଲେ। ଧୀରେ ଧୀରେ ସେ ବାଟ ଦେଇ ଯାଉଥିବା ଭିକାରୀ ଓ ଭୋକିଲା ଲୋକଙ୍କୁ ଖାଦ୍ୟ ଦେଲେ। ପିଲାମାନଙ୍କୁ ଓ ପଶୁପକ୍ଷୀମାନଙ୍କୁ ଖାଦ୍ୟ ଦେବାରେ ସେ ଆନନ୍ଦ ପାଇଲେ। ଦିନେ ମନଦୁଃଖ କରି କୃପଣ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ କହିଲେ- ଲାଗୁଛି, ଏ ଜନ୍ମରେ କୃଷ୍ଣ ଦର୍ଶନ ହୋଇପାରିବ ନାହିଁ। ତୁମକୁ ଦେଇଥିବା କଥା ମୁଁ ରଖିପାରିଲି ନାହିଁ। ପ୍ରଭୁ କୃଷ୍ଣଙ୍କୁ ମୁଁ ଏତେ ଶ୍ରଦ୍ଧାରେ ସବୁଦିନ ସୁସ୍ୱାଦୁ ଭୋଜନର ପ୍ରସାଦ ଲଗାଏ କିନ୍ତୁ ସେ ମୋ ପ୍ରତି ସାମାନ୍ୟ ଦୟା ଦେଖାଇଲେ ନାହିଁ। ପତ୍ନୀ ହସିଲେ ଓ କହିଲେ -ମୁଁ କିନ୍ତୁ କୃଷ୍ଣ ଦର୍ଶନ ପ୍ରାୟ ସବୁଦିନ ଏବେ କରୁଛି। ତେଣୁ ତୁମେ ବ୍ୟସ୍ତ ହୁଅନାହିଁ। ବରଂ ତୁମେ ଚାହିଁଲେ ମଧ୍ୟ କୃଷ୍ଣ ଦର୍ଶନ କରିପାରିବ। କୃପଣ ଲୋକଟି ଆଶ୍ଚର୍ଯ୍ୟ ହୋଇ ପଚାରିଲା- ତୁମେ ଏମିତି କ'ଣ କରୁଛ ଯେ, ତୁମକୁ କୃଷ୍ଣ ଦର୍ଶନ ମିଳୁଛି ଆଉ ମୋତେ ମିଳୁନାହିଁ। କୃପଣଙ୍କର ପତ୍ନୀ କହିଲେ- କାଲି ତୁମେ ବାହାରେ ଯାଇ କୃଷ୍ଣ ଦର୍ଶନ କରିପାରିବ। ତେବେ ମନେରଖ ଯେ, ତୁମେ ସେଥିରେ ପ୍ରସନ୍ନ ବା ଖୁସି ରହିବ। ପ୍ରସନ୍ନ ବା ଖୁସିହେଲେ କୃଷ୍ଣ ଦର୍ଶନ ପାଇବ ନହେଲେ ନାହିଁ। ପରଦିନ କୃପଣ ଲୋକର ପତ୍ନୀ ସୁସ୍ୱାଦୁ ଭୋଜନ ରାନ୍ଧି ପ୍ରଭୁଙ୍କୁ ଲଗାଇଲେ ଓ ବାହାରକୁ ଗଲେ। ବାହାରେ ଅନେକ ପଶୁ, ପକ୍ଷୀ, ଗରିବ ଅସହାୟ ଲୋକେ ଆନନ୍ଦରେ ସେ ରାନ୍ଧିଥିବା ଖାଦ୍ୟଗୁଡ଼ିକୁ ଖାଉଥାନ୍ତି। ପଶୁ, ପକ୍ଷୀ, ମଣିଷ ସମସ୍ତେ ଆନନ୍ଦରେ ଖାଉଥାନ୍ତି। ସେହି ଲୋକମାନେ ଆନନ୍ଦରେ ଜୟ କୃଷ୍ଣ, ଜୟକୃଷ୍ଣ କହୁଥାନ୍ତି। କୃପଣର ଭଣ୍ଡାର ଘରୁ ଦ୍ରବ୍ୟମାନ ବୁହାଯାଉଥାଏ ଓ ରନ୍ଧାଯାଇ ଲୋକଙ୍କୁ ଓ ପଶୁପକ୍ଷୀଙ୍କୁ ଦିଆ ଯାଉଥାଏ। କୃପଣ ସେମାନଙ୍କୁ ଦେଖି ଆନନ୍ଦ ଲାଭ କଲେ ଓ ଲାଗିଲା ଯେମିତି ସେ କୃଷ୍ଣ ଦର୍ଶନ କରୁଛନ୍ତି ସମସ୍ତଙ୍କ ଭିତରେ। ସେ ପତ୍ନୀଙ୍କୁ କହିଲେ ବୁଝିଲ, ମୋ ଭଳି କୃପଣଙ୍କର କୃଷ୍ଣ ଦର୍ଶନ ତୁମେ କରେଇ ପାରିଲ। ପତ୍ନୀ କହିଲେ- ଯେଉଁଠି ଦୟା ଓ ଭଲପାଇବା ସେଇଠି କୃଷ୍ଣ। ମୁଁ ଏକଥା ବୁଝିଲା ଦିନରୁ ପ୍ରଭୁ କୃଷ୍ଣଙ୍କୁ ଦର୍ଶନ କରିଚାଲିଛି। ପ୍ରଭୁ କୃପାରୁ କୃପଣଙ୍କର ମଧ୍ୟ କୃଷ୍ଣ ଦର୍ଶନ ହେଲା ଓ ବ୍ୟକ୍ତି ଜଣକ ସେଇଦିନୁ ଦୟାବାନ ହେଲେ ଓ ଦାନଧର୍ମ କଲେ।

ସୌଭାଗିନୀ ନିବାସ, ରଟିଲୋ, ପୁରୀ
ମୋ-୮୨୪୯୨୧୬୦୬୭

## ତୁମ ଆଙ୍କା ଛବି





ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





ଆର୍ଯ୍ୟା ଯାଦବ
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା






ମୁସ୍କାନ ପ୍ରଧାନ
ସପ୍ତମ ଶ୍ରେଣୀ
ସେଣ୍ଟ ଜାଭିଅର ହାଇସ୍କୁଲ
ଭୁବନେଶ୍ୱର





ସୁଭାଷିନୀ ହାଁସଦା
ସପ୍ତମ ଶ୍ରେଣୀ
ସରକାରୀ ଏସ୍‌ଏସ୍‌ଡି
ଉଚ୍ଚ ବାଳିକା ବିଦ୍ୟାଳୟ
ବହୁବନ୍ଧ, ମୟୂରଭଞ୍ଜ





ଆୟୁଂଶୀ ଆରାଲିନ୍
ତୃତୀୟ ଶ୍ରେଣୀ
ମାଉଣ୍ଟ ଲିଟେରା ଜି ସ୍କୁଲ
ବେଙ୍ଗାଲୁରୁ



পদক নিশ্চিত কলে তন্‌ভী

▶ପୃଷ୍ଠା ୧୬ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-112 ♦SATURDAY ♦18 OCTOBER 2025 ♦PAGE-16 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୧୨ ♦ଶନିବାର ♦୧୮ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୬ ♦ଟ.୬.୦୦

ଭିତର ପୃଷ୍ଠାରେ: ଦୁର୍ଘଟଣାରେ ଗୋଟିଏ ପରିବାରର ୪ ମୃତ

# ଏସ୍‌ସିବି ଏମ୍‌ସ ପ୍ଲସ୍‌କୁ ଧକ୍କା



## କଟକ ବଡ଼ ଡାକ୍ତରଖାନାରେ ୮୯ ମେସିନ୍ ଅଚଳ

■ **କଟକ, ୧୭।୧୦ (ସମିସ):** ୨୦୧୯ ନଭେମ୍ବର ମାସରେ କଟକସ୍ଥିତ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ଏମ୍ସ ପ୍ଲସ ପ୍ରତିଷ୍ଠାନରେ ପରିଣତ କରିବାକୁ ନିଷ୍ପତ୍ତି ନେଇ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର କରିଥିଲେ ୧ ହଜାର କୋଟି ଟଙ୍କା। ମାତ୍ର ପରବର୍ତ୍ତୀ ସମୟରେ ଏହାର ପରିସର ବୃଦ୍ଧି କରାଯାଇଥିଲା। ୨୦୨୧ ଜାନୁଆରୀ ୧ ତାରିଖରେ ଏସ୍‌ସିବି କାର୍ଯ୍ୟ ସମୀକ୍ଷା ସମୟରେ ଏବାବଦ ବ୍ୟୟ ଅଟକଳକୁ ନବୀନ ପଟ୍ଟନାୟକ ୩୫୦୦ କୋଟିକୁ ବୃଦ୍ଧି କରିଥିଲେ। ୧୭୫ ଏକର ଜମିରେ ୩୫୦୦ କୋଟି ଟଙ୍କା ବ୍ୟୟରେ କଟକ ବଡ଼ ଡାକ୍ତରଖାନାକୁ ୨୦୨୪ ଶେଷ ସୁଦ୍ଧା ଏମ୍‌ସ ପ୍ଲସ ପ୍ରତିଷ୍ଠାନରେ ରୂପାନ୍ତରଣ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ଆଧୁନିକୀକରଣ ସହ ୨୨୦୦ ଛାତ୍ରଛାତ୍ରୀଙ୍କ ପାଇଁ ସବୁ ସୁବିଧା ଥିବା ହଷ୍ଟେଲ, ଡ଼ାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ୧୨୮୦ କ୍ୱାର୍ଟର ନିର୍ମାଣ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ସରକାର ପରିବର୍ତ୍ତନ ପରେ ଏସ୍‌ସିବିର ଏମ୍‌ସ ପ୍ଲସ୍ ରୂପାନ୍ତରଣ ଯେମିତି ଅଧାରେ ଅଟକି ଯାଇଛି। ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ି ରହିଛି ଓ ରୋଗୀ ସେବା ମଧ୍ୟ ପ୍ରଭାବିତ ହୋଇଛି। ବିଡ଼ମ୍ବନା ହେଉଛି ଏବେ ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ଏସ୍‌ସିବିରେ ମେସିନ୍ ଉପଲବ୍ଧ ନାହିଁ। ଏପରିକି ବିଭିନ୍ନ ବିଭାଗରେ ୮୯ଟି ଗୁରୁତ୍ୱପୂର୍ଣ୍ଣ ମେସିନ୍ ▶ପୃଷ୍ଠା-୯

**ପୁଲିସ ଚାକିରି ବେପାର**

## ଦିଲ୍ଲୀରୁ ସିଣ୍ଡିକେଟ୍ ଚଳାଉଥିଲା ଶଙ୍କର


- ଗିରଫ ହେଲେଣି ୧୨୩ ଅଭିଯୁକ୍ତ
- ମୁନାକୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ
- ଜବତ ୧୧୦ରୁ ଅଧିକ ମୋବାଇଲର ଫୋରେନସିକ୍ ଯାଞ୍ଚ ହେବ
- ବିଜୟନଗରମ ସହିତ ଦୀଘାକୁ ମଧ୍ୟ ଯାଇଥା'ନ୍ତେ ୧୧୦ରୁ ଅଧିକ ଛାତ୍ରଛାତ୍ରୀ
- ପ୍ରମାଣ ନଷ୍ଟ ପାଇଁ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ଫେରସ୍ତ କରିଥିବା ମହିଳା ଗିରଫ

■ **କଟକ, ୧୭।୧୦ (ସମିସ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ(ଓପିଆରବି) ଦ୍ୱାରା ପରିଚାଳିତ କମ୍ବାଇନ୍‌ଡ ପୁଲିସ୍ ସର୍ଭିସ ପରୀକ୍ଷା(ସିପିଏସଇ) ୨୦୨୪ ନିଯୁକ୍ତି ପାଇଁ ପ୍ରଶ୍ନପତ୍ର ଲିକ୍ ଓ ଚାକିରି ବେପାର ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଏବେ ବି ଫେରାର୍ ରହିଛି। ଏହି ଘଟଣାରେ ଆଜି ସୁଦ୍ଧା ମୋଟ ୧୨୩ଜଣଙ୍କୁ ଗିରଫ କରାଯାଇଥିବା କହିଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର। କ୍ରାଇମବ୍ରାଞ୍ଚ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର ଏହା କହିବା ସହ ଖୁବଶୀଘ୍ର ଶଙ୍କରକୁ ଗିରଫ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏହି ଘଟଣାରେ ଗତକାଲି କଟକ ଜିଲ୍ଲାର ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥରର ବାସିନ୍ଦା ମୁନା ମହାନ୍ତି (୩୨) ଓରଫ୍ ସଦାନନ୍ଦଙ୍କ ସମେତ ତାଙ୍କର ସହଯୋଗୀ ଶ୍ରୀକାନ୍ତ ମହାରଣା, ଟି. ଅଭିମନ୍ୟୁ ଦୋରା ଓ ପ୍ରିୟଦର୍ଶିନୀ ସାମଲଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତ ମୁନାର ୨ଟି ଟିପର୍, ଗୋଟିଏ ସ୍କର୍ପିଓ, ଗୋଟିଏ ମହିନ୍ଦ୍ରା ଥାର୍, ନଗଦ ୧ ଲକ୍ଷ ୨୦ ▶ପୃଷ୍ଠା-୯

## ରିପୋର୍ଟ ମାଗିଲେ ଏସ୍‌ଆଇଟି

■ **ଭୁବନେଶ୍ୱର, ୧୭।୧୦ (ସମିସ):** କଳାଧନ ତଦନ୍ତ ପାଇଁ ଗଠିତ ଏସ୍‌ଆଇଟି ରାଜ୍ୟରେ ହୋଇଥିବା ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ସଂପର୍କରେ ଖୋଳତାଡ଼ କରିବେ। ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଆସନ୍ତା ନଭେମ୍ବର ୭ ତାରିଖରେ କଟକରେ ଏ ସଂପର୍କିତ ଏକ ବୈଠକ ହେବ। ପୁଲିସ ଏସ୍‌ଆଇ ଚାକିରି ଅନିୟମିତତା ଅଭିଯୋଗ ଉପରେ ରାଜ୍ୟ ସରକାର ଏଯାଏଁ କ'ଣ ପଦକ୍ଷେପ ନେଇଛନ୍ତି ଏବଂ ତଦନ୍ତ କେତେଦୂର ଅଗ୍ରଗତି କରିଛି, ସେ ସଂପର୍କରେ ଏସ୍‌ଆଇଟି ରିପୋର୍ଟ ମାଗିଛନ୍ତି। ଏଥିସହିତ ରାଜ୍ୟରେ ଗୁଣିଗାରେଡ଼ି ହତ୍ୟା ସଂପର୍କରେ ସବିଶେଷ ତଥ୍ୟ ଦାଖଲ କରିବା ପାଇଁ ମଧ୍ୟ ଏସ୍‌ଆଇଟି କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କଟକ ବୈଠକରେ କଳାଧନ, ପୁଲିସ ଚାକିରି କେଲେଙ୍କାରୀ ଏବଂ ଗୁଣିଗାରେଡ଼ି ହତ୍ୟା ▶ପୃଷ୍ଠା-୯

**ନଭେମ୍ବର ୭ ରେ କଟକରେ ବୈଠକ**









# ଦୁର୍ଘଟଣାରେ ପରିବାରର ୪ ମୃତ

**କାମାକ୍ଷାନଗର, ୧୭ ।୧୦(ସମିସ):** ଝିଅର 'ସୁକନ୍ୟା' ଟଙ୍କା ବ୍ୟାଙ୍କରେ ଜମା କରିବା ସାଙ୍ଗକୁ ଦୀପାବଳି ପାଇଁ ବଜାରରୁ କିଣାକିଣି କରିଥା'ନ୍ତେ । ଗାଡ଼ି ନେଇ ବାହାରିବାକୁ ବେଳକୁ ସାଙ୍ଗରେ ନେବା ପାଇଁ ଝିଅ, ଝିଆରୀଙ୍କ ଅଝଟ । ତେଣୁ ଦୁହିଁଙ୍କୁ ବାଇକ୍‌ରେ ବସାଇ ବଜାରକୁ ଖୁସି ମନରେ ଆସୁଥିଲେ ଦମ୍ପତି । କିନ୍ତୁ, ନିମିଷକ ଭିତରେ ସବୁ ଓଲଟପାଲଟ ହୋଇଗଲା । କେହି କିଛି ବୁଝିବା ଆଗରୁ ଚାରିଚାରିଟି ଜୀବନ ଅକାଳରେ ଚାଲିଗଲା । ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ଅନ୍ତର୍ଗତ ମାଳପୁରା ଓଭରବ୍ରିଜ୍ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଗୋଟିଏ ପରିବାରର ୪ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୨ଶିଶୁକନ୍ୟା ରହିଛନ୍ତି । ମୃତକମାନେ ହେଲେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳ ଭାବଗ୍ରାହୀ କାରୁଆଁ, ତାଙ୍କ ସ୍ତ୍ରୀ ଜାନକୀ କରୁଆଁ, ଝିଅ ଗୀତାଞ୍ଜଳି କାରୁଆଁ (୬) ଓ ଝିଆରୀ (ଶଳାଙ୍କ ଝିଅ) ନାଣ୍ଡି (୮) ।




ସୂଚନାନୁଯାୟୀ, ଭାବଗ୍ରାହୀ ଯାଜପୁର ଜିଲ୍ଲା କାଳିଆପାଣିସ୍ଥିତ ଇମ୍ଫା କାରଖାନାରେ କାମ କରନ୍ତି । ଆଜି ପୂର୍ବାହ୍ନରେ ସେ ନିଜ ପତ୍ନୀ, ଝିଅ ଓ ଝିଆରୀଙ୍କୁ ସାଙ୍ଗରେ ନେଇ ବଜାରକୁ ଆସୁଥିଲେ । ମାଳପୁରା ଓଭରବ୍ରିଜ୍ ନିକଟରେ ଏକ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଭାବଗ୍ରାହୀ, ତାଙ୍କ ଝିଅ ଗୀତାଞ୍ଜଳି ଓ ଝିଆରୀ ନାଣ୍ଡିଙ୍କ ମୃତ୍ୟୁ ହୋଇଯାଇଥିଲା । ଜାନକୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ, ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ପରିବାରଲୋକେ ମେଡିକାଲରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହ ତଦନ୍ତ ଆରମ୍ଭ କରିଛି ।

### ଭୁଶୁଡ଼ିଲା ମାଓ ସଂଗଠନ

# ଏକାଥରକେ ଆତ୍ମସମର୍ପଣ କଲେ ୧୫୦ ମାଓବାଦୀ




**ମାଲକାନଗିରି, ୧୭ ।୧୦(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଜଗଦଲପୁରରେ ଦିନକରେ ୧୫୦ରୁ ଅଧିକ ମାଓବାଦୀ ଅସ୍ତ୍ର ଛାଡ଼ି ବିଜାପୁର ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସେମାନେ ଜଗଦଲପୁରଠାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ଉପସ୍ଥିତିରେ ଶାନ୍ତିପଥକୁ ଆପଣାଇଛନ୍ତି । ଏହା ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଉଛି । ଅପରପକ୍ଷେ, କେନ୍ଦ୍ରୀୟ କମିଟି ସଦସ୍ୟ ରୂପେଶଙ୍କ ନେତୃତ୍ୱରେ ଇନ୍ଦ୍ରାବତୀ ଏବଂ ମାଡ୍ ଡିଭିଜନର ୧୫୦ରୁ ଅଧିକ ନକ୍ସଲଙ୍କ ଆତ୍ମସମର୍ପଣ ପରେ ମାଓ ସଙ୍ଗଠନ ଏକପ୍ରକାର ଭୁଶୁଡ଼ି ପଡ଼ିଛି ।

ଆତ୍ମସମର୍ପଣ କରିଥିବା ମାଓନେତା ରୂପେଶଙ୍କ ନାମରେ ସରକାର ୫୦ଲକ୍ଷରୁ ଅଧିକ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ । ମାଡ୍ ମାଓ ଡିଭିଜନ୍‌ର ମୁଖ୍ୟ ରୂପେଶଙ୍କ ସହ ଶତାଧିକ ନକ୍ସଲ ପ୍ରଥମେ ଇନ୍ଦ୍ରାବତୀ ନଦୀକୂଳରେ ଏକାଠି ହୋଇଥିବା ବେଳେ ସମସ୍ତଙ୍କୁ ବସ୍ ଯୋଗେ ଜଗଦଲପୁର ନିଆଯାଇଥିଲା । ଏହି ମାଓବାଦୀଙ୍କ ଆତ୍ମସମର୍ପଣ ଖବର ପାଇବା ପରେ ସେମାନଙ୍କ ସୁରକ୍ଷା ପାଇଁ ଯବାନଙ୍କ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି ।

### ବାହାର ରାଜ୍ୟରେ ବଢ଼ୁଛି ଓଡ଼ିଆ ମହିଳାଙ୍କ ପ୍ରତି ବିପଦ

# ୩ ବର୍ଷରେ ୨୩ ଦୁଷ୍କର୍ମ

**ଭୁବନେଶ୍ୱର,୧୭।୧୦(ସମିସ):** ଓଡିଶାରୁ ଅନେକ ଯୁବତୀ, ମହିଳା ରାଜ୍ୟ ବାହାରକୁ ଶିକ୍ଷା ଏବଂ ଚାକିରି ଅନ୍ୱେଷଣରେ ଯାଉଛନ୍ତି । ହେଲେ ସେଠାରେ ସେମାନେ ଗଣଦୁଷ୍କର୍ମ ଏବଂ ହତ୍ୟାର ଶିକାର ହେଉଛନ୍ତି । ଅନ୍ୟ ରାଜ୍ୟ ପୁଲିସ ଯେଉଁଭଳି ଭାବେ ତତ୍ପର ଦେଖାଇବା ତାହା ଦେଖାଉନାହାନ୍ତି । ଯାହାର ଉଦାହରଣ ପଶ୍ଚିମବଙ୍ଗରେ ବାଲେଶ୍ୱର ଡାକ୍ତରୀ ଛାତ୍ରୀ ଗଣ ଦୁଷ୍କର୍ମ ମାମଲାରେ ଦେଖିବାକୁ ମିଳିଛି । ପଶ୍ଚିମବଙ୍ଗ ପୁଲିସ ଏବଂ ସେଠାର ମହିଳା କମିଶନ ସହଯୋଗ କରୁନାହାନ୍ତି । କିନ୍ତୁ ଓଡିଶା ସରକାର ସେଠାର ପୁଲିସ ଏବଂ ପ୍ରଶାସନ ସହ କଥା ହେବା ପରେ ତତ୍ପରତା ଦେଖାଉଛନ୍ତି । ଏହି ଗୋଟିଏ ଘଟଣା ନୁହେଁ ଗତ ୩ ବର୍ଷରେ ୨୩ ଜଣ ମହିଳା ରାଜ୍ୟ ବାହାରେ ଦୁଷ୍କର୍ମ ଓ ୯ ଜଣ ହତ୍ୟାର ଶିକାର ହୋଇଛନ୍ତି ।

ନିକଟରେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଦୁର୍ଗାପୁରରେ ଓଡ଼ିଶାର ଜଣେ ଡାକ୍ତରୀ ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଛନ୍ତି । କଲେଜ କ୍ୟାମ୍ପସ ବାହାରକୁ ଜଣେ ପୁରୁଷ ବନ୍ଧୁଙ୍କ ସହ ଯାଇଥିବା ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ପିଛା କରିବା ସହ ନିଛାଟିଆ ଜାଗାକୁ ଟାଣି ନେଇଥିଲେ । ଜଙ୍ଗଲିଆ ଜାଗାରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଏଯାଏ ୫ ଜଣ ଗିରଫ ହୋଇଛନ୍ତି ଓ ପଶ୍ଚିମବଙ୍ଗରେ ଏହାକୁ ନେଇ ରାଜନୀତି ତୀବ୍ର ହୋଇଛି ।

ସେହିପରି ହାଇଦ୍ରାବାଦରେ ଜଣେ ଓଡ଼ିଆ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ହାଇଦ୍ରାବାଦ ପେଟବଶିରାବାଦ ଅଞ୍ଚଳରେ ମହିଳାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ଏହି ଘଟଣା ଘଟିଛି । ଭରତପୁର ଅଞ୍ଚଳରେ ରହୁଥିବା ଏହି ମହିଳା ଖୋର୍ଦ୍ଧା ବାଣପୁର ଥାନା ଅଞ୍ଚଳର ଗୌତମ ଚରଣ ଘଡାଇଙ୍କୁ ବିବାହ କରିଥିଲେ । ତାଙ୍କର ୪ ବର୍ଷର ପୁଅଟିଏ ରହିଛି । ସ୍ୱାମୀ ଏକ କମ୍ପାନୀରେ ଇଲେକ୍ଟ୍ରୋନିକ ରକ୍ଷଣାବେକ୍ଷଣା ବିଭାଗରେ କାମ କରୁଥିବାବେଳେ କମ୍ୟୁନିଟି ସେଣ୍ଟରରେ ପିଲାଙ୍କୁ ପାଠ ପଢାନ୍ତି ଅନିନ୍ଦିତା । କମ୍ପାନୀ ପରିସରରେ ଥିବା କ୍ୱାର୍ଟରରେ ସେ ରହୁଥିଲେ । ପାସପୋର୍ଟରେ ନାମ ସଂଶୋଧନ ପାଇଁ ତାଙ୍କ ସ୍ୱାମୀ ଭୁବନେଶ୍ୱର ଆସିଥିବାବେଳେ ସମ୍ପୃକ୍ତ ମହିଳାଙ୍କୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିଲା ।

ଗତ ଫେବ୍ରୁଆରୀରେ ତ୍ରିପୁରାରେ ଜଣେ ଓଡ଼ିଆ ମହିଳାଙ୍କୁ ଛୁରୀ ଦେଖାଇ ଗଣ ଦୁଷ୍କର୍ମ କରାଯାଇଥିଲା । ମହିଳା ଏବଂ ତାଙ୍କ ସ୍ୱାମୀ କାମ ଖୋଜିବାକୁ ତ୍ରିପୁରା ଯାଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଏକ ଘରକୁ ନେଇ ଗଣ ଦୁଷ୍କର୍ମ କରିଥିଲେ । ୨୦୨୪ ସେପ୍ଟେମ୍ବର ମାସରେ କର୍ଣ୍ଣାଟକରେ ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ଗଣ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲା । ଯୁବତୀ ଜଣଙ୍କ କାମ କରିବା ପାଇଁ କର୍ଣ୍ଣାଟକ ଯାଇଥିଲେ । ସେଠାରେ ସେ ପହଞ୍ଚିବା ପରେ ମୁଖ୍ୟ ଅଭିଯୁକ୍ତ ସହ ଅନ୍ୟମାନେ ଏକ କାରରେ ଆସି ତାଙ୍କୁ ନେଇଥିଲେ । ଯୁବତୀଙ୍କୁ ଏକ ନିରୋଳା ସ୍ଥାନକୁ ନେଇ ଗଣ ଦୁଷ୍କର୍ମ ପରେ ହତ୍ୟା କରିଥିଲେ । ୨୦୨୪ ନଭେମ୍ବର ୫ରେ ଜଣେ ୩୪ ବର୍ଷିୟ ମହିଳାଙ୍କୁ ଦିଲ୍ଲୀରେ ଗଣ ଦୁଷ୍କର୍ମ କରାଯାଇଥିଲା । ମହିଳା ଜଣଙ୍କ ପରିବାର ଲୋକଙ୍କ ଉପରେ ରାଗି ଦିଲ୍ଲୀ ଯାଇଥିଲେ ଓ ସେଠାରେ ସରାଇକଲେ ଖାନ୍ ଅଞ୍ଚଳରେ ଜଣେ ଆଟୋ ଡ୍ରାଇଭର ସମେତ ୩ଜଣ ତାଙ୍କୁ ଗଣଦୁଷ୍କର୍ମ କରି ଦକ୍ଷିଣ-ପୂର୍ବ ଦିଲ୍ଲୀ ରାସ୍ତା କଡ଼ରେ ଫିଙ୍ଗି ଦେଇଥିଲେ ।

# ଜିରୋ ଏଫ୍‌ଆଇଆର୍ ରୁଜୁ କଲା ଭରତପୁର ଥାନା ପୁଲିସ

**ଭୁବନେଶ୍ୱର, ୧୭ ।୧୦(ସମିସ):** ହାଇଦ୍ରାବାଦରେ ଓଡ଼ିଶା ଶିକ୍ଷୟତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ଦୁଇ ଦିନ ବିତିଛି । ଶିକ୍ଷୟିତ୍ରୀଙ୍କ ମାଆ ଆଜି ଭରତପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରିଛି । ସେପଟେ ମହିଳାଙ୍କ ମୃତଦେହ ଧରି ସ୍ୱାମୀ ଭୁବନେଶ୍ୱର ଆସୁଛନ୍ତି ।



ଅଭିଯୋଗ ଅନୁଯାୟୀ, ଭରତପୁର ଅଞ୍ଚଳର ମହିଳାଜଣଙ୍କ ସ୍ୱାମୀ ଓ ୪ବର୍ଷର ପୁଅ ସହ ତେଲେଙ୍ଗାନାର ପେଟବଶିରାବାଦ ଥାନା ଅନ୍ତର୍ଗତ କୋମପାଲିରେ ରହୁଥିଲେ । ସ୍ୱାମୀ କନଷ୍ଟ୍ରକ୍ସନ

**ହାଇଦ୍ରାବାଦରେ ଶିକ୍ଷୟିତ୍ରୀଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା**

କମ୍ପାନୀରେ ବିଦ୍ୟୁତ୍ ବିଭାଗରେ କାମ କରୁଥିବା ବେଳେ ପତ୍ନୀ ଶ୍ରମିକଙ୍କ ପିଲାମାନଙ୍କୁ ପଢ଼ାଉଥିଲେ । ପାସ୍‌ପୋର୍ଟରେ ନାମ ସଂଶୋଧନ କରିବା ପାଇଁ ସ୍ୱାମୀ ଓ ପୁଅ ଗତ ଶନିବାର ଭୁବନେଶ୍ୱର ଆସିଥିବା ବେଳେ ପତ୍ନୀ କମ୍ପାନୀ ପରିସରରେ ଥିବା କ୍ୱାର୍ଟର୍‌ରେ ଥିଲେ । ବୁଧବାର ରାତିରେ ପତ୍ନୀ ଅସୁସ୍ଥ ହୋଇପଡ଼ିଥିବା କମ୍ପାନୀ କର୍ମଚାରୀଙ୍କଠାରୁ ସ୍ୱାମୀ ଖବର ପାଇଥିଲେ । ଗୁରୁବାର ସେଠାରେ ପହଞ୍ଚିବା ବେଳକୁ ପତ୍ନୀଙ୍କ ମୃତ୍ୟୁ ହୋଇସାରିଥିଲା ।

କମ୍ପାନୀର ଇନଚାର୍ଜ ପତ୍ନୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରିଥିବା ସ୍ୱାମୀ ଜାଣିବାକୁ ପାଇଥିଲେ । ଏ ସଂପର୍କରେ ସେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଓ କମ୍ପାନୀ କର୍ମଚାରୀମାନେ ଘଟଣାକୁ ଚାପି ଦେଇଥିଲେ । ଏପଟେ, ଝିଅକୁ ଦୁଷ୍କର୍ମ କରିବା ପରେ ହତ୍ୟା କରାଯାଇଥିବା ନେଇ ମୃତା ମହିଳାଙ୍କ ମାଆ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ଭରତପୁର ପୁଲିସ ଜିରୋ ଏଫ୍‌ଆଇଆର୍ ରୁଜୁ କରିଛି । ଦଫା ୧୦୩(୧), ୬୪(୧) ଓ ୩୩୧(୩)ରେ ଜିରୋ ଏଫ୍‌ଆଇଆର୍ ରୁଜୁ କରି ପେଟବଶିରବାଦ ଥାନାକୁ ପଠାଇ ଦେଇଛି । ପେଟବଶିରବାଦ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଛି । ମହିଳାଙ୍କ ମୃତଶରୀରକୁ ନେଇ ସ୍ୱାମୀ ଭୁବନେଶ୍ୱର ଅଭିମୁଖେ ଆସୁଛନ୍ତି । ଆସନ୍ତାକାଲି ସକାଳୁ ମୃତଦେହ ଭୁବନେଶ୍ୱରରେ ପହଞ୍ଚିବ ବୋଲି ପରିବାରଲୋକେ କହିଛନ୍ତି ।

# ଓଡ଼ିଶା ଫେରିବେ ଜାମ୍ମୁ-କାଶ୍ମୀରରେ ପ୍ରାଣ ହରାଇଥିବା ୩ ଓଡ଼ିଆ ଶ୍ରଦ୍ଧାଳୁ

**ଭୁବନେଶ୍ୱର, ୧୭।୧୦ (ସମିସ):** ଜାମ୍ମୁ-କାଶ୍ମୀରସ୍ଥିତ ମା' ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ଫେରୁଥିବା ବେଳେ ସେଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ଓଡ଼ିଆ ଶ୍ରଦ୍ଧାଳୁଙ୍କ ମୃତଦେହ ଓଡ଼ିଶା ଫେରିବ । ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ସେମାନଙ୍କ ଶବକୁ ରାଜ୍ୟକୁ ଫେରାଇ ଆଣିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି । ମୃତକମାନେ ହେଲେ, ସୁବର୍ଣ୍ଣପୁର ଜିଲ୍ଲା ତରଭାର ବିଚିତ୍ର କୁମାର, ଯୋଗୀନ୍ଦ୍ର ମଟାରୀ ଏବଂ କବିତା ସାହୁ । ଏହାସହ, ଏହି ଦୁର୍ଘଟଣାରେ ଆହତ ହୋଇଥିବା ସ୍ନେହଲତା ମଟାରୀଙ୍କୁ

**ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ପଦକ୍ଷେପ**

ସେଠାରେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଉଛି ବୋଲି ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାନୁସାରେ, ସୁବର୍ଣ୍ଣପୁର ଜିଲ୍ଲାର ୪ଜଣ ଓଡ଼ିଆ ତୀର୍ଥଯାତ୍ରୀ ଜାମ୍ମୁର କାଟରାଠାରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ । ସେମାନଙ୍କ ମଧ୍ୟରୁ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ ।

# ନାଳରେ ବୁଡ଼ି ୨ ଛାତ୍ର ମୃତ

**ରାଉରକେଲା, ୧୭।୧୦(ସମିସ):** ସ୍ଥାନୀୟ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ବିରକେରା ଗାଁରେ ଥିବା ଘାଗରାଇ ନାଳରେ ବୁଡ଼ି ୨ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତ ଛାତ୍ରଦ୍ୱୟ ହେଲେ, ସେକ୍ଟର -୧୫ ଅଞ୍ଚଳର ଓମ୍ ସୁନା ଓ ସେକ୍ଟର -୧ ଅଞ୍ଚଳର ଅନୁରାଗ ଦାସ । ଶୁକ୍ରବାର ସକାଳ ପ୍ରାୟ ୧୧ଟା ବେଳେ ବିଦ୍ୟାଳୟର ୬ଜଣ ଛାତ୍ର ଘରେ ମିଛ କହି ବିରକେରା ଗାଁରେ ଥିବା ଘାଗରାଇ ନାଳକୁ ବୁଲିବାକୁ ଯାଇଥିଲେ । ସମସ୍ତେ ପାଣିରେ ପଶି ଗାଧୋଇବା ସହ ସେଲ୍‌ଫି ନେଇଥିଲେ । ଏହି ସମୟରେ ଓମ୍ ସୁନା ଓ ଅନୁରାଗ ଦାସ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ । ହଠାତ୍ ସମସ୍ତେ ପାଣିରେ ବୁଡ଼ିବାକୁ ଲାଗିବାରୁ ଚିତ୍କାର କରିଥିଲେ । ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅଭିଜିତ ହୋବୋ, ସୁମିତ ସେଠ୍, ଅଭିଷେକ ସାହୁ ଓ ପ୍ରିତମ ହାସଂଦାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ । ଏହାର କିଛି ଘଣ୍ଟା ପରେ ଓମ୍ ଓ ଅନୁରାଗଙ୍କୁ ଉଦ୍ଧାର କରାଯାଇଥିଲା । ସମସ୍ତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା । ମାତ୍ର ସେଠାରେ ଡାକ୍ତର ଓମ୍ ଓ ଅନୁରାଗଙ୍କୁ ମୃତ ଘୋଷଣା କରିଥିଲେ । ଅନୁରାଗ କଲ୍ୟାଣୀରାୟ ମହାବିଦ୍ୟାଳୟର ଅଧକ୍ଷ କମଳାକାନ୍ତ ଦାସଙ୍କ ପୁଅ ଏବଂ ଓମ୍ ବାବୁଲି ସୁନାଙ୍କ ପୁଅ ବୋଲି ସୂଚନା ମିଳିଛି । ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି ।

# ସାପ କାମୁଡ଼ାରେ ଅଜା-ନାତି ମୃତ

**ଶେରଗଡ଼, ୧୭ ।୧୦ (ସମିସ):** ସାପ କାମୁଡ଼ାରେ ଅଜା-ନାତି ମୃତ । ଗଞ୍ଜାମ ଜିଲ୍ଲା ଶେରଗଡ଼ ଥାନା କରଡ଼ାକଣା ପଞ୍ଚାୟତ ଶବରପଲ୍ଲୀ ଗ୍ରାମରେ ଗୁରୁବାର ରାତିରେ ଏହି ଅଘଟଣ ଘଟିଛି । ମୃତକ ହେଲେ, ଗ୍ରାମର ପଞ୍ଚାନନ ନାଇକ (୫୫) ଓ ତାଙ୍କ ନାତି ରୋଶନ ନାଇକ (୧୦) । ଗୁରୁବାର ରାତିରେ ପଞ୍ଚାନନଙ୍କ ପରିବାର ସଦସ୍ୟ ଖାଇ ପିଇ ଶୋଇଥିଲେ । ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ସାପ ପଞ୍ଚାନନ ଏବଂ ରୋଶନଙ୍କୁ କାମୁଡ଼ି ଦେଇଥିଲା । ଉଭୟଙ୍କ ଚିତ୍କାର ଶୁଣି ପରିବାରଲୋକ ସେମାନଙ୍କୁ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ ।

### ନୂଆପଡ଼ା ଉପନିର୍ବାଚନ

# ଆପରାଧିକ ତଥ୍ୟ ପରିପ୍ରକାଶ ପାଇଁ ପ୍ରାର୍ଥୀଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୭।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କୁ ସମସ୍ତ ପୂର୍ବବର୍ତ୍ତୀ ଆପରାଧିକ ତଥ୍ୟ ପରିପ୍ରକାଶ ପାଇଁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶାବଳୀଗୁଡ଼ିକର ଅନୁପାଳନ ବାଧ୍ୟତାମୂଳକ ବୋଲି କୁହାଯାଇଛି । ତେଣୁ, ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନର ୪୮ ଘଣ୍ଟା ମଧ୍ୟରେ ମୁଦ୍ରିତ ଗଣମାଧ୍ୟମ, ସ୍ୱକୀୟ ଅଫିସିଆଲ ସୋସିଆଲ ମିଡିଆ ଓ ୱେବସାଇଟ୍ ମାଧ୍ୟମରେ ଫର୍ମ-ସି ୭ର ସୁସ୍ପଷ୍ଟ ପରିପ୍ରକାଶ କରିବେ । ରାଜନୈତିକ ଦଳମାନେ ପ୍ରାର୍ଥୀ ଚୟନର ୭୨ଘଣ୍ଟା ମଧ୍ୟରେ ଫର୍ମ-୮ସି ଓ ଫର୍ମ-ସି ୭ର ନକଲ ସଂଲଗ୍ନ କରି ଭାରତ ନିର୍ବାଚନ ଆୟୋଗଙ୍କ ପାଖକୁ ପ୍ରେରଣ କରିବେ । ନୂଆପଡ଼ା ଉପନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ୨୦ ଅକ୍ଟୋବର ୨୦୨୫କୁ ଧାର୍ଯ୍ୟ କରାଯାଇଛି । ଫର୍ମାଟ୍-ସି(ଏ)କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଜରିଆରେ ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯିବ । ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୨୪ ରହିଥିବା ବେଳେ ନିର୍ବାଚନ ଆୟୋଗଙ୍କ ନିକଟରେ ଫର୍ମ ୭ ଏକୁ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯିବ ବୋଲି ଏଥିରେ ଦର୍ଶାଯାଇଛି । ଉପରୋକ୍ତ ସମସ୍ତ ଦସ୍ତାବିଜ୍ ଇ-ମେଲ୍ ଜରିଆରେ ନିର୍ବାଚନ ଆୟୋଗ ନିକଟରେ ଦାଖଲ ହେବ । ଉପରୋକ୍ତ ନିର୍ଦ୍ଦେଶାବଳୀକୁ ପାଳନ ନକଲେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ଭାବରେ ବିବେଚିତ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ କୁହାଯାଇଛି ।


# ଓଡ଼ିଶା ଫେରିବେ ଜାମ୍ମୁ-କାଶ୍ମୀରରେ ପ୍ରାଣ ହରାଇଥିବା ୩ ଓଡ଼ିଆ ଶ୍ରଦ୍ଧାଳୁ

**ଭୁବନେଶ୍ୱର, ୧୭।୧୦ (ସମିସ):** ଜାମ୍ମୁକାଶ୍ମୀରସ୍ଥିତ ମା' ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ଫେରୁଥିବା ବେଳେ ସେଠାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୩ ଓଡ଼ିଆ ଶ୍ରଦ୍ଧାଳୁଙ୍କ ମୃତଦେହ ଓଡ଼ିଶା ଫେରିବ । ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ସେମାନଙ୍କ ଶବକୁ ରାଜ୍ୟକୁ ଫେରାଇ ଆଣିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି । ମୃତକମାନେ ହେଲେ ସୁବର୍ଣ୍ଣପୁର ଜିଲ୍ଲା ତରଭାର ବିଚିତ୍ର କୁମାର, ଯୋଗୀନ୍ଦ୍ର ମଟାରୀ ଏବଂ କବିତା ସାହୁ । ଏହାସହ, ଏହି ଦୁର୍ଘଟଣାରେ ଆହତ ହୋଇଥିବା ସ୍ନେହଲତା ମଟାରୀଙ୍କୁ ସେଠାରେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଉଛି ବୋଲି ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାନୁସାରେ, ସୁବର୍ଣ୍ଣପୁର ଜିଲ୍ଲାର ୪ଜଣ ଓଡ଼ିଆ ତୀର୍ଥଯାତ୍ରୀ ଜାମ୍ମୁର କାଟରାଠାରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ । ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ ।


**ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ପଦକ୍ଷେପ**


# କାଳ ହେଲା ଷ୍ଟଣ୍ଟ କରିବା | ପେଟ୍ରୋଲ ନିଆଁରେ ପୋଡ଼ି ନବମ ଛାତ୍ର ଗୁରୁତର

**ବ୍ରହ୍ମଗିରି, ୧୭।୧୦ (ସମିସ):** ପାଟିରୁ ନିଆଁହୁଳା ବାହାର କରିଥା'ନ୍ତେ । ତେଣୁ, ଜଣେ ପାଟିରେ ପେଟ୍ରୋଲ ପୂରାଇଥିବା ବେଳେ ଅନ୍ୟ ଜଣେ ମୁହଁ ଆଗରେ ଦିଆସିଲି ଲଗାଇଥିଲା । ବିଚ୍ଛାମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରାଇବା ଭଳି ଏଭଳି ବିପଜ୍ଜନକ ଷ୍ଟଣ୍ଟ ଆଜି ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ମହଙ୍ଗା ପଡ଼ିଛି । ପେଟ୍ରୋଲ ନିଆଁରେ ପୋଡ଼ି ହୋଇ ସେ ଗୁରୁତର ଆହତ ହୋଇଛନ୍ତି । ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ଖଜୁରିଆ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଆଜି ଏହି ଅଘଟଣ ଘଟିଛି । ଗୁରୁତର ଛାତ୍ରଜଣଙ୍କ ହେଲେ, ଧର୍ମକୀର୍ତ୍ତି ଗ୍ରାମର ଓମ୍ ସତ୍ୟପ୍ରକାଶ ସାହୁ (୧୪) । ତାଙ୍କୁ ପ୍ରଥମେ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି । ସ୍କୁଲର ପ୍ରଧାନଶିକ୍ଷକ ଶିବରାମ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଆଜି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବେଳେ ଏହି ଅଘଟଣ ଘଟିଥିଲା । ସତ୍ୟପ୍ରକାଶ ଓ ତା'ର ଜଣେ ସାଙ୍ଗ ଏକ ପେଟ୍ରୋଲ ବୋତଲ ନେଇ ସ୍କୁଲକୁ ଆସିଥିଲେ । ଓମ୍ ପାଟିରେ ପେଟ୍ରୋଲ ପୂରାଇଥିବା ବେଳେ ସିପୁନ ଦିଆସିଲି ମାରି ତା' ମୁହଁ ଆଗରେ ଦେଖାଇଥିଲା । ତେବେ ଏ ସଂପର୍କରେ ଆହୁରି ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି ।

**ଗୁରୁତର ଅବସ୍ଥାରେ ଏମ୍ସକୁ ଭର୍ତ୍ତି**

**ସ୍କୁଲ ପରିସରକୁ ପେଟ୍ରୋଲ ଆସିଲା କିପରି ?**



ଉଲ୍ଲେଖଯୋଗ୍ୟ, ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ନେବା ଏବଂ କୌଣସି ଦୋକାନରେ ଖୋଲାରେ ପେଟ୍ରୋଲ ବିକ୍ରି ପାଇଁ ରାଜ୍ୟ ସରକାର କଟକଣା ଜାରି କରିଥିବା ବେଳେ ସ୍କୁଲ ପରିସରକୁ କିଭଳି ପେଟ୍ରୋଲ ଆସିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି, ସ୍କୁଲର ଦୁଇ ଛାତ୍ର ଏପରି ଦୁଃସାହସିକ କାର୍ଯ୍ୟ କରୁଥିବା ସ୍କୁଲ ଶିକ୍ଷକ/ଶିକ୍ଷୟିତ୍ରୀମାନେ କ'ଣ କରୁଥିଲେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି ।

# ପୀତବାସ ହତ୍ୟାକାଣ୍ଡକୁ ୧୨ ଦିନ ବିତିଲା | ରହସ୍ୟ ଭେଦିପାରୁନି ପୁଲିସ



**କର୍ପୋରେଟର, ମଦ ବ୍ୟବସାୟୀ ଓ ପୂର୍ବତନ ଛାତ୍ରନେତାଙ୍କ ସମେତ ୮ ଅଟକ**

**ମେଳ ଖାଉଛି କାହ୍ନୁ ପତିଙ୍କ 'ଆନ୍ଧ୍ର ବନ୍ଧୁକ ଓ ବିହାରୀ କିଲର୍' ବୟାନ**

**ହତ୍ୟାର କାରଣ ଓ ସୁପାରି ପରିମାଣର ଖୋଳତାଡ଼ କରୁଛି ପୁଲିସ**

**ବ୍ରହ୍ମପୁର, ୧୭।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ୧୨ ଦିନ ବିତିଛି । ତଦନ୍ତରେ ଯଦିଓ ଅଗ୍ରଗତି ଘଟିଛି ଏବଂ ପୁଲିସକୁ କିଛି ସଫଳତା ମିଳିଛି, ତଥାପି ଏପର୍ଯ୍ୟନ୍ତ ହତ୍ୟାକାଣ୍ଡର ରହସ୍ୟ ଭେଦ କରିପାରିନି ପୁଲିସ । ବର୍ତ୍ତମାନ ସୁଦ୍ଧା ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୮ ଜଣଙ୍କୁ ଅଟକ ରଖି ଜେରା କରାଯାଉଛି । ଅଟକଙ୍କ ମଧ୍ୟରେ ବିହାରର ୨ଜଣ, ପଶ୍ଚିବଙ୍ଗରୁ ଜଣେ, ଦିଲ୍ଲୀରୁ ଜଣେ, ଆନ୍ଧ୍ରପ୍ରଦେଶରୁ ଜଣେ ଏବଂ ବ୍ରହ୍ମପୁରରୁ ୩ଜଣ ସାମିଲ ଥିବା ଜଣାପଡ଼ିଛି । ପଶ୍ଚିବଙ୍ଗରୁ କାବୁ କରାଯାଇଥିବା ଯୁବକଜଣଙ୍କ ଗଞ୍ଜାମ ଜିଲ୍ଲା ଏରେଣ୍ଡ୍ରା ଅଞ୍ଚଳର ବୋଲି ସୂଚନା ମିଳିଛି । ସେହିଭଳି ବ୍ରହ୍ମପୁରର ଜଣେ ପୂର୍ବତନ ଛାତ୍ରନେତାଙ୍କୁ ଦିଲ୍ଲୀରୁ ପୁଲିସ ଉଠାଇ ଆଣିଥିବା ବେଳେ ସେ ଗଜପତିନଗର ନିବାସୀ ବୋଲି କୁହାଯାଉଛି । ଅନୁରୂପ ଭାବେ ସହରର ଜଣେ ଜଣାଶୁଣା ମଦ ବ୍ୟବସାୟୀଙ୍କ ସମେତ ଜଣେ କର୍ପୋରେଟର୍‌ଙ୍କୁ ମଧ୍ୟ ପୁଲିସ ଅଟକ ରଖି ଜେରା କରୁଛି । ଅଟକ କର୍ପୋରେଟର୍‌ଙ୍କୁ ୩ ଦିନ ଧରି ଜେରା କରାଯାଉଥିବା ବେଳେ ଦିଲ୍ଲୀରୁ କାବୁ ହୋଇଥିବା ପୂର୍ବତନ ଛାତ୍ରନେତାଙ୍କ ମୋବାଇଲ ଓ ସିମ୍‌କୁ ପୁଲିସ ଜବତ କରିଛି । ସୁପାରି କିଲରଙ୍କୁ ସହଯୋଗ କରିଥିବା ତଥା ରେକି ଟିମ୍‌ରେ ସାମିଲ ଥିବା ଜଣେ ଯୁବକଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖପାଟଣାରୁ କାବୁ କରାଯାଇ ଜେରା କରାଯାଉଛି ।

ଅନ୍ୟପକ୍ଷରେ, ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ ଯୋଗୁ ପୁଲିସ ସୁପାରି କିଲରଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ ହୋଇଥିଲା । ବ୍ରହ୍ମପୁରରେ ଅବସ୍ଥାନ ସମୟରେ ଜଣେ ବିହାରି ସୁପାରି କିଲର ନିଜର ସମ୍ପର୍କୀୟ ଭାଇଙ୍କ ଆକାଉଣ୍ଟକୁ କିଛି ଟଙ୍କା ପଠାଇଥିଲେ । ନିଜ ନିକଟରେ ଥିବା ନଗଦ ଟଙ୍କାକୁ ପଠାଇବାରେ ସମସ୍ୟା ହେବାରୁ ସେ ସ୍ଥାନୀୟ ଗୋଇଲୁଣ୍ଡିସ୍ଥିତ ଏକ ରିଚାର୍ଜ ଦୋକାନକୁ ଯାଇ ସମ୍ପୃକ୍ତ ଦୋକାନୀଙ୍କୁ ନଗଦ ଟଙ୍କା ଦେଇ ଅନ୍‌ଲାଇନରେ ସମ୍ପର୍କୀୟ ଭାଇଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ । ସେମାନଙ୍କ ନିକଟରେ ପହଞ୍ଚିବାରେ ପୁଲିସ ପାଇଁ ଏହା ସହାୟକ ହୋଇଥିଲା । ସୁପାରି କିଲର୍ ବିହାରୀ ହୋଇଥିଲେ ହେଁ ହତ୍ୟାକାଣ୍ଡରେ ଆନ୍ଧ୍ର ବନ୍ଧୁକ ବ୍ୟବହାର ହୋଇଥିବା ନେଇ ସନ୍ଦେହ ଘନୀଭୂତ ହୋଇଛି । ଫଳରେ ପୀତବାସଙ୍କ ହତ୍ୟାକୁ ନେଇ ପୂର୍ବତନ ଜିଲ୍ଲା ବିଜେପି ସଭାପତି କାହ୍ନୁ ପତିଙ୍କ ବୟାନ ଓ ତଦନ୍ତର ଦିଗରେ ଅନେକ ସାମଞ୍ଜସ୍ୟ ରହୁଥିବା ଦେଖିବାକୁ ମିଳିଛି ।

ପୂର୍ବରୁ ଯଦିଓ କାହ୍ନୁ ପତିଙ୍କ ମନ୍ତବ୍ୟକୁ ନେଇ ଅନେକେ ଅସନ୍ତୋଷବ୍ୟକ୍ତ କରିଥିଲେ, କିନ୍ତୁ ସେଥିରେ ଅନେକାଂଶରେ ସତ୍ୟତା ଥିବା କୁହାଯାଉଛି । କାହ୍ନୁ କୌଣସି ସୂତ୍ରରୁ ଖବର ପାଇବା ପରେ ହିଁ ଗଣମାଧ୍ୟମକୁ ଏଭଳି ମନ୍ତବ୍ୟ ଦେଇଥିଲେ । ଏପରିକି, ସୁପାରି କିଲରମାନେ ସେପ୍ଟେମ୍ବର ୨୬ରୁ ପୀତବାସଙ୍କୁ ପିଛା କରୁଥିବା ନେଇ କାହ୍ନୁ ବୟାନ ଦେଇଥିବା ବେଳେ ଉଭୟ ସୁପାରିକିଲର୍ ସେପ୍ଟେମ୍ବର ୧୨ରୁ ବ୍ରହ୍ମପୁରକୁ ଆସିଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ ବେଳେ ସ୍ପଷ୍ଟ ଜଣାପଡ଼ିଛି । ରାଜ୍ୟ ବାହାରୁ ଆମଦାନୀ ହୋଇଥିବା ସୁପାରୀ କିଲରଙ୍କୁ ପୀତବାସଙ୍କ ହତ୍ୟା ପାଇଁ କେତେ ଟଙ୍କାର ଡିଲ୍ ହୋଇଥିଲା ଏବଂ କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଥିଲା, ସେନେଇ ଅଟକ ବ୍ୟକ୍ତିଙ୍କଠାରୁ ତଥ୍ୟ ଓଗାଳିବାକୁ ଚେଷ୍ଟା କରୁଛି ପୁଲିସ । ସେହିଭଳି ଚିହ୍ନଟ ଦୁଇ ସୁପାରି କିଲରଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ଅନ୍ୟ ଜଣେ ଫେରାର୍ ରହିଛି । ଫଳରେ ଫେରାର୍ ସୁପାରି କିଲରର ଭାଇକୁ ପୁଲିସ ଉଠାଇ ଆଣିଛି । ଆମ୍ବପୁଆ ରିଜର୍ଭ ପୁଲିସ ବାରାକ୍‌ରେ ଅଟକ ସମସ୍ତ ୮ ଜଣଙ୍କୁ ଜେରା କରୁଛି । ହତ୍ୟାକାଣ୍ଡ ପଛରେ ବାଲି ଚାଲାଣ ଲିଙ୍କ୍ ଏକ ପ୍ରମୁଖ କାରଣ ବୋଲି ସାଧାରଣରେ ଆଲୋଚନା ହେଉଛି ।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କ ବିରୋଧରେ ମନ୍ତବ୍ୟ

# ୫ ବିଦ୍ୟାର୍ଥୀ ବହିଷ୍କୃତ

**କୋରାପୁଟ, ୧୭।୧୦ (ସମିସ):** ବିଭାଗୀୟ ମୁଖ୍ୟଙ୍କ ସମେତ ଅନ୍ୟ ଅଧ୍ୟାପକମାନଙ୍କ ସମ୍ପର୍କରେ ହ୍ୱାଟ୍‌ସଆପ୍ ଗ୍ରୁପରେ ଅଶ୍ଳୀଳ ଭାଷାରେ ଟିକାଟିପ୍ପଣୀ ପୋଷ୍ଟ କରିବା ଅଭିଯୋଗରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଜଣେ ଛାତ୍ରୀଙ୍କ ସହ ୫ଜଣଙ୍କୁ ବହିଷ୍କାର କରାଯାଇଛି । ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସଂପୃକ୍ତ ଛାତ୍ରଛାତ୍ରୀ କିମ୍ବା ସେମାନଙ୍କ ଅଭିଭାବକଙ୍କ ସହ ଆଲୋଚନା ନକରି, ତରବରିଆ ଭାବେ ୫ଜଣ ବିଦ୍ୟାର୍ଥୀଙ୍କୁ ଅନୁଷ୍ଠାନରୁ ବଧ୍ୟତାମୂଳକ ଭାବେ ବାହାର କରିଦେବା ଘଟଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି । କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟଠାରେ କୃଷି ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଏକ ବ୍ୟକ୍ତିଗତ ହ୍ୱାଟ୍ସଆପ୍ ଗ୍ରୁପ୍ କରି ବିଭିନ୍ନ ବିଷୟରେ ଗ୍ରୁପ୍‌ରେ ପୋଷ୍ଟ କରିଥାନ୍ତି । କିଛି ଛାତ୍ର ଗତ ମାସରେ ଉକ୍ତ ଗ୍ରୁପ୍‌ରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଓ ଅନ୍ୟ ସହକର୍ମୀଙ୍କ ବିଷୟରେ ଅଶ୍ଳୀଳ ଟିପ୍ପଣୀ ସବୁ ପୋଷ୍ଟ କରିଥିଲେ । ଗ୍ରୁପ୍‌ର ଜଣେ ସଦସ୍ୟ ଉକ୍ତ ଟିପ୍ପଣୀଗୁଡ଼ିକ ବିଭାଗୀୟ ମୁଖ୍ୟ ଅଧ୍ୟାପିକାଙ୍କୁ ପଠାଇଥିଲେ ।

## ୨୦ ତାରିଖରେ ଦୀପାବଳି ଛୁଟି!

**ଭୁବନେଶ୍ୱର, ୧୭।୧୦(ସମିସ):** ଆସନ୍ତା ୨୦ ତାରିଖ ଅର୍ଥାତ ସୋମବାର ଦିନ ଦୀପାବଳି ପାଇଁ ସରକାରୀ ଛୁଟି ରହିବ। ରାଜସ୍ୱ ବିଭାଗ ପକ୍ଷରୁ ୨୦ ତାରିଖକୁ ଛୁଟି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରସ୍ତାବ ଦିଆଯାଇଥିଲା। ଏହାପରେ ସୋମବାରକୁ ଛୁଟି ଘୋଷଣା କରାଯାଇଥିବା ନେଇ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। କାରଣ ପୂର୍ବରୁ ସରକାରୀ କ୍ୟାଲେଣ୍ଡରରେ ରାଜ୍ୟ ସରକାର ୨୧ ତାରିଖକୁ ଦୀପାବଳି ଛୁଟି ଭାବେ ଘୋଷଣା କରିଥିଲେ। ହେଲେ ଦୀପାବଳି ପାଳନ ନେଇ ଅନେକ ସ୍ଥାନରେ ଦ୍ୱନ୍ଦ୍ୱ ଉପୁଜିବା ପରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପର୍ଯ୍ୟନ୍ତ କଥା ଯାଇଥିଲା। ପରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ବୈଠକ ହୋଇ ରାଜ୍ୟରେ ୨୦ରେ ଦୀପାବଳି ଏବଂ ପଯାଶ୍ରାଦ୍ଧ ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାପରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଛୁଟିକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ଏହାରି ମଧ୍ୟରେ ସରକାର ୨୦ ତାରିଖକୁ ଆପତତଃ ଛୁଟି ଘୋଷଣା କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।

## ନୂଆପଡ଼ା ସମର | ବିଜେଡିର ୪୦ ବ୍ରିଗେଡ୍

**ଭୁବନେଶ୍ୱର, ୧୭।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ନିଜର ଷ୍ଟାର କ୍ୟାମ୍ପେନର (ତାରକା ପ୍ରଚାରକ) ତାଲିକା ଜାରି କରିଛି। ଦଳ ପକ୍ଷରୁ ଜାରି ହୋଇଥିବା ୪୦ ଜଣିଆ ତାରକା ପ୍ରଚାରକ ତାଲିକାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୀର୍ଷରେ ରହିଛନ୍ତି। ଏହାସହିତ ଦଳ ଷ୍ଟାର ପ୍ରଚାରକ ଭାବେ ବହୁ ବରିଷ୍ଠ ନେତାଙ୍କ ସମେତ ଯୁବ ନେତୃତ୍ୱ ବିଧାୟକ ଓ ସାଂସଦମାନଙ୍କୁ ମଧ୍ୟ ଏଥିରେ ସାମିଲ କରିଛି।

**୪୦ ତାରକା ପ୍ରଚାରକଙ୍କ ତାଲିକା ଜାରି**

୪୦ ଜଣିଆ ତାଲିକାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଂଜନ ପୂଜାରୀ, ଡଃ ଅରୁଣ କୁମାର ସାହୁ, ପ୍ରତାପ ଦେବ, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଂଜୟ କୁମାର ଦାସବର୍ମା, ଦିବ୍ୟଶଙ୍କର ମିଶ୍ର, କଳିକେଶ ନାରାୟଣ ସିଂହଦେଓ, ସାରଦା ନାୟକ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରୀତିରଂଜନ ଘଡାଇ, ଟୁକୁନି ସାହୁ, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ପ୍ରଦୀପ କୁମାର ଦିଶାରୀ, ସରୋଜ କୁମାର ମେହେର, ରୋହିତ ପୂଜାରୀ, ମୁନ୍ନା ଖାଁ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ଯୋଗେଶ ସିଂହ, ନିରଂଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝୀ, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଂଜନ ବିଶ୍ୱାଳ, ସୁବାସିନୀ ଜେନା, ବର୍ଷା ସିଂହ ବରିହା, ଦୀପାଳି ଦାସ, ମନୋରମା ମହାନ୍ତି, ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ପ୍ରମୁଖ ଟିମ୍‌ରେ ସାମିଲ ଅଛନ୍ତି।




ଏହା ପୂର୍ବରୁ ଗୁରୁବାର ନୂଆପଡ଼ାରେ ପ୍ରଚାର କାର୍ଯ୍ୟକ୍ରମକୁ କିପରି ସଂଗଠିତ, ଯୋଜନାବଦ୍ଧ ତଥା ସଫଳ ଭାବେ ତୁଲାଇ ହେବ ସେନେଇ ବିଜେଡି ଏକ ୫୨ ଜଣିଆ ଟିମ୍ ଗଠନ କରିଛି। ନିଜେ ବିଜେଡି ସଭାପତି ଏହି ଟିମ୍ ଘୋଷଣା କରିବା ସହିତ ବ୍ଲକ୍‌ୱାରୀ ନେତାଙ୍କୁ ମାନଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ନୂଆପଡ଼ା ଓ କୋମନା ବ୍ଲକରେ ପ୍ରଚାର କାର୍ଯ୍ୟକ୍ରମ ତଦାରଖ ପାଇଁ ମୋଟ ୧୮ ଜଣ ଲେଖାଏଁ ୨ ଟି ଟିମ୍ ଓ ଖରିଆର୍ ରୋଡ ଏନଏସି ଏବଂ ନୂଆପଡ଼ା ଏନଏସି ପାଇଁ ୮ ଜଣ ଲେଖାଏଁ ୧୬ ଜଣ ନେତାଙ୍କୁ ନବୀନ ଦାୟିତ୍ୱ ପ୍ରଦାନ କରିଛନ୍ତି।

## କଠୋର ହେଲା ପରିବହନ ବିଭାଗ | ଅଭ୍ୟାସଗତ ଉଲ୍ଲଙ୍ଘନକାରୀଙ୍କ 'ଆର୍‌ସି' ରଦ୍ଦ ହେବ

**କଟକ, ୧୭।୧୦(ସମିସ):** ଏଣିକି ଅଭ୍ୟାସଗତ ଭାବେ ମୋଟରଯାନ ଆଇନ ନିୟମ ଉଲ୍ଲଙ୍ଘନକାରୀଙ୍କ ଗାଡ଼ିଗୁଡ଼ିକର ପଞ୍ଜୀକରଣ ପ୍ରମାଣପତ୍ର (ଆରସି) ରଦ୍ଦ କରାଯିବ। ପରିବହନ କମିସନରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଛି। ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ) ପକ୍ଷରୁ ଏହି ଉଲ୍ଲଂଘନକାରୀମାନଙ୍କ ତାଲିକା ପ୍ରସ୍ତୁତ କରାଯିବା ସହ ସେମାନଙ୍କୁ ଚାଲାଣ ପୈଠ କରିବାକୁ ପଞ୍ଜିକୃତ ନମ୍ବରରେ ସୂଚନା ପ୍ରଦାନ କରାଯିବ। ଏହାପରେ ବି ନିୟମ ଉଲ୍ଲଙ୍ଘନକାରୀ ବକେୟା ଚାଲାଣ ପୈଠ ନ କଲେ, ମୋଟରଯାନ ଆଇନ ଅନୁଯାୟୀ ଆରଟିଓମାନେ ନୋଟିସ୍ ପଠାଇବେ। ରାସ୍ତାରେ ଅନ୍ୟମାନଙ୍କ ପାଇଁ ବିପଦ ସାଜୁଥିବା ଏଭଳି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ପଦକ୍ଷେପ ନେବାକୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପରିବହନ ଆୟୁକ୍ତ।

ବୈଠକରେ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀଙ୍କ ସହ ସମସ୍ତ ଉପ-ପରିବହନ ଆୟୁକ୍ତ, ଆର୍‌ଟିଓ, ଅତିରିକ୍ତ ଆର୍‌ଟିଓ ପ୍ରମୁଖ ଆଭାସୀରେ ଯୋଗ ଦେଇଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଅଧିକ ସଂଖ୍ୟାରେ ଚାଲାଣ ବକେୟା ଥିବା ଗାଡ଼ିର ତାଲିକା ପ୍ରସ୍ତୁତ କରାଯିବ।



## ଫେବୃଆରୀ ତୃତୀୟ ସପ୍ତାହରୁ +୨ ପରୀକ୍ଷା

**ଭୁବନେଶ୍ୱର, ୧୭।୧୦(ସମିସ):** ଯୁକ୍ତ ଦୁଇ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚ୍‌ଏସ୍‌ଇ। ଏକ୍ସ ରେଗୁଲାର୍ ଛାତ୍ରଛାତ୍ରୀଙ୍କ ପାଇଁ ଫର୍ମ ପୂରଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୦ ତାରିଖରୁ ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ହେବ। ସେହିପରି ଡିସେମ୍ବର ୨୨ତାରିଖରୁ ଇଣ୍ଟରନାଲ୍ ପରୀକ୍ଷା କରିବା ପାଇଁ ବିଦ୍ଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି। ଏହାପରେ ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଚଳିତ ବର୍ଷ ନୂତନ ଭାବେ ୮୯ ପରୀକ୍ଷା କେନ୍ଦ୍ର ଖୋଲିବ। ସମୁଦାୟ ୧୩୪୯ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ ରୁ ୨୫ ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ। ଏହା ପୂର୍ବରୁ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏଚ୍‌ଏସ୍‌ଇ ବ୍ୟାପକ ପ୍ରସ୍ତୁତି ଜାରି ରଖିଛି। ଏକ୍ସ-ରେଗୁଲାର ପିଲାଙ୍କ ଫର୍ମ ପୂରଣ ଜାରି ରହିଥିବାବେଳେ ଆସନ୍ତା ୨୨ ତାରିଖ ଯାଏଁ ଚାଲିବ। ସେହିପରି ରେଗୁଲାର୍ ଛାତ୍ରଛାତ୍ରୀମାନେ ଆସନ୍ତା ୨୦ରୁ ନଭେମ୍ବର ୬ ତାରିଖ ମଧ୍ୟରେ ବିନା କୌଣସି ଫାଇନ୍‌ରେ ଫର୍ମ ପୂରଣ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ ପୂରଣ କରିପାରି ନ ଥିବା ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀମାନେ ନଭେମ୍ବର୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିପାରିବେ। ଡିସେମ୍ବର ୨୨ ତାରିଖରୁ ଯୁକ୍ତ ଦୁଇ ଇଣ୍ଟରନାଲ ପରୀକ୍ଷା ଆରମ୍ଭ ହେବ। ଦୁଇଟି ସ୍ଲଟରେ ଜାନୁଆରୀ ୧୫ ତାରିଖ ଯାଏଁ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ। ପ୍ରଥମ ସ୍ଲଟରେ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ ଆସେସମେଣ୍ଟ, ପ୍ରୋଜେକ୍ଟ ମୂଲ୍ୟାଙ୍କନ ଓ ମୌଖିକ ପରୀକ୍ଷା ସରିବ। ଏହାପରେ ଦ୍ୱିତୀୟ ସ୍ଲଟରେ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଏହି ସମୟରେ ପରୀକ୍ଷା ଦେଇପାରି ନଥିବା ଛାତ୍ରଛାତ୍ରୀଙ୍କୁ ଜାନୁଆରୀ ୧୦ ରୁ ୧୫ ତାରିଖ ମଧ୍ୟରେ ପରୀକ୍ଷା ଦେବାକୁ ଆଉ ଏକ ସୁଯୋଗ ମିଳିବ।

**ନୂତନ ଭାବେ ଖୋଲିବ ୮୯ ପରୀକ୍ଷା କେନ୍ଦ୍ର**

ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗ ରୁମ୍ ସମେତ ପରୀକ୍ଷା ହଲ୍, ଲାବୋରାଟୋରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏଚ୍‌ଏସ୍‌ଇ ଗୁରୁତ୍ୱ ଦେଇଛି। ବିଶେଷ କରି ପ୍ରଥମଥର ପାଇଁ ସେଣ୍ଟର ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ମଧ୍ୟ ନଭେମ୍ବର ୨୯ ତାରିଖ ସୁଦ୍ଧା ସିଏଚ୍‌ଏସ୍‌ଇକୁ ପ୍ରଦାନ କରିବେ। ଫଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧାପ୍ରସାରଣ ଦେଖିବା ସହ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇ ପାରିବ। କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

**ପୁଲିସ୍ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା**

## ଜେଲରେ ଜେରା କରିବ କ୍ରାଇମବ୍ରାଞ୍ଚ

**ବ୍ରହ୍ମପୁର, ୧୭।୧୦ (ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ପୂର୍ବରୁ ୧୧୯ଜଣ ଗିରଫ ହୋଇଥିବା ବେଳେ ମୁନା ମହାନ୍ତିଙ୍କ ସମେତ ୪ଜଣ ଗିରଫ ଅଭିଯୁକ୍ତଙ୍କୁ ଆଜି କ୍ରାଇମବ୍ରାଞ୍ଚ କୋର୍ଟଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି।

**ଜେଲ ଗଲେ ମୁନ୍ନା ସମେତ ୪ ଅଭିଯୁକ୍ତ**

ସେହିପରି ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତଙ୍କଠାରୁ ଅଧିକ ତଥ୍ୟ ହାସଲ କରିବା ଲକ୍ଷ୍ୟରେ କ୍ରାଇମବ୍ରାଞ୍ଚ ପକ୍ଷରୁ ୧୧୯ ଜଣ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବାକୁ କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ପକ୍ଷରୁ ଅନୁମତି ମିଳିବା ପରେ ଅଭିଯୁକ୍ତଙ୍କୁ ପଚରାଉଚରା ପାଇଁ ଯୋଜନା କରାଯାଇଥିଲା। ହେଲେ ୧୧୯ ଅଭିଯୁକ୍ତଙ୍କୁ ବାହାରକୁ ଆଣି ପଚରାଉଚରା କରିବାକୁ ଆବଶ୍ୟକ ବ୍ୟବସ୍ଥା ନଥିବାରୁ ଅଭିଯୁକ୍ତଙ୍କୁ ଜେଲ୍ ଭିତରେ ହିଁ ଜେରା କରିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ଯୋଜନା ହୋଇଛି।

ବିଶେଷକରି ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ଏହି ଜାଲିଆତିରେ ସାମିଲ ପାଇଁ କେଉଁ କେଉଁ ବ୍ୟକ୍ତି ଯୋଗାଯୋଗ କରିଥିଲେ, କେଉଁ ଉପାୟରେ ସେମାନଙ୍କୁ ଯୋଗାଯୋଗ କରାଯାଇଥିଲା, ସେମାନଙ୍କଠାରୁ କିଏ ସାର୍ଟିଫିକେଟ୍ ନେଇଥିଲା, ଟଙ୍କା କିଏ ନେଇଥିଲେ, ପରୀକ୍ଷାର୍ଥୀମାନେ କେମିତି ଟଙ୍କା ଦେଇଥିଲେ, ପରୀକ୍ଷାରେ କୃତକାର୍ଯ୍ୟ କରାଇଦେବାକୁ କ'ଣ ସବୁ ପ୍ରତିଶ୍ରୁତି ଦିଆଯାଇଥିଲା, ସେମାନେ କାହା ଲିଙ୍କରେ ରହିଥିଲେ, କେବେଠାରୁ ଯୋଗାଯୋଗ ସ୍ଥାପନ ହୋଇଥିଲା; ଆଦି ସଂପର୍କରେ କ୍ରାଇମବ୍ରାଞ୍ଚ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

## ୬ ବର୍ଷର ଶିଶକୁ ନିର୍ମମ ହତ୍ୟା

**ପାପଡ଼ାହାଣ୍ଡି, ୧୭।୧୦(ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଥାନା ଅନ୍ତର୍ଗତ କୃଷ୍ଣଗୁଡ଼ା ଗ୍ରାମରେ ୬ ବର୍ଷର ଏକ ଶିଶୁକୁ ନିର୍ମମ ହତ୍ୟା କରାଯାଇଛି। ମୃତ ଶିଶୁଜଣଙ୍କ ହେଲା, ଗ୍ରାମର ଶିବ ମହୁରିଆଙ୍କ ପୁଅ ମଜେଶ ମହୁରିଆ(୬)। ମଜେଶ ଆଜି ସକାଳେ ଘର ବାହାରେ ଖେଳୁଥିବା ବେଳେ ହଠାତ୍ ଅନ୍ତର୍ଧ୍ୟାନ ହୋଇଯାଇଥିଲା। ପରିବାରଲୋକ ବହୁ ଖୋଜାଖୋଜି କରି ମଧ୍ୟ ନିରାଶ ହୋଇଥିଲେ। ତେବେ ଦିନ ପ୍ରାୟ ସାଢ଼େ ୧ଟାରେ ଏକ ପରିତ୍ୟକ୍ତ ଘରୁ ତା' ଶବ ଉଦ୍ଧାର ହୋଇଥିଲା। ଶିବଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ୧୪ବର୍ଷୀୟ ଜଣେ ନାବାଳକକୁ ଅଟକ ରଖି ପଚରାଉଚରା କରୁଛି। ତେବେ ପ୍ରକୃତରେ କିଏ ହତ୍ୟା କରିଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ୍ ସମସ୍ତ ଦିଗକୁ ତଦନ୍ତ କଲା ପରେ ହିଁ ସ୍ପଷ୍ଟ ହେବ ବୋଲି ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କଣ୍ଡେଲକର ଓ ଆଇଆଇସି ଦୀପକ କୁମାର ଜେନା କହିଛନ୍ତି। ଅପରପକ୍ଷେ, ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ଭ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।




Nippon india Mutual Fund
Wealth sets you free

Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below.

| Date | Time | Location |
|---|---|---|
| 26th October, 2025 | 12:00 PM | Sambalpur |

Venue: Hotel Royal Retreat, Ainthapali, Sambalpur-768006
Name: Shib Prasad Joshi | Mob. No.: 8657417350

Nippon Life India Asset Management Limited| CIN:L65910MH1995PLC220793

Mutual Fund investments are subject to market risks, read all scheme related documents carefully.





# ହୁମ୍ମା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

● ଉପଜିଲ୍ଲାପାଳଙ୍କୁ ଫେରାଦ ହେଲେ ୧୫ ୱାର୍ଡସଭ୍ୟ



ଛତ୍ରପୁର/ହୁମ୍ମା,୧୭ ।୧୦(ସମିସ): ଗଞ୍ଜାମ ବ୍ଲକ ହୁମ୍ମା ସରପଞ୍ଚ ଜାନକୀ ଦାସଙ୍କ ବିରୋଧରେ ଆସିଛି ଅନାସ୍ଥା ପ୍ରସ୍ତାବ। ପଞ୍ଚାୟତର ୧୫ ୱାର୍ଡସଭ୍ୟ ଶୁକ୍ରବାର ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତ ଆଇନ ସରପଞ୍ଚ ଏହାକୁ ଉଲ୍ଲଂଘନ କରୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ମନରେଗା ଯୋଜନା ଅର୍ଥ ହେରଫେର, ହୁମ୍ମା ହାଟରୁ ପଞ୍ଚାୟତକୁ ଆସୁଥିବା ବାର୍ଷିକ ୫୦ଲକ୍ଷ ଟଙ୍କା ଏବଂ ହାଟ ଟିକସ ବାବଦକୁ ଆସୁଥିବା ୨୫ ଲକ୍ଷ ଟଙ୍କା ଆତ୍ମସାତ ବିଷୟରେ ଦାବିପତ୍ରରେ ଦର୍ଶାଯାଇଛି। ପ୍ରଥମେ ନାଏବ ସରପଞ୍ଚ ମିଥୁନ ପରିଡ଼ାଙ୍କ ବାସଭବନରେ ୧୫ ଜଣ ୱାର୍ଡସଭ୍ୟଙ୍କ ଉପସ୍ଥିତରେ ଏକ ନିନ୍ଦା ପ୍ରସ୍ତାବ ଅଣାଯାଇଥିଲା। ୱାର୍ଡମେମ୍ବର ସାଗର ପରିଡା ଅନାସ୍ଥା ପ୍ରସ୍ତାବ ଦେଇଥିବା ବେଳେ ସୁଜ୍ଞାନୀ ମାଳି ସମର୍ଥନ କରିଥିଲେ। ଉପଜିଲାପାଳଙ୍କୁ ଭେଟିବା ବେଳେ ୱାର୍ଡମେମ୍ବର ବିଳାସିନୀ ଦାସ, ରଞ୍ଜିତା ଛଟେଇ, ସାବିତ୍ରୀ ପରିଡା, ଟୁନା ଦାସ, ବବିତା ବେହେରା, ସୁରେନ୍ଦ୍ର ଛଟେଇ, ଆରତୀ ବେହେରା, ସନ୍ତୋଷ ରେଡ଼ି, ସୁଦର୍ଶନ ପରିଡା, ନେତ୍ର ବିଶ୍ୱାଳ, କୃଷ୍ଣଚନ୍ଦ୍ର ପରିଡା, ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ସମ୍ବାଦିକଙ୍କ ବିୟୋଗରେ ଶୋକସଭା



ଗଞ୍ଜାମ,୧୭ ।୧୦(ସମିସ): ଯୁବ ସମ୍ବାଦିକ କେ. ରାଜନୀକାନ୍ତ ରେଡିଙ୍କ ବିୟୋଗରେ ଓଡିଶା ସମ୍ବାଦିକ ସଂଘ ଗଞ୍ଜାମ ଜିଲ୍ଲା ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ସହର ସ୍ଥିତ କାଶୀ ବିଶ୍ୱନାଥ ଶୈବପୀଠ ପ୍ରାଙ୍ଗଣରେ ଆୟୋଜିତ ଶୋକସଭାରେ ସାମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ପୌରୋହିତ୍ୟ କରିଥିଲେ। ଓଡିଶା ସାମ୍ବାଦିକ ସଙ୍ଘର ରାଜ୍ୟ ମହିଳା ସବ କମିଟି ଆବାହିକା ବିଜୟଲକ୍ଷ୍ମୀ ମହାଙ୍କୁଡ଼, ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ମହାରଣା, ସରୋଜ କୁମାର ସାମଲ, ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ, ସମ୍ପାଦକ ବିଦ୍ୟାଧର ସାହୁ, ପ୍ରଦୀପ କୁମାର ପଣ୍ଡା, ବଟକୃଷ୍ଣ ରାଉଳ, ସନ୍ତୋଷ କୁମାର, ସାହୁ, ନିରଞ୍ଜନ ପରିଡା, ସୁଧୀର କୁମାର ପାଢ଼ୀ, ରାକେଶ ରଞ୍ଜନ ଦାସ, ମୁରଲୀ ପ୍ରଧାନ, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

● ରାଜ୍ୟସ୍ତରୀୟ ଚେସ ପ୍ରତିଯୋଗିତା

# କୁଇନ୍ ସେଣ୍ଟରର ସଫଳତା

କବିସୂର୍ଯ୍ୟନଗର,୧୭ ।୧୦(ସମିସ): କବିସୂର୍ଯ୍ୟନଗରରେ ଆୟୋଜିତ ରାଜ୍ୟସ୍ତରୀୟ ଚେସ ପ୍ରତିଯୋଗିତାରେ ସ୍ଥାନୀୟ କୁଇନ୍ ଚେସ ଏକାଡେମୀ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରି ଏକାଡେମୀର ଯଶ ବଢ଼ାଇଛନ୍ତି। ଏହି ପ୍ରତିଯୋଗିତାରେ ଟପ ୧୦ ଖେଳାଳି ମଧ୍ୟରୁ ବାଳିକା ବିଭାଗରେ ନବମ ସ୍ଥାନରେ ପ୍ରତ୍ୟୁଷାରାଣୀ କର ଓ ଦଶମ ସ୍ଥାନରେ ଅକ୍ଷର୍ଷିତା ନାହାକ ରହି ଗୌରବ ଆଣି ଦେଇଛନ୍ତି। ବାଳିକା ବର୍ଗରେ ପ୍ରଥମ ସାଇପ୍ରିୟା ସ୍ୱାଇଁ, ୧୩ ବୟସ ବର୍ଗରେ ପ୍ରଥମ ସରଗୁନ ମିଶ୍ର ଓ ଦ୍ୱିତୀୟ ପ୍ରୟାସରାଣୀ କର, ଖୁସବୁ ସ୍ୱାଇଁ, ତୃତୀୟ ବି. ଅମ୍ରିତା ରେଡ଼ି, ଚତୁର୍ଥ ଶ୍ରୀୟା ରାଉତ ଓ ପଞ୍ଚମ ଦେବଦ୍ୟୁତି ମହାପାତ୍ର ହୋଇଛନ୍ତି। ବାଳକ ବିଭାଗ ବର୍ଗରେ ସତ୍ୟଜିତ ରାଉତ, ନୃସିଂହନାଥ କର, ହିମାଂଶୁ ଜେନା ସଫଳତା ହାସଲ କରିଥିଲେ। କୁଇନ ଚେସ ପ୍ରତିଷ୍ଠାନର ପ୍ରତିଷ୍ଠାତା ସୁରେଶ ମାଧବ କର, ସଭାପତି ପ୍ରଭାସ ଚନ୍ଦ୍ର ନାହାକ, ଏସ. ଗୋରାଚାନ୍ଦ ରେଡ଼ି, ଅଜୟ କୁମାର ଜେନା ଓ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।




ଗ୍ରାମବାସୀଙ୍କ ଆନ୍ଦୋଳନ ନବମ ଦିନରେ

# ଗୁହାରୀ ଶୁଣୁନି ପ୍ରଶାସନ

ଛତ୍ରପୁର,୧୭ ।୧୦(ସମିସ)

ଛତ୍ରପୁର ବ୍ଲକ ଝରପୋଖରୀ ଗ୍ରାମବାସୀ ଗାଁ ନିକଟରେ ଥିବା ପଥର କୁଆଁରୀ ବନ୍ଦ ଦାବିରେ ଦୀର୍ଘ ୯ଦିନ ହେଲା ଆନ୍ଦୋଳନ କରୁଛନ୍ତି। ଖରାବର୍ଷା ଶୀତ କାକରରେ ସେମିତି ଛୋଟ ପିଲାଠୁ ବୟସ୍କ ଯାଏ ଆନ୍ଦୋଳନ ସ୍ଥଳରେ ପଡ଼ି ରହିଛନ୍ତି। ହେଲେ ପ୍ରଶାସନ ନିଦାବିଷ୍ଟ ସାଜିଥିବା ସେମାନେ ଅଭିଯୋଗ କରିଛନ୍ତି। ଆବଶ୍ୟକ ପଡିଲେ ଆନ୍ଦୋଳନୟକୁ ଆହୁରି ତୀବ୍ରତର କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। କାହା ଚାପରେ ପ୍ରଶାସନ ଚୁପ୍ ହୋଇ ବସିଛି ବୋଲି ପଶ୍ନ କରିଛନ୍ତି ଗ୍ରାମବାସୀ।



କ୍ରସରରେ ପଥର ବ୍ଲାଷ୍ଟିଂ ଯୋଗୁ ଗ୍ରାମର ଘର ଗୁଡ଼ିକର କାନ୍ଥରେ ଫାଟ ସୃଷ୍ଟି ହେଉଛି। ଏପରିକି, ଗ୍ରାମରେ ପିଲାଙ୍କ ପାଠ ପଢା ପାଇଁ ଉଦ୍ଦିଷ୍ଟ ଥିବା ସ୍କୁଲର କାନ୍ଥ ଗୁଡିକ ମଧ୍ୟ ଫାଟ ସୃଷ୍ଟି ହେଲାଣି। ଯାହାକୁ ନେଇ ଭୟଭୀତ ଅବସ୍ଥାରେ ଅଛନ୍ତି ଗ୍ରାମବାସୀ ମାନେ। ସେହିପରି ଗ୍ରାମ ସଂଲଗ୍ନ ରାସ୍ତା ଗୁଡ଼ିକ ବଡ଼ ବଡ଼ ଗାଳି ଚଳାଚଳ ଯୋଗୁ ନଷ୍ଟ ହେବାରେ ଲାଗିଲାଣି। ଏଣୁ ଉକ୍ତ କ୍ରସର ବନ୍ଦ ଦାବିରେ ଗ୍ରାମବାସୀ ଆନ୍ଦୋଳନ କରିଛନ୍ତି। ଅନ୍ୟପଟେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ମାଇନିଂ ଅଫିସର ଦୀପକ ଜେନା ପ୍ରମୁଖ ପହଞ୍ଚି ତଦନ୍ତ ସିନା କରୁଛନ୍ତି ହେଲେ ପଥରକ୍ୱାରୀ ବନ୍ଦ କରିବା ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି।

ପୂର୍ବରୁ ଗ୍ରାମବାସୀ ବାରମ୍ବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ସେମାନେ ବାଧ୍ୟ ହୋଇ ଧାରଣାକୁ ଓହ୍ଲାଇଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, କାହିଁକି ପ୍ରଶାସନ ସେମାନଙ୍କ ଦାବି ପୂରଣ ଦିଗରେ ଗୁରତ୍ୱ ଦେଉନାହାନ୍ତି କିମ୍ବା ପଥର କ୍ରସର ମାଲିକଙ୍କ ସହ ଆଲୋଚନା କରି ନିଷ୍କର୍ଷ ବାହାର କରୁନାହାନ୍ତି। କାହା ଚାପରେ ପ୍ରଶାସନ ଚୁପ୍ ହୋଇ ବସିରହିଛି ନା ମାଲିକଙ୍କ ସହ ପ୍ରଶାସନର କୌଣସି ମଧୁଚନ୍ଦ୍ରିକା ରହିଛି ତାହା ତଦନ୍ତ ସାପେକ୍ଷ।

# ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଜଗନ୍ନାଥପ୍ରସାଦ,୧୭ ।୧୦(ସମିସ): ଜଗନ୍ନାଥପ୍ରସାଦ ଥାନା ଅଧୀନ ନୂଆଁ ଜିରାବାଡି ଛକ ନିକଟ ୨୧ନମ୍ବର ରାଜ୍ୟ ରାଜପଥ ଗ୍ରାମ ବୁଲାଣି ଠାରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଳିଙ୍ଗୀ ଗ୍ରାମର ସନ୍ନ୍ୟାସୀ ଗୌଡ଼ (୨୬)। ସନ୍ନ୍ୟାସୀ ଭୁବନେଶ୍ୱରର ଏକ ହୋଟେଲରେ କାମ କରୁଥିଲେ। ଦୀପାବଳୀ ପାଇଁ ୨ ଦିନ ପୂର୍ବେ ଗ୍ରାମକୁ ଆସିଥିଲେ। ଗୁରୁବାର ସେ ଜଗନ୍ନାଥପ୍ରସାଦ ବଜାରରୁ ସଉଦା କିଣି ରାତି ୧୦ଟାରେ ନିଜ ବାଇକ୍ ଯୋଗେ ଘରକୁ ଫେରିବାବେଳେ ପାଲପଡ଼ା ଛକ ବୁଲାଣି ନିକଟରେ ଦ୍ରୁତଗତିରେ କୌଣସି ଭାରୀଯାନ ବାଇକ୍ ପଛପଟେ ଧକ୍କା ଦେବାରୁ ସେ ପଡ଼ି ଗୁରୁତର ହୋଇଥିବା ତାଙ୍କ ବଡଭାଇ ଟୁକୁନା ଗୌଡ଼ ଥାନାରେ ଅଭିଯୋଗ କରିଛନ୍ତି। ସନ୍ନ୍ୟାସୀଙ୍କୁ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଚାଇଲ୍ଡ କେୟାର ହୋମର କାର୍ଯ୍ୟକାରୀ ବୈଠକ



ଛତ୍ରପୁର, ୧୭ ।୧୦(ସମିସ): ଗୋପଳପୁର ସ୍ଥିତ ଶ୍ରଦ୍ଧା ସଞ୍ଜୀବନି ଚାଇଲ୍ଡ କେୟାର ହୋମର କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। କ୍ୟାମ୍ପସର ମରାମତି ଠାରୁ ଆରମ୍ଭ କରି ରହୁଥିବା ୫୦ ଜଣ ବାଳକ / ବାଳିକା କିପରି ସବୁ କ୍ଷେତ୍ରରେ ଦକ୍ଷତାର ବିକାଶ ହେବ ସେଥିପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବୈଠକରେ ଶ୍ରଦ୍ଧା ସଞ୍ଜୀବନି ଚାଇଲଡ କେୟାର ହୋମର ସେକ୍ରେଟାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ପ୍ରତିଷ୍ଠାତା ସଦସ୍ୟ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସତ୍ୟରଞ୍ଜନ ସାହୁ, ପ୍ରତିଷ୍ଠାତା ସଦସ୍ୟ ଲୋକନାଥ ମିଶ୍ର, ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟ, ଗୋପଳପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା କନିଷ୍ଠ ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେଣିଆ, ମହିଳା ପ୍ରୋଟେକ୍ସନ ଅଧିକାରୀଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ 'ସୁରଭି'

ରମ୍ଭା,୧୭ ।୧୦(ସମିସ): ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତର ଲୋଂଘର ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦିତା ରାଣୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କେଶପୁର ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପଲେଇ, ସମ୍ମାନିତ ଅତିଥି ଖଲ୍ଲିକୋଟ ସ୍ଥିତ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ବିଷ୍ଣୁ ପ୍ରସାଦ ଜେନା, ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ, ସିଆରସିସି ନିରଞ୍ଜନ ସେଠୀ, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଲିପନ ପଣ୍ଡା, ଶିକ୍ଷକ ପ୍ରଭାତ କୁମାର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ ଓ ନୀଳାଞ୍ଚଳ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ୧୪ ଗୋଟି ବିଦ୍ୟାଳୟରୁ ମୋଟ ୧୮୦ ଜଣ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ସିଆରସିସି ତଥା ଶିକ୍ଷକ ମାଗତା ନାହାକ ମଞ୍ଚ ପରିଚାଳନା କରିଥିବା ବେଳେ କେଶପୁର କ୍ଲଷ୍ଟର ସିଆରସିସି ପବନା କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କୁକୁଡ଼ାଖଣ୍ଡି,୧୭ ।୧୦(ସମିସ): କୁକୁଡ଼ାଖଣ୍ଡି ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ତରଫରୁ ନୂତନ ସ୍ୱେଚ୍ଛାସେବୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅଧ୍ୟକ୍ଷା ଶର୍ମିଷ୍ଠା ମହାନ୍ତିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ଇତିଶ୍ରୀ ବେହେରା ସଂଯୋଜନା କରିଥିଲେ। ଜିଲ୍ଲା ଯୁବ ରେଡକ୍ରସ୍‌ର ପୂର୍ବତନ ସଂଯୋଜକ ବି. ଗୋବିନ୍ଦ ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ପରିଚୟ ଇତିହାସ ବିଭାଗର ଅଧ୍ୟାପିକା ଶିବାନୀ ମିଶ୍ର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଂରାଜୀ ବିଭାଗର ଅଧ୍ୟାପକ ଶ୍ରୀକାନ୍ତ କୁମାର ପଟ୍ଟନାୟକ ଏବଂ ବାଣିଜ୍ୟ ଅଧ୍ୟାପକ ଡ଼. ଭାବାଶିଷ ମହାପାତ୍ର ଯୋଗଦେଇ ନିଜ ଅଭିଭାଷଣରେ ଯୁବମାନଙ୍କ ମଧ୍ୟରେ ରେଡକ୍ରସ୍ ଆନ୍ଦୋଳନକୁ ଜୀବନମୂଲ୍ୟ ଭାବେ ଗ୍ରହଣ କରିବା ଓ ସମାଜ ସେବାରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ କରିଥିଲେ। ଯୁବ ରେଡକ୍ରସ୍ ଉପଦେଷ୍ଟା ରଞ୍ଜିତ କୁମାର ଗୌଡ଼ ରେଡକ୍ରସ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଗଣିତ ବିଭାଗର ଅଧ୍ୟାପିକା ବନିତା ହୋତା ଧନ୍ୟବାଦ ଜଣାଇଥିଲେ।

# ପାରଳା ଯାନ୍ତ୍ରିକ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

ବ୍ରହ୍ମପୁର,୧୭ ।୧୦(ସମିସ): ଶୀତଳାପଲ୍ଲୀ ସ୍ଥିତ ପାରଳା ଯାନ୍ତ୍ରିକ ମହାବିଦ୍ୟାଳୟରେ "ଉଦ୍ୟୋଗ ବିକାଶ ଏବଂ ବିକଶିତ ଭାରତ' ଆନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିପିୟୁଟିର ପୂର୍ବତନ କୁଳପତି ପ୍ରଫେସର ଓମକାର ନାଥ ମହାନ୍ତି ଯୋଗ ଦେଇ ଶୀର୍ଷକ ସ୍ଥାୟୀ ବିକାଶ ପାଇଁ ଦକ୍ଷତା ଏବଂ ନବସୃଜନ ଉପରେ ଆଲୋକପାତ କରିଥିଲେ। ସମ୍ମିଳନୀର ଆବାହକ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ଚିତ୍ତ ରଞ୍ଜନ ମହାନ୍ତି ସମ୍ମିଳନୀର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ମିତାଲି ଚିନାରା, ନୂଆଦିଲ୍ଲୀ ସ୍ଥିତ ନିତି ଆୟୋଗର ନିର୍ଦ୍ଦେଶକ ପ୍ରଫେସର ପ୍ରଭାକର ସାହୁ ଯୋଗ ଦେଇ ଶୀର୍ଷକ ଉପରେ ନିଜ ନିଜ ମତବ୍ୟକ୍ତ କରିଥିଲେ। ୟୁଏସଏର ଫ୍ଲୋରିଡା ଇଣ୍ଟରନ୍ୟାସନାଲ ୟୁନିଭରସିଟିର ପ୍ରଫେସର ସୁଚିସ୍ମିତା ମିଶ୍ର ଅନଲାଇନ ମାଧ୍ୟମରେ ଅର୍ଥନୀତି ଓ ବାଣିଜ୍ୟରେ ବିନିଯୋଗ ଉପରେ ନିଜ ମତ ରଖିଥିଲେ। ଏଥିରେ ଏଆଇସିଟିଇ ସେଲର ଡ଼.ଦୀପନ ସାହୁ, ପ୍ରଫେସର ରିତେଶ ଦୁବେ, ସମ୍ବଲପୁର ଆଇଆଇଏମର ପ୍ରଫେସର ଭୈରବ ଚନ୍ଦ୍ର ପାତ୍ର, ଡ଼.ଅନିତା ସାବତ ନିଜ ନିଜ ମତ ରଖିଥିଲେ। ସମ୍ପାଦକ ପ୍ରଫେସର ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଦମକଳ କେନ୍ଦ୍ର ବୁଲି ଦେଖିଲେ ଛାତ୍ରଛାତ୍ରୀ

ଛତ୍ରପୁର,୧୭ ।୧୦(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଶିଶୁ ବାଟିକା ଶିଶୁମାନେ ନିକଟସ୍ଥ ଦମକଳ କେନ୍ଦ୍ର ପରିଦର୍ଶନ କରିଥିଲେ। ଶିଶୁ ବାଟିକା ଶୈକ୍ଷିକ ସଂଯୋଜିକା ବି ସୁଶୀଳାଙ୍କ ତତ୍ତ୍ୱାବଧାନରେ ଦମକଳ କେନ୍ଦ୍ରର ଅଧିକାରୀଙ୍କ ସହଯୋଗରେ ଶିଶୁମାନେ ସେଠାରେ ଅତ୍ୟାଧୁନିକ ଯନ୍ତ୍ରାଂଶ ସହିତ କର୍ମଚାରୀଙ୍କ ନିଆଁଲିଭା କୌଶଳ ଓ ହଠାତ ଘଟିଯାଇଥିବା ଦୁର୍ଘଟଣାରେ ଆହାତଙ୍କ ତୁରନ୍ତ ସହଯୋଗ କରିବା ନମୁନା ଦେଖିଥିଲେ। ଦମକଳ କେନ୍ଦ୍ରର ସହଯୋଗ ପାଇଁ ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବାଟିକା ଶ୍ରେଣୀର ଶିଶୁଙ୍କ ସହିତ କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟା ଉପସ୍ଥିତ ଥିଲେ।



# ବୁଗୁଡ଼ା କାର୍ଯ୍ୟନିର୍ବାହି ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ

ବେଲଗୁଣ୍ଠା,୧୭ ।୧୦(ସମିସ): ବେଲଗୁଣ୍ଠା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବିଭୂତି ଭୂଷଣ ବେହେରା (ଓଆର୍ଏସ୍) ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବା ପରେ ବେଲଗୁଣ୍ଠା ନଗରପାଳ ଫିରୋଜ୍ କୁମାର ସେଠୀ, ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ ଏବଂ ସମସ୍ତ କାଉନସିଲର୍ ତାଙ୍କୁ ସ୍ୱାଗତ କରିଥିଲେ। ଶ୍ରୀ ବେହେରା ବର୍ତ୍ତମାନ ବୁଗୁଡ଼ା କାର୍ଯ୍ୟ ନୀର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ବେଳେ ବେଲଗୁଣ୍ଠା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି ବେଲଗୁଣ୍ଠାରେ ପୂର୍ବତନ କାର୍ଯ୍ୟନିର୍ବାହି ଅଧିକାରୀ ବନମାଳୀ ଶତପଥି ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ପଡିବା ପରେ ଏହି ପଦବୀ ଖାଲି ପଡ଼ିଥିଲା।

# ଜିଲ୍ଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତା



ଗଞ୍ଜାମ,୧୭ ।୧୦(ସମିସ): ଗଞ୍ଜାମ ଜିଲ୍ଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତା ସ୍ଥାନୀୟ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମରେ ଆରମ୍ଭ ହୋଇଛି। ଦ୍ୱିତୀୟ ଦିନ ଖେଳକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଶୁଭାରମ୍ଭ କରିଛନ୍ତି।୧୭ ବର୍ଷରୁ କମ ବାଳିକା ବିଭାଗରେ ଚିକିଟି ବ୍ଲକ ଏବଂ ବାଳକ ବିଭାଗରେ ସାନଖେମୁଣ୍ଡି ବ୍ଲକ ଚାମ୍ପିଅନ ହୋଇଛି। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏନଏସି ଅଧ୍ୟକ୍ଷା ପ୍ରତିଭା ପାଢି, ଦିଗପହଣ୍ଡି ବିଇଓ ଶଙ୍କର ନାରାୟଣ ବେଜ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନିତା ମିଶ୍ର,ଏବିଇଓ ସଂଯୁକ୍ତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ୨୨ ବ୍ଲକର ବିଭିନ୍ନ ସ୍କୁଲର ୧୪ ବର୍ଷରୁ ୧୭ ବର୍ଷ କମ ବାଳିକା/ବାଳକଙ୍କୁ ନେଇ ୯୫ ଟି ଦଳର ୪୮୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଥର ପାଇଁ ଏହି ବ୍ଲକରେ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ପ୍ରତିଯୋଗିତା ଫ୍ଲଡ ଲାଇଟରେ ଅନୁଷ୍ଠିତ ହେଉଅଛି। ଏହାକୁ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ସ୍ୱାଇଁ ଡିଡିଓ ସୁଚିତ୍ରା ପାଣିଗ୍ରାହୀ, ଭାରତୀ ବିଦ୍ୟାପୀଠ କ୍ରୀଡା ଶିକ୍ଷକ ପ୍ରୀତି ରଞ୍ଜନ ପ୍ରଧାନ, ପିଇଟି ସୀତାରାମ ବେବର୍ତ୍ତାଙ୍କ ସମେତ ସମସ୍ତ ପିଇଟି, ସିଆରସିସି, ପ୍ରଧାନ ଶିକ୍ଷକ ମାନେ ସହଯୋଗ କରିଛନ୍ତି।

କମ୍ପ୍ୟୁଟର ଶିକ୍ଷାନୁଷ୍ଠାନରୁ ଚୋରି ଘଟଣା

# ଦୁଇ ଗିରଫ, ଚୋରି ସାମଗ୍ରୀ ଉଦ୍ଧାର

ଛତ୍ରପୁର,୧୭ ।୧୦(ସମିସ)

ଚୋରି କରିବାକୁ ମାସର ୧୫ ତାରିଖକୁ ଚୟନ କରିଥିଲା ଦୁର୍ବୃତ୍ତ। ସେଥିପାଇଁ ଜୁଲାଇରୁ ସେପ୍ଟେମ୍ବର ମାସ ୧୫ ତାରିଖ ଅର୍ଥାତ ତିନି ମାସରେ ତିନିଟି ବଡ଼ ଧରଣର ଚୋରି କରି ସଫଳ ହୋଇଥିଲା। ହେଲେ ଗଞ୍ଜାମ ଏସ୍‌ପିଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଏସଡିପିଓ ଚନ୍ଦନ କୁମାର ଘଡ଼େଇଙ୍କ ଉଦ୍ୟମରେ ଚୋର ଧରାପଡ଼ିବା ସହ ଚୋରି ସାମଗ୍ରୀ ଉଦ୍ଧାର ହୋଇଛି। ଏହି ସିରିଆଲ ଚୋରିରେ ସାମିଲ ମୁଖ୍ୟ ଆସାମୀ ଅନୀଲ ଗମାଙ୍ଗଙ୍କୁ ପୁଲିସ ଧରିବା ସହ ତା' ଠାରୁ ମିଳିଥିବା ସୂଚନାକୁ ଆଧାର କରି ଜଣେ ସହଯୋଗୀ ସଞ୍ଜୀତ ନାୟକକୁ ଗିରଫ କରିଛି। ସେମାନଙ୍କ ଠାରୁ ୫ଟି ଲାପଟପ୍,



୩ଟି ଅଲ୍ ଇନ୍ ୱାନ କମ୍ପ୍ୟୁଟର, ଗୋଟିଏ ପ୍ରୋଜେକ୍ଟର, ଅନେକ ଗୁଡ଼ିଏ କମ୍ପ୍ୟୁଟର ସାମଗ୍ରୀ ଜବତ କରିଛି। ଅନୀଲ ଶିକ୍ଷିତ ହୋଇଥିବା ସହ ସହରର ଆରଟିଓ ଅଫିସ ନିକଟରେ ତିନି ମହଲା ଅଟ୍ଟାଳିକାରେ ରହୁଥିଲା। ତେବେ ସେ ଏଭଳି ଚୋରି ଘଟଣାରେ ସାମିଲ ଥିବା ଅନ୍ୟମାନଙ୍କୁ ଚକିତ କରିବା ସହ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଜୁଲାଇ ୧୫ ଓ ଅଗଷ୍ଟ ୧୫ ତାରିଖ ଦିନ ଛତ୍ରପୁରର ତାଡେପଲ୍ଲୀ ସାହି ସ୍ଥିତ ଓକେସିଏଲର ଜିଲ୍ଲା ମୁଖ୍ୟ କେନ୍ଦ୍ର

ଟାର୍ଗେଟରେ ମାସର ୧୫ ତାରିଖ

ରେଖାସ୍ ଡିଜିଟାଲ ଏଜୁକେସନରୁ ୯ଟି ଲାପଟପ୍, ୩ଟି ଅଲ୍ ଇନ୍ ୱାନ କମ୍ପ୍ୟୁଟର, ପ୍ରୋଜେକ୍ଟର, ସ୍କାନର, ପ୍ରିଣ୍ଟର ଆଦି ପାଞ୍ଚ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସାମଗ୍ରୀ ଚୋରି ହୋଇଥିଲା। ଏହାପରେ ସେପ୍ଟେମ୍ବର ମାସ ୧୫ ଦିନ ଛତ୍ରପୁରର ଆଉ ଏକ କମ୍ପ୍ୟୁଟର କେନ୍ଦ୍ର ଏଡୁକେରରେ ଚୋରି ସହ ନିଆଁ ଲଗାଇ ଦେଇଥିଲା। ଏହି ସମସ୍ତ ଚୋରି ଏକ ନିର୍ଦ୍ଦିଷ୍ଟ ପ୍ୟାଟର୍ନ ଓ ନିର୍ଦ୍ଦିଷ୍ଟ ତାରିଖରେ ହୋଇ ଥିବାରୁ ଏହା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା।

ଶୁକ୍ରବାର ଛତ୍ରପୁର ସ୍ଥିତ ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ସମସ୍ତ ତଥ୍ୟ ପ୍ରଦାନ କରିବା ସହ ଅପରାଧୀଙ୍କ ପରେଡ କରାଇଥିଲେ। ପୁଲିସ ସାଇବର ସେଲର ସହଯୋଗ ସହ ସ୍ୱତନ୍ତ୍ର ସୂତ୍ରରୁ ଖବର ପାଇ ଅପରାଧୀଙ୍କୁ ଗିରଫ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସାମଗ୍ରୀ ଜବତ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ ଉପସ୍ଥିତ ଥିଲେ। ଏହାପରେ ଗଞ୍ଜାମ ଏସପି ଉକ୍ତ ଉଦ୍ଧାର ହୋଇଥିବା ସାମଗ୍ରୀ ଗୁଡିକୁ ଓକେସିଏଲର ଗଞ୍ଜାମ ଜିଲ୍ଲାର ମୁଖ୍ୟ ଏସ ରେଖା ମହାନ୍ତଙ୍କୁ ଫେରାଇ ଥିଲେ।

# ଟ୍ରକ୍ ଧକ୍କାରେ ଠିକାଦାର ମୃତ

ବ୍ରହ୍ମପୁର,୧୭ ।୧୦(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ପୁକୁଡ଼ିବନ୍ଧ ଛକ ନିକଟରେ ଶୁକ୍ରବାର ଅପରାହ୍ନ ସାଢେ ୩ଟାରେ



ଏକ ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ବ୍ରହ୍ମପୁର ଗୋଷାଣିନୂଆଗାଁ ବେଢାବନ୍ଧ ସାହିର

## ଡ୍ରାଇଭର ଓ ହେଲ୍‌ପର ଅଟକ

## ଦୁର୍ଘଟଣାସ୍ଥଳରେ ସହଯୋଗ କଲେ ୨ ବିଧାୟକ

ପ୍ରମୋଦ ପାତ୍ର(୫୦) । ସୂଚନା ଯୋଗ୍ୟ ଯେ, ଠିକାଦାର ପ୍ରମୋଦ ନିଜ ସ୍କୁଟି (ଓଡ଼ି ୦୭ ଏସ ୭୧୮୧) ଯୋଗେ କୌଣସି କାମରେ ଗୋବିନ୍ଦପୁର ଯାଇଥିଲେ । ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟା ବେଳେ ସେ ବ୍ରହ୍ମପୁର ଅଭିମୁଖେ ଫେରୁଥିବା ବେଳେ ପୁକୁଡ଼ିବନ୍ଧ ଛକ ନିକଟରେ ପଶ୍ଚିମବଙ୍ଗ ଠାରୁ କେରଳ ଅଭିମୁଖେ ଯାଉଥିବା ଏକ ଚାଉଳ ବୋଝେଇ ଟ୍ରକ (ଡ଼ବ୍ଲୁ ବି ୪୧ କେ ୨୦୬୫) ତାଙ୍କୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ହିଁ ପ୍ରମୋଦଙ୍କର ମୃତ୍ୟୁ ଘଟିଥିଲା । ସେହି ରାସ୍ତା ଦେଇ ଯାଉଥିବା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଓ ଛତ୍ରପୁର ବିଧାୟକ କୃଷ୍ଣ ନାୟକ ମୃତକଙ୍କୁ ଉଦ୍ଧାର କରି ମେଡ଼ିକାଲ ପଠାଇବା ସହ ଦୁର୍ଘଟଣା ଭିଆଇ ଫେରାର ହେବାକୁ ଉଦ୍ୟମ କରୁଥିବା ଟ୍ରକକୁ କାବୁ କରି ପୁଲିସକୁ ସହଯୋଗ କରିଥିଲେ । ଖବର ପାଇ ଗୋପାଳପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସ୍କୁଟି ଓ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଥିଲା । ଟ୍ରକର ଡ୍ରାଇଭର ଓ ହେଲପର ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡଛି ।

## ରେଳ ଧାରଣାରୁ ଡିଏଫ୍‌ଓଙ୍କ ଡ୍ରାଇଭରର ମୃତଦେହ ଉଦ୍ଧାର

ବ୍ରହ୍ମପୁର,୧୭ ।୧୦(ସମିସ): ଆଙ୍କୁଲି ଓଭରବ୍ରିଜ ନିକଟ ରେଳଧାରଣାରୁ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ(ଡିଏଫଓ)ଙ୍କ ଗାଡି ଚାଳକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ଲାଞ୍ଜିପଲ୍ଲୀ ଇନ୍ଦିରା ନଗର ପ୍ରଥମ ଲାଇନ ନିବାସୀ ସନୋଜ କୁମାର ଶଙ୍ଖୁଆ(୩୨) । ଏ ନେଇ ସରକାରୀ ରେଳବାଇ ଥାନା(ଜିଆରପି)ରେ ଏକ ମାମଲା(୯୦/୨୫) ରୁଜୁ ହୋଇଥିବା ବେଳେ ପୁଲିସ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । କୌଣସି ଚଳନ୍ତା ଟ୍ରେନ ସମ୍ମୁଖକୁ ଚାଲି ଆସିବାରୁ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଗୁରୁବାର ବିଳମ୍ବିତ ରାତିରେ ଆଙ୍କୁଲି ଓଭରବ୍ରିଜ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଜିଆରପିକୁ ଖବର ମିଳିଥିଲା । ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତକଙ୍କ ନିକଟରୁ ମିଳିଥିବା ପରିଚୟପତ୍ରରୁ ତାଙ୍କ ଠିକଣା ପାଇଥିଲା । ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ । ସନୋଜ ଅନେକ ବର୍ଷ ଧରି ଆଉଟସୋର୍ସିଂ ଭାବେ ଡିଏଫ୍‌ଓଙ୍କ ଗାଡି ଚାଳକ ଭାବେ କାର୍ଯ୍ୟ କରିବା ସହ ନିଜ ସହଯୋଗୀଙ୍କ ସହ ମିଶି ତହସିଲ ଅଫିସ ନିକଟରେ ଏକ ଫାଷ୍ଟଫୁଡ ଦୋକାନ କରିଥିଲେ । ଗୁରୁବାର ସନ୍ଧ୍ୟାରେ ସେ ଡିଏଫଓ କାର୍ଯ୍ୟାଳୟରେ ଡ୍ୟୁଟି ସାରି ଦୋକାନକୁ ଯାଇଥିଲେ । ହେଲେ ରାତିରେ ଘରକୁ ଫେରିନଥିଲେ । ବିଳମ୍ବ ହେବାରୁ ପରିବାର ଲୋକେ ଦୋକାନକୁ ଆସି ଖୋଜାଖୋଜି କରି ମଧ ତାଙ୍କ ପତ୍ତା ପାଇନଥିଲେ । ହେଲେ ବିଳମ୍ବିତ ରାତିରେ ରେଳଧାରଣାରେ ତାଙ୍କ ମୃତଦେହ ପଡିଥିଲା । ସନୋଜ କିଛିଦିନ ଧରି ମାନସିକ ଚାପରେ ରହିଥିବା ସୂଚନା ମିଳିଛି ।

### ପୀତବାସଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

## ଯୋଗଦେଲେ ମନ୍ତ୍ରୀ, ସାଂସଦ, ବିଧାୟକ ଓ ଆଇନଜୀବୀ

ବ୍ରହ୍ମପୁର,୧୭ ।୧୦(ସମିସ)



- ଅପରାଧୀଙ୍କୁ ଧରିବାକୁ ସରକାର ସମସ୍ତ ଚେଷ୍ଟା କରୁଛନ୍ତି: ଆଇନ ମନ୍ତ୍ରୀ
- ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ପକ୍ଷରୁ ୫ଲକ୍ଷ ଟଙ୍କା ସହାୟତା

ବିଜେପି ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡାଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମ ବ୍ରହ୍ମପୁର ହଳଦିଆପଦର ସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀଙ୍କ ସମେତ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସମନ୍ତରାୟ, ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ ପାଢୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଆଇନଜୀବୀ ପରିଷଦ ଅଧକ୍ଷ ସୀତାଂଶୁ ଦ୍ୱିବେଦୀ ଓ ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀଙ୍କ ସମେତ ବନ୍ଧୁ, ପରିବାର ବର୍ଗ, ଆଇନଜୀବୀ, ବିଜେପି ନେତା ଓ କର୍ମୀ ଯୋଗ ଦେଇଥିଲେ । ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ପୀତବାସ ନିର୍ଭୀକ ଭାବେ ଉଭୟ ଜନସାଧାରଣ ଓ ଆଇନଜଜୀବୀଙ୍କ ସମସ୍ୟା ପାଇଁ ଲଢୁଥିଲେ । ଯେଉଁମାନେ ତାଙ୍କ ହତ୍ୟା ଭଳି କୁକର୍ମରେ ଲିପ୍ତ ଅଛନ୍ତି ସେମାନଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆଇନମନ୍ତ୍ରୀ କହିଥିଲେ ।

ହତ୍ୟା ଷଡ଼ଯନ୍ତ୍ରରେ ଯେଉଁମାନେ ସାମିଲ ଅଛନ୍ତି କାହାରିକୁ ଛଡ଼ା ଯିବନାହିଁ । ହତ୍ୟା ଘଟଣାର ତଦନ୍ତ ନେଇ କ୍ରାଇମ୍‌ବ୍ରାଞ୍ଚ ସହ ଆଲୋଚନା ହୋଇଛି । ଅଭିଯୁକ୍ତଙ୍କୁ ଧରିବାକୁ ସରକାରଙ୍କ ପକ୍ଷରୁ ସବୁ ଉଦ୍ୟମ ଜାରି ରହିଛି । ପରିବାର ବର୍ଗଙ୍କୁ ଭଗବାନ ସାହସ ଦିଅନ୍ତୁ ବୋଲି ମନ୍ତ୍ରୀ କହିଥିଲେ । ଅନ୍ୟପକ୍ଷରେ ମନ୍ତ୍ରୀ, ସାଂସଦ ଓ ବିଧାୟକମାନେ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ଶେଷରେ ବିଜେପି ନେତା କାହ୍ନୁଚରଣ ପତି ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କୁ ବାର୍ କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି । କାଉନ୍‌ସିଲର ସଦସ୍ୟ ଆଇନଜୀବୀ ଭକ୍ତ ଭୂଷଣ ବାରିକ ଶୁକ୍ରବାର ଏହି ସହାୟତା ରାଶି ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କ ପରିବାର ସଦସ୍ୟଙ୍କୁ ପ୍ରଦାନ କରିଥିଲେ ।

## ଓଡ଼ିଆ ଭାଷା ଆନ୍ଦୋଳନର ନୂତନ କର୍ମକର୍ତ୍ତା ଚୟନ

ବ୍ରହ୍ମପୁର,୧୭ ।୧୦(ସମିସ): ବଡ଼ଖେମୁଣ୍ଡି ଭଣ୍ଡାରୀ ସାହି କାର୍ଯ୍ୟାଳୟରେ ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସର୍ବସମ୍ମତି କ୍ରମେ ସଭାପତି ଭାବେ ସୀମାଞ୍ଚଳ ପତିଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦକ ରୂପେ ଶିକ୍ଷାବିତ୍ ହରେକୃଷ୍ଣ ପଣ୍ଡା, ସଂଯୋଜକ ଭିକାରୀ ଚରଣ ଗୌଡ଼ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ସର୍ବଶ୍ରୀ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ଶତପଥି, ଦୀପ୍ତି



ଶଙ୍କର ପଟ୍ଟନାୟକ ଓ ଅଶୋକ ଦଳାଇ ମନୋନୀତ ହୋଇଥିଲେ । ଆସନ୍ତା ଦୁଇବର୍ଷ ପର୍ଯ୍ୟନ୍ତ ନବ ନିର୍ବାଚିତ କର୍ମମର୍ତ୍ତାମାନେ ଓଡ଼ିଆ ଭାଷାର ବିକାଶ ପାଇଁ କାର୍ଯ୍ୟ କରିବେ । ଶେଷରେ ଭିକାରି ଚରଣ ଗୌଡ଼ ଧନ୍ୟବାଦ ଜଣାଇଥିଲେ ।

## ଘରୁ ମୋବାଇଲ ଓ ଟଙ୍କା ଚୋରି

ବ୍ରହ୍ମପୁର,୧୭ ।୧୦(ସମିସ): ବଡ଼ବଜାର ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରୁ ମୋବାଇଲ ଫୋନ ଓ ନଗଦ ଟଙ୍କା ଚୋରି ହୋଇଯାଇଛି । ଏ ନେଇ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଫାଷ୍ଟ ଗେଟ ପାଣିଗ୍ରାହୀ ନଗର ନିବାସୀ ସୁନିତା ସାହୁ ଗତ ୧୫ତାରିଖ ସକାଳୁ ଉଠି ତାଙ୍କ ଘର କବାଟ ଭାଙ୍ଗିଥିବା ଦେଖିବାକୁ ପାଇଥିଲେ । କେହି ଦୃର୍ବୃତ୍ତ ତାଙ୍କ କବାଟ ଭାଙ୍ଗି ଘରେ ପଶି ୩ଟି ମୋବାଇଲ ଓ ନଗଦ ୧୦ହଜାର ଟଙ୍କା ଚୋରି କରି ନେଇଥିବା ସୁନିତା ଜାଣି ଥାନରେ ଲିଖିତ ଅଭିଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ କଳା ଉତ୍ସବ-୨୦୨୫



ବ୍ରହ୍ମପୁର,୧୭ ।୧୦(ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ମେଡ଼ିକାଲ କ୍ୟାମ୍ପସ ଠାରେ ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ ପକ୍ଷରୁ ଜିଲ୍ଲାସ୍ତରୀୟ କଳା ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ସରୋଜ ମୋହନ ପାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଭାତି କୁମାରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ. ଧନଞ୍ଜୟ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା, ଏବିଇଓ ଜଗନ୍ନାଥ ଭୁୟାଁ, ବାଳକୃଷ୍ଣ ପାତ୍ର, ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ଓ ପ୍ରାକ୍ତନ ଜିଲ୍ଲା ସଂସ୍କୃତି ଅଧିକାରୀ ରବିନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ହୋଇଥିଲେ । ଅତିଥିମାନେ କଳା ଉତ୍ସବର ଲକ୍ଷ୍ୟ ଓ ବିଦ୍ୟାର୍ଥୀଙ୍କ ଜୀବନରେ କଳାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାରୁ ୧୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସୁନାମଧନ୍ୟ ବ୍ୟକ୍ତିବିଶେଷ ବିଚାରକ ଭାବେ ପ୍ରତିଯୋଗୀଙ୍କ ପ୍ରଦର୍ଶନକୁ ମୂଲ୍ୟାଙ୍କନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରଥିବା ପ୍ରତିଯୋଗୀ ଜୋନସ୍ତରୀୟ କଳା ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କମଳ କୁମାରୀ ପଟ୍ଟନାୟକ, ନିତ୍ୟାନନ୍ଦ ଦାଶ, ବିଜୟ କୁମାର ପାଢ଼ୀ ଓ ବିପିନ ବିହାରୀ ପାଠୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ନାବାଳିକାକୁ ଅପହରଣ ଅଭିଯୋଗ; ଯୁବକ ଗିରଫ

ବ୍ରହ୍ମପୁର,୧୭ ।୧୦(ସମିସ): ନାବାଳିକା ଅପହରଣ ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ହେଲେ ଟାଉନ ଥାନା ଅନ୍ତର୍ଗତ ଭବାନୀ ନଗର ପ୍ରଥମ ଲାଇନ୍ ନିବାସୀ ସମୀର କୁମାର ବେହେରା(୨୪) ବୋଲି ତଦନ୍ତ ଅଧିକାରୀ ରଶ୍ମିତା ସାମଲ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୨ରେ ଗୋଷାଣିନୂଆଗାଁ ଥାନା ଅଞ୍ଚଳରେ ଜଣେ ୧୬ବର୍ଷୀୟ ନାବାଳିକା ସ୍କୁଲରୁ ଘରକୁ ଫେରିନଥିଲେ । ୩ ତାରିଖରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତଦନ୍ତ ବେଳେ ନିଖୋଜ ନାବାଳିକା ଜଣକ ସମୀର ବେହେରା ନାମକ ଜଣେ ଯୁବକଙ୍କ ନିକଟରେ ରହିଥିବା ପୁଲିସ ଜାଣିପାରିଥିଲା । ସମୀର ଓ ନାବାଳିକାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଝଗଡ଼ା ପରେ ନାବାଳିକା ଜଣକ ମୁମ୍ବାଇରେ ଥିବା ନେଇ ତାଙ୍କ ପରିବାର ଲୋକକୁ ଜଣାଇଥିଲେ । ପରିବାର ଲୋକେ ଝିଅ ଠାରୁ ଖବର ପାଇ ମୁମ୍ବାଇରୁ ଝିଅକୁ ଉଦ୍ଧାର କରି ବ୍ରହ୍ମପୁର ଆଣି ଥାନାରେ ପହଞ୍ଚିଥିଲେ । ଥାନାରେ ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା । ସେଠାରେ ସମୀର ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଥିଲା । ପରେ ଅଭିଯୁକ୍ତକୁ ଧରିବାକୁ ପୁଲିସ ଚଢ଼ାଉ ଜାରି ରଖିଥିବା ବେଳେ ଗୁରୁବାର ଅଭିଯୁକ୍ତ ସମୀର ନିଜ ଘରକୁ ଫେରିଥିବା ନେଇ ଖବର ପାଇ ଗିରଫ କରିଥିଲା । ଶୁକ୍ରବାର ଅଭିଯୁକ୍ତ ସମୀରକୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି ।



## ୨୩୪ଜଣଙ୍କୁ ମିଳିଛି ବାଣ ଲାଇସେନ୍ସ

ଛତ୍ରପୁର,୧୭।୧୦(ସମିସ): ଦୀପାବଳିରେ ବାଣ ବିକିବାକୁ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୪୩୮ ଟି ଆବେଦନ ହୋଇଥିବାବେଳେ ସେମାନେ କିପରି ଅନୁମତି ପାଇବେ ସେନେଇ ସଂଧାରେ କାର୍ଯ୍ୟାଳୟ ନିକଟରେ ଭିଡ଼ ଜମୁଛି । ପ୍ରଥମ ଦିନରେ ୨୮ ଜଣଙ୍କୁ ଅନୁମତି ମିଳିଥିବା ବେଳେ ଦ୍ୱିତୀୟ ଦିନରେ ୧୬୭ ଜଣଙ୍କୁ ଏବଂ ତୃତୀୟ ଦିନରେ ୩୯ ଜଣଙ୍କୁ ଅନୁମତି ପ୍ରଦାନ କରାଯାଇଛି । ଶୁକ୍ରବାର ସୁଦ୍ଧା ମୋଟ ୨୩୪ ଜଣଙ୍କୁ ଅନୁମତି ଦିଆଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସରକାରଙ୍କ ଯେଉଁ ଗାଇଡ୍‌ଲାଇନ୍ ରହିଛି ସେହି ଅନୁସାରେ ବିକ୍ରି କରିବାକୁ ବ୍ୟବସାୟୀମାନଙ୍କୁ କୁହାଯାଇଛି । ଅସ୍ଥାୟୀ ଭାବେ ଜନଗହଳିରୁ ୫୦ ମିଟର ଦୂର ଏବଂ ଦୋକାନକୁ ଦୋକାନ ୪ ମିଟର ଦୂରତା ରଖିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି । ଯେଉଁ ସ୍ଥାନ ପାଇଁ ନେଇଛନ୍ତି ସେଠାରେ ହିଁ ବିକ୍ରି କରିବେ ଯଦି ନିୟମ ବିରୁଦ୍ଧରେ ଦୋକାନ ଖୋଲିବେ ସିଜ୍ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି କହିଛନ୍ତି । ଦୋକାନରେ ଅଗ୍ନିନିରାପତା ବ୍ୟବସ୍ଥା ସହ ସବୁଜ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଛି । ଅଗ୍ନିଶମ ବିଭାଗ, ତହସିଲଦାର ଓ ପୁଲିସ ଯେଉଁସବୁ ସ୍ଥାନରେ ବାଣ ବିକ୍ରି ହେଉଛି ସେଠାରେ ଅନୁମତି ଅଛି କି ନାହିଁ ତଦାରଖ କରିବେ । ଯଦି ନିୟମ ଉଲ୍ଲଂଘନ ହୋଇଥିବା ଦେଖିବେ ତୁରନ୍ତ ସିଜ୍ କରାଯିବ ।






ସକାଳ
THE SAKALA

# ଚାଉଳ ବୋଝ

ସଂଗ୍ରହ ପ୍ରକ୍ରିୟାକୁ ସଂପ୍ରସାରିତ ଓ ଶୃଙ୍ଖଳିତ କରି ଅଧିକରୁ ଅଧିକ ପରିମାଣର ଧାନ ସଂଗ୍ରହ ସକାଶେ ସରକାରଙ୍କ ଉପରେ ଚାଷୀ ସମୁଦାୟ, ଚାପ ପ୍ରୟୋଗ କରୁଥିବା ବେଳେ ରାଜ୍ୟରେ ମହଜୁଦ ବ୍ୟବସ୍ଥା ନ ଥିବାରୁ ଶାସନକଳ ବ୍ୟସ୍ତ ଓ ବିବ୍ରତ। ଭାରତ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଇ ନଥିବାରୁ ତାହାର ସଦୁପଯୋଗ ହୋଇପାରୁନି। ଶେଷରେ ସଂଗୃହୀତ ଚାଉଳ ପଡ଼ି ପଡ଼ି ସଢ଼ିଯିବା ସାର ହେବ। ଡବଲ୍ ଇଞ୍ଜିନ୍ ସରକାରରେ ମଧ୍ୟ ରାଜ୍ୟ ସରକାରଙ୍କ ଚାପ କେନ୍ଦ୍ର ସରକାରଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରୁନି। ଏମିତିରେ ଖାଦ୍ୟ ନିଗମ ରାଜ୍ୟରୁ ସଂଗ୍ରହ କରିଥିବା ଚାଉଳ ବାବଦ ଦେୟ ୮୦୦୦ କୋଟି ଟଙ୍କା ଦୀର୍ଘ ଦିନ ଧରି ବକେୟା ପକେଇ ରଖିଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ରାଜ୍ୟକୁ ତାହା ମିଳୁନି। ଏଭଳି ଏକ ସଂକଟଜନକ ପରିସ୍ଥିତିରେ ସରକାର ଆଗାମୀ ଖରିଫ ଋତୁରେ ଚାଉଳ ସଂଗ୍ରହକୁ କେତେ ଦୂର ଗୁରୁତ୍ୱ ଦେବେ ସେନେଇ ସନ୍ଦେହ ଉପୁଜିଛି। କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାସନ କାର୍ଡଧାରୀଙ୍କୁ ଇ-କେୱାଇସି ଦାଖଲ କରିବାର ବାଧ୍ୟବାଧକତା ରହିଛି। ସେପ୍ଟେମ୍ବର ୩୦ ତାରିଖ ଥିଲା ଏହାର ଶେଷ ଅବଧି। ଏଥିରେ ବ୍ୟତିକ୍ରମ କରିଥିବା ପ୍ରାୟ ୧୫.୬୭ ଲକ୍ଷ ହିତାଧିକାରୀ ଆଗାମୀ ଦିନରେ ମାଗଣା ଚାଉଳ ପାଇବାକୁ କେତେଦୂର ହକ୍‌ଦାର ହେବେ ସେ ନେଇ ସ୍ୱୟଂ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ଏହି ଜଟିଳ ପରିସ୍ଥିତିରେ ସରକାରଙ୍କ ଅସହାୟତା ବାରି ହୋଇପଡୁଛି।

ନଭେମ୍ବର ମାସରୁ ରାଜ୍ୟର ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ମାଗଣା ଚାଉଳ ପାଇବାରୁ ବଞ୍ଚିତ ହେବେ - ଏଭଳି ଏକ ସୂଚନା ଦେଇ ସରକାର ଖାଉଟିଙ୍କ ମନରେ ନିଆଁ ଲଗାଇଦେଇଛନ୍ତି। ଯେତେଯାହା ହେଲେ ମଧ୍ୟ ଏହା କିଛି ଛୋଟିଆ କଥା ନୁହେଁ। ଆମ ସରକାର ଏପ୍ରକାରେ ସୂଚନା ଦେବା ପୂର୍ବରୁ ଇ-କେୱାଇସି ମିଆଦ ବୃଦ୍ଧି ସକାଶେ କେନ୍ଦ୍ର ଉପରେ ଚାପ ପ୍ରୟୋଗ କରିବାର ଥିଲା। ବ୍ୟବସ୍ଥା ଭଲ ଭାବରେ ଜାଣେ ଯେ କେଉଁ ପରିସ୍ଥିତିରେ ପଡ଼ି ହିତାଧିକାରୀ ଇ-କେୱାଇସି ଦାଖଲ କରିପାରୁନାହାନ୍ତି। ସରକାର ମାଗଣା ବ୍ୟବସ୍ଥା ଅନ୍ତରାଳରେ ଥିବା ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥିଲେ ସୁଦ୍ଧା କାହିଁକି ସୁଧାରିବା ଦିଗରେ ଅଗ୍ରସର ହେଲେ ନାହିଁ? ଏକ୍ଷେତ୍ରରେ ସ୍ଥାନୀୟ ପ୍ରଶାସନ ଓ ରିଟେଲଙ୍କ ସହାୟତା ନିଆଯାଇ ପାରିଥା'ନ୍ତା। ମାଗଣା ଚାଉଳ ଯୋଗାଣ ବ୍ୟାହତ ହେଲେ ପରିସ୍ଥିତି ଆଗକୁ କେଉଁ ରୂପ ନେବ ତାହା ବିଭାଗୀୟ ମନ୍ତ୍ରୀ ନିଶ୍ଚୟ ବୁଝିସାରିଥିବେ। ତେଣୁ ୨୪ ଘଣ୍ଟା ବ୍ୟବଧାନରେ ରାଜ୍ୟରେ ବଳକା ଥିବା ଚାଉଳରୁ ଅତିରିକ୍ତ ୫ କେଜି ହିତାଧିକାରୀଙ୍କୁ ଦିଆଯିବାର ବ୍ୟବସ୍ଥା ସଂପର୍କରେ ସେ ସୂଚାଇଛନ୍ତି। ହେଲେ ବ୍ୟବସ୍ଥାରୁ ବାଦ ପଡୁଥିବା ୧୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ସଂପର୍କରେ କିଛି ଉଲ୍ଲେଖ କରିନାହାନ୍ତି। ତେଣୁ ଅନିଶ୍ଚିତତା ନିଶ୍ଚୟ ଜାରି ରହିଛି।

ଏକଥା ସତ ଯେ ସରକାର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ତେଣୁ ଧାନ କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ହୋଇଥିବା ବେଳେ ୮ ଶହ ଟଙ୍କା ସହାୟତା ରାଶି ସଂଯୁକ୍ତ କରି ସରକାର ୩୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରୁଛନ୍ତି। ଚାଷୀଙ୍କ ପକ୍ଷରୁ ଦାବି ହେଉଛି ସଂଗ୍ରହ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ ଓ ସଂପ୍ରସାରିତ କରିବା ପାଇଁ। ସରକାର କ'ଣ ଆଗାମୀ ଦିନରେ ଅଧିକ ଧାନ ସଂଗ୍ରହ କରିବାକୁ ସମର୍ଥ ହେବେ? ଭାରତୀୟ ଖାଦ୍ୟ ନିଗମ ରାଜ୍ୟରୁ ବଳକା ଚାଉଳ ଉଠାଉ ନଥିବାରୁ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହାର ସମାଧାନ ପାଇଁ ସରକାର ବାଟଘାଟ ପାଉନାହାନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଏହି ଦାବିକୁ ଗୁରୁତ୍ୱ ଦେଉନାହାନ୍ତି। କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ଦେବା ପାଇଁ ହେଉଥିବା ଦାବିକୁ କେନ୍ଦ୍ର ଏଡ଼ାଇ ଆସିଥିବାବେଳେ ଆମ ରାଜ୍ୟ ଚାଉଳ ସମସ୍ୟାର ସମାଧାନ ହେବା ଆଶା ଉଣା। କହିବାକୁ ଗଲେ ସରକାରଙ୍କ ପାଇଁ ଧାନ ସଂଗ୍ରହ ଏକ ପ୍ରକାର ବୋଝ ହୋଇପଡ଼ିଛି। ●

# ଚାନ୍ଦିର ଚମକ

ଆରୋହଣ ପରେ ଅବରୋହଣ ହେଉଛି ମୌଳିକ ସତ୍ୟ। ଚାହିଦା ଅନୁଯାୟୀ ଯୋଗାଣ ହୋଇପାରୁନଥିବା ଯେକୌଣସି ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟିବା ଅବଧାରିତ। ଚାନ୍ଦି ବା ରୁପାର ବର୍ଦ୍ଧିତ ମୂଲ୍ୟକୁ ନେଇ ବିଶେଷଜ୍ଞଙ୍କ ଏହା ଏକ ଆକଳନ। ସାଂପ୍ରତିକ ବଜାରରେ ସୁନା ଓ ରୁପାର ମୂଲ୍ୟବୃଦ୍ଧିରେ ଯେଉଁ ପ୍ରତିଯୋଗିତାମୂଳକ ସ୍ଥିତି ପରିଲକ୍ଷିତ ହେଉଛି, ତାହା ଯଥାର୍ଥରେ ବିସ୍ମୟକର। ଆମ ଭୁବନେଶ୍ୱର ବଜାରରେ ରୁପା କେଜି ୨ଲକ୍ଷ ଟଙ୍କା ଅତିକ୍ରମ କରିଛି। ସମଗ୍ର ବିଶ୍ୱ ବଜାରରେ ରୁପାର ନିଅଣ୍ଟିଆ ସ୍ଥିତି ଦୃଷ୍ଟିରୁ ଏହି ମୂଲ୍ୟବୃଦ୍ଧି ଆଗାମୀ ଦିନରେ ଏକ ନୂଆ ଶୀର୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଆଗକୁ ଧନତେରାସ ଓ ଦୀପାବଳୀ। ତେଣୁ ସୁନା କଏନ ବା ମୁଦ୍ରା ଓ ନିର୍ମିତ ମୂର୍ତ୍ତିର ଚାହିଦା ଅଧିକ। ବିଶେଷକରି ସୁନା ଅମୂଲ ମୂଲ ହୋଇପଡ଼ିଥିବାରୁ ସ୍ୱାଭାବିକ ଭାବେ ରୁପାର ଆଦର ବଢ଼ିଛି। ଚଳିତ ମାସ ୬ ତାରିଖରୁ ଏଥିମଧ୍ୟରେ ରୁପା ଦାମ ବଜାରରେ କେଜି ପିଛା ୪୩ ହଜାର ଟଙ୍କା ବଢ଼ିଛି। ଗତ ୧୨ ଓ ୧୩ ତାରିଖରେ ଯଥାକ୍ରମେ ମୂଲ୍ୟ ୭୦୦୦ ଓ ୯୦୦୦ ଟଙ୍କା ବଢ଼ିଥିବାରୁ ରୁପାର କେଜି ପ୍ରତି ମୂଲ୍ୟ ୨ ଲକ୍ଷ ୬ ହଜାର ଟଙ୍କାରେ ପହଞ୍ଚିଛି। ଏହି ବର୍ଦ୍ଧିତ ହାର ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ରୁପାରେ ଆଖିବୁଜା ନିବେଶ ବଢ଼ିଚାଲିଛି। ତେବେ ଏହାର ସୀମିତ ଉତ୍ପାଦନ ଅନ୍ୟଏକ କାରଣ। ଆମକୁ ଏଠାରେ କହିବାକୁ ପଡୁଛି ଯେ କେବଳ ଗହଣା, ଦେବଦେବୀଙ୍କ ମୂର୍ତ୍ତି ଓ ବାସନରେ ରୁପାର ଉପଯୋଗ ସୀମିତ ନାହିଁ। ସୌରପ୍ୟାନେଲ, ଇଲେକ୍ଟ୍ରୋନିକ୍ସ ସମଗ୍ରୀ ଏବଂ ବିଦ୍ୟୁତ୍ ଚାଳିତ ଗାଡ଼ିରେ ବ୍ୟବହୃତ ବ୍ୟାଟେରୀରେ ମଧ୍ୟ ରୁପା ବ୍ୟବହାର ହେଉଛି। ମାନବୀୟ ସୌଖୀନ ବାଦ ଦ୍ରୁତ ଶିଳ୍ପାୟନର ଆବଶ୍ୟକତା ମେଣ୍ଟାଇବା ପାଇଁ ଉତ୍ପାଦିତ ରୁପା ଯଥେଷ୍ଟ ନୁହେଁ। ତେଣୁ ଆଗାମୀଦିନରେ ରୁପାର ମୂଲ୍ୟ ଆହୁରି ବଢ଼ିବ। ଅନ୍ୟ ଏକ ଖବରରୁ ପ୍ରକାଶ ଯେ ରାଷ୍ଟ୍ରପତି ଟ୍ରମ୍ପ ଚଢ଼ା ବହିଃଶୁଳ୍କ ଘୋଷଣା କରିବା ପରେ ଲଣ୍ଡନ ମେଟାଲ ଏକ୍ସଚେଞ୍ଜରୁ ବିପୁଳ ପରିମାଣର ରୁପା ଆମେରିକା ପଠାଇଦିଆଯାଇଥିଲା। ତେଣୁ ଚାହିଦା ଅନୁଯାୟୀ ରୁପା ଯୋଗାଇବା ସମ୍ଭବ ହେଉନାହିଁ। ଆଉନ୍ସ ପିଛା ରୁପାର ମୂଲ୍ୟ ୫୨ ଡଲାରରେ ପହଞ୍ଚିଛି। ଏହାକୁ ଏକ ରେକର୍ଡ ବୃଦ୍ଧି ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ସର୍ବୋପରି ବୁଲିୟନ ବଜାରରେ ପରିଲକ୍ଷିତ ନିଅଣ୍ଟିଆ ସ୍ଥିତି ଏବଂ ବିତ୍ତୀୟ ଅନିଶ୍ଚିତତା ଏବେ ଲାଗି ରହିଛି। ବିଶେଷକରି ଚୀନ ବିରୋଧରେ ଟ୍ରମ୍ପ ଶହେ ପ୍ରତିଶତ ଟାରିଫ ଘୋଷଣା କରିଥିବାରୁ ସ୍ଥିତି ଅଧିକ ବିଗିଡ଼ିବାରେ ଲାଗିଛି। ତେଣୁ ନିବେଶକଙ୍କ ଆଖି ଏବେ ସୁନା ଓ ରୁପା ଉପରେ। ପରିସ୍ଥିତି ଏପରି ହୋଇଛି ଯେ ରୁପା ନିବେଶ ପାଣ୍ଠି (ଇଟିଏଫ) ରେ ନୂତନ କ୍ରୟକୁ ସାମୟିକ ବନ୍ଦ କରାଯାଇଛି। ଏକଥା ସତ ଯେ ପାର୍ବଣ ପରେ ବିବାହ ଋତୁର ଆଗମନ ହେଉଥିବାରୁ ବଜାରରେ ଚାହିଦା ବର୍ଷତମାମ ଜାରି ରହିବ। ତେଣୁ ରୁପାର ମୂଲ୍ୟ ହ୍ରାସ ଘଟିବା ସମ୍ଭାବନା ପ୍ରାୟତଃ ଉଣା। ପୂର୍ବରୁ ସଞ୍ଚିତ ରୁପା ସାମଗ୍ରୀ ମାଧ୍ୟମରେ ଗହଣା ଦୋକାନୀ ଏବର ସ୍ଥିତିକୁ ସମ୍ମୁଖୀନ ହେଉଥିବାରୁ ହଠାତ୍ ନିଅଣ୍ଟ ବା ଅଭାବ ପରିଲକ୍ଷିତ ହେବ ନାହିଁ। ●

# ସମ୍ପାଦକୀୟ



ବିଧ୍ୱଂସକାରୀ ଅସ୍ତ୍ର ନିର୍ମାଣରେ ଆଣବିକ ଶକ୍ତି ବିନିଯୋଗ ହେବା ଅନୁଶୋଚନୀୟ।
-ଲାଲ ବାହାଦୂର ଶାସ୍ତ୍ରୀ

## ନୋବେଲ୍ ପ୍ରତ୍ୟାଶୀ ନଟସମ୍ରାଟଙ୍କ 'ମୋଗଲ୍ ତାମ୍‌ସା'

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ପ୍ରାୟ ସାତ କି ଆଠମାସ ଧରି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୀତ ହେଉଥିବା ହାସ୍ୟୋଦ୍ଦୀପକ ଅଥଚ ଭିନ୍ନ ଏକ ଦୃଷ୍ଟିରୁ କାରୁଣ୍ୟଭିଜା ନାଟକଟି ଉପରେ ଏବେ ପରଦା ପଡ଼ିଯାଇଛି। ଲୋକମନୋରଞ୍ଜକ 'ମୋଗଲ ତାମସା'ର ମୁଖ୍ୟ ଚରିତ୍ର-ତୁଲ୍ୟ 'କ୍ଷଣ କ୍ଷଣକେ ଆନ ଆଚରଣ, ଆନ ଉଚ୍ଚାରଣ'ରେ ଆମକୁ ପ୍ରଚୁର ହସ, ପ୍ରଚୁର ବିନୋଦରେ ଆପ୍ୟାୟିତ କରିଚାଲିଥିବା ନଟସମ୍ରାଟ ଜଣକ ଏଥର ଅନ୍ୟ ରଙ୍ଗରସର ଅଭିନୟରେ ସମଆଟୋପ ସହ ଉତ୍ତୀର୍ଣ୍ଣ ହେବା ପାଇଁ ମୁହୂର୍ତ୍ତେ ଅବଶ୍ୟ ବିଳମ୍ବ କରିବେ ନାହିଁ, କିନ୍ତୁ ସେ ଅଭିନୟ ଆଉ ଏତେଟା ରୋଚକ, ଏତେଟା ବିରକ୍ତିକର ଭାବରେ ରୋମାଞ୍ଚକ ହେବାର ସମ୍ଭାବନା ନାହିଁ ନିଶ୍ଚୟ। ଏହାର କାରଣ ଅତି ସ୍ପଷ୍ଟ। ସଦ୍ୟ ସମାପ୍ତ ଏହି ଚର୍ଚ୍ଚିତ ନାଟକରେ ଏ ଅଭିନେତା ଏକାବେଳକେ ତିନି/ଚାରିଟି ଭୂମିକାରେ ଅଭିନୟ କରିବାର ମହାର୍ଘ ସୁଯୋଗ ପାଇଥିଲେ- କେତେବେଳେ ଅଝଟ ଅବୋଧ ବାଳକର ଅଭିନୟ ତ କେତେବେଳେ ଜଣେ ସଲାକୁସ୍ତି-ଯୋଦ୍ଧାର କି ଜଣେ ଦୁର୍ଦ୍ଦାନ୍ତ ଦେହବଳିଆ, ମୋଟାବୁଦ୍ଧିଆର ଅଭିନୟ। କିଏ ହୁଏତ କହିପାରନ୍ତି ଏ ଭୂମିକା ସବୁ ହାସ୍ୟରସ ସହ କିଛିଟା ଲଘୁ ବୀଭତ୍ସରସ ସିନା ସୃଷ୍ଟି କରିଥିବେ, କିନ୍ତୁ କାରୁଣ୍ୟରସ କାହିଁ? କାରୁଣ୍ୟରସ ଅବଶ୍ୟ ଥିଲା, କାରଣ ଏ ପକ୍‌କା ନାଟୁଆ ମଣିଷ ଜଣକ ମଝିରେ ମଝିରେ 'ଭିକ୍ଷାଂ ଦେହି, ଭିକ୍ଷାଂ ଦେହି' କହି ଭାରି ବିକଳ ସ୍ୱରରେ କାକୁତି ମିନତି ବି କରୁଥିଲେ ଏବଂ ନିରାଶ-ଜର୍ଜର ଭିକ୍ଷୁକଟିଏ ପରି ଅଭିସଂପାତ ବି ଦେଉଥିଲେ।

ଏ ଦୀର୍ଘ ଉପକ୍ରମଣିକାଟି ପଢ଼ିବା ପରେ ଆପଣମାନେ ଜାଣି ସାରିବେଣି ଏ ନଟସମ୍ରାଟ ହେଉଛନ୍ତି ଆମେରିକାର ମଉଡ଼ମଣି ଡୋନାଲଡ୍ ଟ୍ରମ୍ପ ମହୋଦୟ। ନୋବେଲ୍ ଶାନ୍ତି ପୁରସ୍କାର ରୂପକ ଅପରୂପ ସ୍ୱାଦଯୁକ୍ତ ଅମୃତଫଳଟିକୁ ନିଜ ଭିକ୍ଷାଝୁଲିରେ ଯେନତେନ ପ୍ରକାରେ ଖସାଇ ପକାଇବା ପାଇଁ ତାଙ୍କର ଦୁଃସହ ଲିପ୍‌ସାର ଦୃଶ୍ୟଶ୍ରାବ୍ୟ ନାଟକ ଇଏ। ମନେ ହୁଏ ସେ କବି 'ୱାଲଟ୍ ହ୍ୱିଟ୍‌ମ୍ୟାନ'ଙ୍କ 'ସଙ୍ଗ୍ ଅଫ୍ ମାଇସେଲ୍‌ଫ୍' କବିତାର ଏଇ କେତୋଟି ପଂକ୍ତି 'ମୁଁ କ'ଣ ବାରବାର ନିଜକୁ ଖଣ୍ଡନ କରୁଛି? ବେଶ୍ ହେଲା, ଏବେ ଶୁଣ ମୋର ଦୃପ୍ତ ସ୍ୱୀକାରୋକ୍ତି / ହଁ, ମୁଁ ଖଣ୍ଡନ କରୁଛି ନିଜକୁ ବାରବାର / ମୁଁ ବିରାଟ, ବିପୁଳ / ମୁଁ ଏକ ନୁହେଁ, ଅନେକ / ମୋ ଭିତରେ ଅଗଣିତ ଭିନ୍ନ ଭିନ୍ନ ସତ୍ତା ବିଦ୍ୟମାନ' ରେ ନିହିତ ଗୂଢ଼ ଭାବନାର କଦର୍ଥ କରି ପକାଇଛନ୍ତି ଆପଣାର ସେ ବିଲକ୍ଷଣ ସ୍ଥୂଳ ବୁଦ୍ଧିରେ। ସେ ଭାବିନେଇଛନ୍ତି ଯେ ସେ ସତରେ ଜଣେ ବିରାଟ ପୁରୁଷ ଏବଂ ସେଥିପାଇଁ ନିଜକୁ, ନିଜର ମତ ମନ୍ତବ୍ୟ, ଆଚରଣ ବା ଉଚ୍ଚାରଣ ସବୁକୁ ବାରବାର ଖଣ୍ଡନ କରିବା ତାଙ୍କର ଦୈବାଧିକାର। ସ୍ଥୂଳ ବୁଦ୍ଧି ଓ ଅଳ୍ପ ବିଦ୍ୟା କି ଭୟଙ୍କର ସତେ!

ଆତ୍ମଗର୍ବ, ଆତ୍ମରତି, ଔଦ୍ଧତ୍ୟ ଓ ଓଲାପଣିଆର ବିଚିତ୍ର କକ୍‌ଟେଲ୍ ଡୋନାଲଡ ଟ୍ରମ୍ପ-ଏହା ଅବଶ୍ୟ ଅକାଟ୍ୟ ସତ୍ୟ। ମାତ୍ର ବିଚିତ୍ରତମ ହେଉଛି ନୋବେଲ୍ ଶାନ୍ତି ପୁରସ୍କାରଟି ପାଇଁ ତାଙ୍କର ଏ ଜ୍ୱରାକ୍ରାନ୍ତ ପ୍ରଳାପ, ଏ ଅଳିଅର୍ଦ୍ଦଳି, ଏ ରେରେକାର ଚିତ୍କାର ଓ ତମ୍ବିତୋଫାନ। କିନ୍ତୁ ସବୁ ଦୋଷ କ'ଣ ବିଚରା ଟ୍ରମ୍ପଙ୍କର? ତାଙ୍କରି ଦେଶର କୁଟିଳମନା ଯୁଦ୍ଧଖୋର କୂଟନୀତିଜ୍ଞ ହେନ୍‌ରୀ କିସିଂଜରଙ୍କୁ ନରୱେ ନୋବେଲ କମିଟି କ'ଣ ଦିନେ 'ବିଶ୍ୱଶାନ୍ତିଦୂତ'ର ମାନ୍ୟତା ଦେଇ ନଥିଲା ନୋବେଲ୍ ଶାନ୍ତି ପଦକଟି ଦୁର୍ବୋଧ ବିନମ୍ରତାର ସହ ପ୍ରଦାନ କରି? ଦିନେ ସେହି ନୋବେଲ୍ ଶାନ୍ତି କମିଟି କ'ଣ ହିଟ୍‌ଲର୍, ଷ୍ଟାଲିନ ଓ ମୁସୋଲିନୀମାନଙ୍କ ପରି ଗଣହତ୍ୟାକାରୀ ଅମଣିଷମାନଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ଦେବା ପାଇଁ ଅସଫଳ ମସୁଧା କରି ନ ଥିଲା? ଏ ପର୍ଯ୍ୟନ୍ତ ଯେଉଁମାନଙ୍କୁ ଏ କମିଟି ଶାନ୍ତି ସମ୍ମାନରେ ଭୂଷିତ କରିସାରିଛି, ସେମାନଙ୍କ ମଧ୍ୟରୁ ବେଶ୍ କେତେଜଣଙ୍କ ଯୋଗ୍ୟତା ଉପରେ ପ୍ରଶ୍ନବାଚୀ ଚିହ୍ନ ଲାଗିନି କି? ଏମିତି ଉଦାହରଣ, ଏମିତି ବିଡ଼ମ୍ବନାମାନ ଯେତେବେଳେ ଡୋନାଲଡ୍ ଟ୍ରମ୍ପଙ୍କ ଗୋଚରୀଭୂତ ହୋଇଥିବ, ସେତେବେଳେ କିପରି ଓ କାହିଁକି ବା ସେ ବିରତ ହୋଇଥା'ନ୍ତେ ଏମନ୍ତ ଏକ ସର୍ବଗ୍ରାସୀ (ଓ ସର୍ବନାଶୀ ବି) କାମନା-ପୋଷଣରୁ? ସେ କ'ଣ ହେନରୀ କିସିଂଜରଙ୍କ ମୁଖନିସୃତ 'ଆମେରିକାର କେହି ନୁହନ୍ତି ଶତ୍ରୁ, କେହି ନୁହନ୍ତି ମିତ୍ର-ସର୍ବାଗ୍ରେ ହିଁ ଆମେରିକାର ସ୍ୱାର୍ଥ' ମହାମନ୍ତ୍ରଟିର ପ୍ରୟୋଗ କରି ଚାଲିନାହାନ୍ତି ତାଙ୍କର ବିଦେଶ ନୀତିରେ? କାମ୍ବୋଡ଼ିଆରେ ବୋମାବର୍ଷଣ, ବଲଭିଆ ଓ ଚିଲିରେ ସାମରିକ ବିଦ୍ରୋହ, ଇଷ୍ଟ ତିମୋର୍ ଉପରେ ଇଣ୍ଡୋନେସିଆର ଆକ୍ରମଣ ଏବଂ ଏମିତି ଆହୁରି କେତେ କେତେ ହିଂସାତ୍ମକ, ଆକ୍ରମଣାତ୍ମକ କାର୍ଯ୍ୟ ଓ ଆଭିମୁଖ୍ୟ ଆମେରିକା ପ୍ରଦର୍ଶନ କରିଚାଲିଥିବା ବେଳେ ସେଥିପାଇଁ ପ୍ରୋତ୍ସାହନ ଦେଇଥିଲେ ହେନେରୀ କିସିଂଜର। ଆଉ କିଏ ବା ନ ଜାଣେ ଏଇ କିସିଂଜରୀୟ କୂଟନୀତି ଭିଏତ୍‌ନାମ, ଇରାକ୍ ଆଦି ଦେଶମାନଙ୍କରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନର ମୁଖ୍ୟ ଉତ୍‌ପ୍ରେରକ ବୋଲି! ଏମନ୍ତ ମହାନ୍ ଆମେରିକୀୟ ଜଣେ ଯଦି ନୋବେଲ୍ ଶାନ୍ତି ସମ୍ମାନରେ ଭୂଷିତ ହୋଇଥିଲେ, ଟ୍ରମ୍ପ ବା କାହିଁକି ନ ହେବେ, ବିଶେଷ କରି ସେ ସାତ ସାତଟି ଯୁଦ୍ଧ ବିରତିର କାର୍ପଟଦାର ହୋଇଥିବା ବେଳେ? ପାକିସ୍ତାନର ଅସୀମ ମୁନିର୍, ଇସ୍ରାଏଲର ନେତାନ୍ୟାହୁ ଆଦି ଟ୍ରମ୍ପ ହିଁ ନୋବେଲ୍ ଶାନ୍ତି ପୁରସ୍କାରର ହକ୍‌ଦାର ବୋଲି ନୋବେଲ୍ କମିଟିକୁ ଦୃଢ଼ ସୁପାରିସ କରିନାହାନ୍ତି କି? ଅବୋଲକରା ଭାରତ ସେମିତି କଲା ନାହିଁ ବୋଲି ସେ ତା'ଉପରେ ପ୍ରଚଣ୍ଡ 'ତାରିଫ୍' ପ୍ରହାର କରି ନାହାନ୍ତି କି? 'ମେକ୍ ଆମେରିକା ଗ୍ରେଟ୍ ଏଗେନ୍' (ମାଗା) ସ୍ୱପ୍ନଟିକୁ ଚରିତାର୍ଥ କରିବା ପାଇଁ କି କି ମହତ୍ ପଦକ୍ଷେପମାନ ନେଉନାହାନ୍ତି ସେ? ମାନବତା, ଉଦାରତା, ଭେଦଭାବହୀନତା ପରି ଶାଶ୍ୱତ ମୂଲ୍ୟବୋଧ ସବୁର ପ୍ରତୀକ 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ଦେଶ ଆମେରିକାର ଗଣତାନ୍ତ୍ରିକ, ସାମ୍ବିଧାନିକ ବାତାବରଣକୁ ଧ୍ୱସ୍ତ ବିଧ୍ୱସ୍ତ କରି, ବିଶ୍ୱାୟନ ପରେ ପରେ ଦେଶ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ, ଅବାଧ ଯାତାୟତ ଓ ଜ୍ଞାନବିଜ୍ଞାନର ଆଦାନପ୍ରଦାନ ସବୁକୁ ସୁଗମ କରିବା ପାଇଁ ଉନ୍ମୁକ୍ତ ହୋଇଯାଇଥିବା ସବୁ ଦ୍ୱାର, ଗବାକ୍ଷ, ସବୁ ମାର୍ଗ ପୁନଶ୍ଚ ଅବରୁଦ୍ଧ କରି ଆମେରିକାର ସ୍ୱାତନ୍ତ୍ର୍ୟ, ଆମେରିକାର ପ୍ରଭୁତ୍ୱକୁ ନିରଙ୍କୁଶ ରଖିବା ପାଇଁ କି କି ଅଭିନବ ଚିନ୍ତନ-ପ୍ରସୂତ ତତ୍ତ୍ୱ ବାଢ଼ି ଦେଇନାହାନ୍ତି ସେ? ତେଣୁ ନୋବେଲ୍ ଶାନ୍ତି ତାଙ୍କର ପ୍ରାପ୍ୟ, ଶତ ପ୍ରତିଶତ ପ୍ରାପ୍ୟ - ଏମିତି ଭାବିବାରେ କିଛି ଅସ୍ୱାଭାବିକତା ଅଛି ବୋଲି କାହିଁକି ଟ୍ରମ୍ପ ମହୋଦୟ ଚିନ୍ତା କରିବେ?

କିନ୍ତୁ ହାୟ, ସବୁ ଛଳକୌଶଳ, ସବୁ ଧମକଚମକ ଓ ସବୁ କାନ୍ଦଣା, ପ୍ରାର୍ଥନାକୁ ବ୍ୟର୍ଥ କରିଦେଲେ ନରୱେ ନୋବେଲ୍ କମିଟିର ବିଚାରକମାନେ। ବୋଧହୁଏ ଏଇଥର ଖୁବ୍ ତୀବ୍ର ବେଗରେ ସେମାନଙ୍କ ଧମନୀରେ ପ୍ରବାହିତ ହୋଇ ଚାଲିଲା ବେଳେବେଳେ ଧିମେଇ ଯାଉଥିବା ସେ ବୈଶିଷ୍ଟ୍ୟାତ୍ମକ 'ସ୍କାଣ୍ଡିନେଭିଆନ୍' ଟାଣପଣିଆ ଏବଂ ସୁସ୍ଥବିଚାର-ପ୍ରବଣତାର ରସାୟନ। ଶାନ୍ତି, ଶାନ୍ତି ଚିତ୍କାର କରି ଅଶାନ୍ତି ସୃଷ୍ଟି କରି ଚାଲିଥିବା ହୁଙ୍କାପିଟିଆ, ଆଡ଼ବାୟା ଡୋନାଲଡଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ଚାପ ଆଗରେ ମୁଣ୍ଡ ନ ନୁଆଁଇ ସେମାନେ ଭେନିନ୍‌ଜୁଏଲାର ବିରୋଧୀ ଦଳର ନେତ୍ରୀ 'ମାଚାଡୋ'ଙ୍କୁ ନୋବେଲ୍ ଶାନ୍ତି (୨୦୨୫) ପୁରସ୍କାର ବିଜୟିନୀ ଭାବରେ ଘୋଷଣା କଲେ ଏବଂ ଏପରି କରି ସ୍ପଷ୍ଟ କରିଦେଲେ ଯେ ଶାନ୍ତି ଏକ ଲକ୍ଷ୍ୟ କେବଳ ନୁହେଁ, ଏହା ହେଉଛି ଏକ ନିରନ୍ତର ପ୍ରକ୍ରିୟା ଏବଂ ଗଣତନ୍ତ୍ର, ମାନବତା, ସମତା ଓ ବାକ୍ ସ୍ୱାଧୀନତାର ମାର୍ଗରେ ଏକ ସର୍ତ୍ତବିହୀନ ନିରବଚ୍ଛିନ୍ନ ଯାତ୍ରା। ଏହାସହିତ ମଧ୍ୟ ସ୍ପଷ୍ଟ କରିଦେଲେ ଯେ ଶାନ୍ତିର ମାର୍ଗ ହେଉଛି ଗାନ୍ଧୀଙ୍କ ମାର୍ଗ, ମାର୍ଟିନ୍ ଲୁଥର କିଙ୍ଗ, ନେଲସନ୍ ମାଣ୍ଡେଲା ଓ ମଦର ଟେରେସାଙ୍କ ମାର୍ଗ। ଡୋନାଲଡ୍ ଟ୍ରମ୍ପଙ୍କ ପରି ଜଣେ ଅସ୍ଥିରଚିତ୍ତ, ପ୍ରଚ୍ଛନ୍ନ ଫାସିବାଦୀ ଚରିତ୍ରର ରାଜନେତା ନୁହନ୍ତି, 'ମାଚାଡୋ'ଙ୍କ ପରି ଜଣେ ଉତ୍ସର୍ଗୀକୃତ ନାରୀନେତ୍ରୀ ଏ ମହତୀ ସମ୍ମାନର ଯୋଗ୍ୟା ବୋଲି ନିର୍ଣ୍ଣାୟକ ନିଷ୍ପତ୍ତି ନେଇ ଆମକୁ ତଥା ଏ ସମଗ୍ର ବିଶ୍ୱକୁ ଆଶ୍ୱସ୍ତ କରିବା ସଙ୍ଗେ ସଙ୍ଗେ ନରୱେ ନୋବେଲ ଶାନ୍ତି କମିଟି ଏଇ ବାର୍ତ୍ତାଟି ମଧ୍ୟ ଦେଇଛନ୍ତି - 'ବର୍ତ୍ତମାନର ବହୁଧା ବିଭକ୍ତ, ବିଭାଜିତ, ବହୁ ଦ୍ୱନ୍ଦ୍ୱ, ବିରୋଧାଭାସପୂର୍ଣ୍ଣ କାଳଖଣ୍ଡରେ ତଥାପି ମାନବତା, ମାନବିକତା, ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅଙ୍ଗୀକାରବଦ୍ଧତାର ଦୀପଶିଖା କେଉଁଠି ନା କେଉଁଠି ପ୍ରଜ୍ୱଳିତ ଅଛି, କେଉଁଠି ନା କେଉଁଠି ସୁସ୍ଥ ବିଚାରବୋଧର ଜାହ୍ନବୀଧାରା ପ୍ରବାହିତ ହୋଇଚାଲିଛି'। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଏମିତି ଖୁସି କାହିଁକି?

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଖୁସି ପ୍ରକାଶ କରିବାର ଅନେକ ଉପାୟ ଅଛି। ହେଲେ ପ୍ରଶ୍ନ ହେଉଛି କାହିଁକି କିଛି ଲୋକ କେବଳ ବାଣ ଫୁଟାଇ ନିଜ ଖୁସି ପରିପ୍ରକାଶ କରନ୍ତି। ବାଣ କେବଳ ପରିବେଶ ପାଇଁ କ୍ଷତିକାରକ ନୁହେଁ, ବିପଜ୍ଜନକ ମଧ୍ୟ। ଏଥିଯୋଗୁଁ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିତ ଅନେକ ଲୋକଙ୍କ ମୃତ୍ୟୁ ଘଟେ। ସର୍ବୋଚ୍ଚ ନ୍ୟାୟାଳୟ ପରିବେଶ ପ୍ରଦୂଷଣ ସମ୍ବନ୍ଧୀୟ ଆବେଦନଗୁଡ଼ିକର ଶୁଣାଣି ବେଳେ ପ୍ରଶ୍ନ କରିଥିଲେ କେବଳ ଦିଲ୍ଲୀ-ଏନସିଆରରେ କାହିଁକି ବାଣ ଫୁଟାଇବା ନିଷେଧ ହେବ? ଦେଶର ଅନ୍ୟାନ୍ୟ ସହର ଯେଉଁଠାରେ ପ୍ରଦୂଷଣ ଏକ ଗମ୍ଭୀର ସମସ୍ୟା, ସେଠାରେ ମଧ୍ୟ ବାଣ ଫୁଟାଇବା କାହିଁକି ନିଷେଧ କରାଯିବ ନାହିଁ? ଦିଲ୍ଲୀ ଜନସାଧାରଣଙ୍କର ପରି ସମସ୍ତ ସହରର ଲୋକଙ୍କୁ ସ୍ୱଚ୍ଛ ବାୟୁ ଆହରଣର ସମାନ ଅଧିକାର ଅଛି। ପ୍ରଦୂଷଣ ସମ୍ପର୍କିତ ଯେକୌଣସି ନୀତି ସାରା ଦେଶରେ ସମାନ ହେବା ଉଚିତ।

୨୦୨୫, ମେ' ମାସରେ ସର୍ବୋଚ୍ଚ ନ୍ୟାୟାଳୟ ଉତ୍ତର ପ୍ରଦେଶ, ହରିୟାଣା ଓ ରାଜସ୍ଥାନ ସରକାରଙ୍କୁ ଜାତୀୟ ରାଜଧାନୀ ଅଞ୍ଚଳରେ ବାଣ ଫୁଟାଇବା ଉପରେ ନିଷେଧାଦେଶ ଜାରି କରିଛନ୍ତି। ଚେତାବନୀ ଦେଇଛନ୍ତି ନିର୍ଦ୍ଦେଶର ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ହେବ। ସର୍ବୋଚ୍ଚ ନ୍ୟାୟାଳୟ ପୂର୍ବରୁ ଅନେକ ଥର ଏହି ସମ୍ପର୍କରେ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିର୍ଦ୍ଦେଶଗୁଡ଼ିକୁ କେତେ ପରିମାଣରେ ପାଳନ କରାଯାଇଛି ତାହା ସର୍ବଜନବିଦିତ। ଯଦିଓ କିଛି ମହଲରେ ସବୁଜ ବାଣ



ବିଷୟରେ ଏକ ସକାରାତ୍ମକ ଧାରଣା ରହିଛି, ତଥାପି ବାଣ ବ୍ୟବହାର ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟା ସୃଷ୍ଟି କରେ। ଏଥିରୁ ନିର୍ଗତ ପ୍ରଦୂଷଣ, ରାସାୟନିକ ପଦାର୍ଥ ଓ ବିଭିନ୍ନ କଠିନ ପଦାର୍ଥର ପରିବେଶ ଉପରେ ପ୍ରଭାବ କମ୍ ନୁହେଁ। ବିଡ଼ମ୍ବନାର ବିଷୟ ହେଉଛି ସାଧାରଣ ଲୋକ ସମସ୍ତ ନିର୍ଦ୍ଦେଶ, ସରକାରୀ କଟକଣା ଓ ପରାମର୍ଶକୁ କ୍ରମାଗତ ଭାବରେ ଅଣଦେଖା କରିଛନ୍ତି। ଦୀପାବଳୀ ସମୟରେ ଏବଂ ଏହାର ପାଖାପାଖି ଗୋଟିଏ କିମ୍ବା ଦୁଇ ଦିନ ପାଇଁ ରାସ୍ତାରେ ଚାଲିବା କଷ୍ଟକର ହୋଇପଡ଼େ। ଅନେକ ଦିନ ପର୍ଯ୍ୟନ୍ତ ବିଷାକ୍ତ ଧୂଆଁ ବାୟୁମଣ୍ଡଳରେ ରହିଥାଏ, ଯାହା ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରେ।

ପ୍ରଶ୍ନ ହେଉଛି ଏହା କାହାର ଖୁସି? ଏହି ପର୍ବରେ କିଏ ଭଲ ଭାବରେ ଆତସବାଜି ଫୁଟାଇପାରିବ ତାହା ଦେଖିବା ପାଇଁ ଏକ ପ୍ରତିଯୋଗିତା ହୋଇଥାଏ। ରିପୋର୍ଟ ଅନୁଯାୟୀ ଅନେକ ପରିବାର କିଛି ଘଣ୍ଟା ମଧ୍ୟରେ ୧୦୦୦ ରୁ ୧୦୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଆତସବାଜି ଜାଳିଥା'ନ୍ତି। ପ୍ରଶ୍ନ ହେଉଛି ଏହା କ'ଣ ପର୍ବ ପାଳନ କରିବାର ଉପାୟ ନା ପ୍ରଦୂଷଣ ସୃଷ୍ଟିକାରୀ ପ୍ରତିଯୋଗିତା? ଆତସବାଜି କେବଳ ବ୍ୟବହାରକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ନାହିଁ, ବରଂ ନିକଟରେ ଉପସ୍ଥିତ ଥିବା ଅନ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରେ।

ବୈଜ୍ଞାନିକଙ୍କ ମତାନୁଯାୟୀ ଆତସବାଜି ଜାଳିବା ଦ୍ୱାରା ସଲଫର ଡାଇଅକ୍ସାଇଡ୍, କାର୍ବନ ମନୋକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସୀସା ସମେତ ଅନ୍ୟାନ୍ୟ ରାସାୟନିକ ପଦାର୍ଥ ନିର୍ଗତ ହୁଏ, ଯାହା ବିଭିନ୍ନ ଗମ୍ଭୀର ସମସ୍ୟା ସୃଷ୍ଟି କରେ। ଏସବୁ ଅତ୍ୟନ୍ତ ବିଷାକ୍ତ, ଯାହା ହୃଦୟ, ମସ୍ତିଷ୍କ, ଯକୃତ, ବୃକକ୍, ରକ୍ତ ଏବଂ ହାଡ଼କୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ। ଶବ୍ଦ ପ୍ରଦୂଷଣ ବ୍ୟତୀତ ଏହା ମାଟି ଓ ଜଳ ପ୍ରଦୂଷଣ ମଧ୍ୟ ସୃଷ୍ଟି କରେ। ଆଜ୍‌ମା, ହୃଦ୍‌ଘାତ, ଚର୍ମ ରୋଗ ଆଦି ମଧ୍ୟ ବୃଦ୍ଧି କରେ। ଗବେଷଣା ଅନୁଯାୟୀ ଆତସବାଜି ସାର୍ବଜନୀନ ଜଳ ଯୋଗାଣ ଓ ଭୂତଳ ଜଳକୁ ମଧ୍ୟ ବିଷାକ୍ତ କରିପାରେ। ଯେଉଁମାନେ ସେହି ପାଣି ବ୍ୟବହାର କରନ୍ତି ସେମାନଙ୍କୁ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗର ଶିକାର ହେବାକୁ ପଡ଼ିଥାଏ। ଏହା ଉଦ୍ଭିଦ ଉପରେ ପ୍ରତିକୂଳ ପ୍ରଭାବ ପକାଏ।

ଉତ୍ସବ ନାମରେ ଜଳାଯାଉଥିବା ଆତସବାଜି ଥରେ ହିଂସାତ୍ମକ ଓ କୋଳାହଳପୂର୍ଣ୍ଣ ସଂସ୍କୃତିର ଅଂଶ ଥିଲା। ମଧ୍ୟଯୁଗୀୟ ସମୟରେ ଏଗୁଡ଼ିକ ଭାରତରେ ବ୍ୟାପକ ହୋଇଗଲା ଏବଂ ଦେଖୁ ଦେଖୁ ଭାରତୀୟ ସମାଜର ପ୍ରତ୍ୟେକ ବର୍ଗରେ ଆନନ୍ଦ ପ୍ରକାଶ କରିବାର ଏକ ମାଧ୍ୟମ ହୋଇଗଲା। ଆମ ଦେଶରେ ଏଗୁଡ଼ିକ କୌଣସି ଉତ୍ସବ କିମ୍ବା ପର୍ବର ଅଂଶ ନଥିଲେ। କାରଣ ଏଗୁଡ଼ିକ ଏଠାରେ ନିର୍ମିତ ହୋଇନଥିଲା। ଶାନ୍ତି, ପ୍ରେମ, ସଦ୍ଭାବ ଏବଂ ସହିଷ୍ଣୁତାର ଭାରତୀୟ ସଂସ୍କୃତିରେ ନୃତ୍ୟ, ସଂଗୀତ କାର୍ଯ୍ୟକ୍ରମ, ଆମ୍ବ ପତ୍ରରେ ଘର ସଜାଇବା, ଚିତ୍ରକଳା କରିବା ଏବଂ ଖୁସି ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରତୀକ ବ୍ୟବହାର କରିବାର ପରମ୍ପରା ରହିଆସିଛି।

ରାଜ୍ୟ ପ୍ରଶାସନ ବାଣ ଫୁଟାଇବା ଉପରେ ସରକାରୀ ନିଷେଧ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କେତେଦୂର କାର୍ଯ୍ୟକାରୀ କରିପାରିବେ ତାହା କେବଳ ଦୀପାବଳି ଏବଂ ଅନ୍ୟାନ୍ୟ ପର୍ବପର୍ବାଣି ସମୟରେ ଜଣାପଡ଼ିବ। ତଥାପି ଜନସଚେତନତା ବ୍ୟାପକ ଭାବରେ କରାଯିବା ଉଚିତ, ଯାହା ଦ୍ୱାରା ଭବିଷ୍ୟତରେ କୌଣସି ପ୍ରଦୂଷଣଜନିତ ସମସ୍ୟା ସୃଷ୍ଟି ନହୁଏ। ଆଶା କରାଯାଉଛି ଯେ ଭବିଷ୍ୟତରେ କେବଳ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ନୁହେଁ, ବରଂ ପ୍ରଦୂଷଣ ସମସ୍ୟା ଲାଗି ରହିଥିବା ପ୍ରତ୍ୟେକ ସହରରେ ବାଣ ଫୁଟାଇବା ଉପରେ ନିଷେଧ ଲାଗୁ କରାଯିବ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ତିବ୍ବତରେ ବୌଦ୍ଧବିହାର

ପ୍ରବୀର କୁମାର ପଟ୍ଟନାୟକ



### ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ଏଇଟି ଖ୍ରୀ ୧୪୪୫ ରେ ନିର୍ମିତ ହୋଇଥିଲା ସଙ୍ଘ-ଖା-ପାଙ୍କର ବଂଶଧର ତଥା ଗେଲୁଗ୍‌ସ୍‌ପା ସଂପ୍ରଦାୟର ପ୍ରଥମ ମହାଲାମା ଗେ ଡୁନ୍ ଡବ୍ ଙ୍କ ଦ୍ୱାରା। ଏହି ମହାବିହାରଟି ବୌଦ୍ଧଶିକ୍ଷାର ପ୍ରଧାନ କେନ୍ଦ୍ର। ତାସୀ-ଲୁନ୍-ପୋ ବିଶ୍ୱବିଦ୍ୟାଳୟଟି ମହାଲାମାଙ୍କ ଅଧ୍ୟକ୍ଷତାରେ ହିଁ ପରିଚାଳିତ। ଏହି ମହାଲାମା ପଞ୍ଚେନ ରିନ୍ ପୋ ଚେ ନାମରେ ପରିଚିତ। ମହାବିହାରଟି ଗୋଟିଏ କ୍ଷୁଦ୍ର ସହର ଏବଂ ଏଠାରେ ତିନି ହଜାର ଭିକ୍ଷୁ ରହିଥା'ନ୍ତି। (୬) ରା-ଡାଙ୍ଗ - ଏହି ମହାବିହାରଟି କଦମ୍‌ପା ସଂପ୍ରଦାୟର। ଏହା ଲାସାର ଉତ୍ତର ପୂର୍ବକୁ ଅବସ୍ଥିତ। ଏଇଟି ବୌଦ୍ଧ ଗୁରୁ ଅତୀସଙ୍କ ଶିଷ୍ୟ ବ୍ରମ୍-ଟନ୍ ଙ୍କ ଦ୍ୱାରା ଖ୍ରୀ ୧୦୫୫ରେ ପ୍ରତିଷ୍ଠିତ। ଏଠାରେ ଅତୀସଙ୍କ ଦେହାବଶେଷ ଏକ ବିରାଟ ରୌପ୍ୟ ସମାଧିରେ ସଂରକ୍ଷିତ। ଏହିଠାରେ ମଧ୍ୟ ପ୍ରସିଦ୍ଧ ବୌଦ୍ଧ ସାଧୁ ମିଲାରେପାଙ୍କର ସ୍ୱର୍ଣ୍ଣନିର୍ମିତ ପ୍ରତିମୂର୍ତ୍ତି ରଖାଯାଇଛି। ଏହି ସ୍ଥାନଟି ହେଉଛି ତିବ୍ବତରେ ପ୍ରାରମ୍ଭିକ କାଳର ପ୍ରଥମ ଓ ପ୍ରଧାନ ବୌଦ୍ଧ କେନ୍ଦ୍ର। (୭) ସା-ସ୍କ୍ୟ - ଏହି ମହାବିହାର ଖ୍ରୀ ୧୦୭୧ରେ ପ୍ରତିଷ୍ଠିତ। ସା-ସ୍କ୍ୟ ହେଉଛି ତିବ୍ବତୀୟ ବୌଦ୍ଧଧର୍ମର ଏକ ସଂସ୍କାରମୂଳକ ସଂପ୍ରଦାୟ ଏବଂ ଏହି ମହାବିହାରଟି ସେହି ନାମରେ ନାମିତ। ଏହି ମହାବିହାରର କୋଠା ସାତତାଲା ବିଶିଷ୍ଟ। ଏଠାରେ ଏକ ବିଶାଳ ଗ୍ରନ୍ଥାଗାର ରହିଛି। ତିବ୍ବତୀ ଓ ସଂସ୍କୃତ ଭାଷାରେ ଗ୍ରନ୍ଥମାନ ଏଠାରେ ରଖାଯାଇଛି। (୮) ଫୁଣ୍ଟସୋଲିଙ୍ଗ - ଏହି ବିହାରଟିକୁ ପ୍ରସିଦ୍ଧ ତିବ୍ବତୀୟ ଇତିହାସକାର ଲାମା ତାରାନାଥ ପ୍ରତିଷ୍ଠା କରିଥିଲେ। ଶାସକ୍ୟର ଉତ୍ତର ପାଖରେ ଜୋନାଙ୍ଗ ବୌଦ୍ଧବିହାର ପାଖାପାଖି ଏହି ବିହାରଟିରେ ଲାମା ତାରାନାଥ ନିଜେ ଶିକ୍ଷା ଗ୍ରହଣ କରିଥିଲେ। ଏହି ବିହାରଟିରେ ସେ ଅନେକ ବୌଦ୍ଧ ପ୍ରତିମୂର୍ତ୍ତି ଓ ବହୁ ସଂଖ୍ୟକ ଗ୍ରନ୍ଥ ସଂଗ୍ରହ କରି ପୂର୍ଣ୍ଣ କରିଦେଇଥିଲେ। ତାଙ୍କ ଦେହତ୍ୟାଗ ପରେ ପଞ୍ଚମ ମହାଲାମା (ଦଲାଇ ଲାମା) ଜବରଦସ୍ତ ଏହି ବିହାରଟିକୁ ନିଜର ଗେଲୁଗ୍‌ସ୍‌ପା ସଂପ୍ରଦାୟର ଅନୁଷ୍ଠାନ ଭାବେ ପରିଣତ କରି ଦେଇଥିଲେ। (୯) ସାମ-ନିଙ୍ଗ - ଏଇଟି ନିଙ୍ଗମା ସଂପ୍ରଦାୟର ବିହାର। ଏହି ବିହାରରେ ଉଭୟ ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀ ରହିଥା'ନ୍ତି। ମାତ୍ର ଜଣେ ଭିକ୍ଷୁଣୀ ହେଉଛନ୍ତି ଏହାର ମୁଖ୍ୟ। (୧୦) ଦେ-କୁଙ୍ଗ - ଜଣେ ବିଶିଷ୍ଟ ଶାସକ୍ୟ ଲାମାଙ୍କ ପୁତ୍ର କୋଞ୍ଚୋ-ୟାଲ୍‌ପୋ ଏହି ବିହାରଟିକୁ ଖ୍ରୀ ୧୧୬୬ ରେ ନିର୍ମାଣ କରିଥିଲେ। ଏହା ଲାସାର ଉତ୍ତର ପଶ୍ଚିମକୁ ପ୍ରାୟ ଶହେ ମାଇଲ ଦୂରରେ ଅବସ୍ଥିତ ଏବଂ କାଗ୍ୟପା ସଂପ୍ରଦାୟର ବିଶାଳ ବୌଦ୍ଧ ବିହାର ମଧ୍ୟରୁ ଗୋଟିଏ। (୧୧) ମିଣ୍ଡୋଲିଙ୍ଗ - ଏହା ହେଉଛି ନିଙ୍ଗ୍‌ମା ସଂପ୍ରଦାୟର ବିହାର ଓ ସମୟେ ବିହାରର ଦକ୍ଷିଣକୁ ଲାଗି ରହିଛି। ଏଥିରେ କୋଡ଼ିଏ ଗୋଟି ବୌଦ୍ଧମନ୍ଦିର ରହିଛି। ମୁଖ୍ୟ ମନ୍ଦିରଟି ନଅତାଲା ବିଶିଷ୍ଟ। ଏହି ବିହାରଗୁଡ଼ିକ ତିବ୍ବତର ପ୍ରସିଦ୍ଧ ବିହାର ମଧ୍ୟରୁ କେତୋଟି। ତିବ୍ବତର କୋଣ ଅନୁକୋଣରେ ବିଭିନ୍ନ ସଂପ୍ରଦାୟର ଅନେକ ବିହାର ରହିଛି। ଦକ୍ଷିଣ ଓ ପୂର୍ବ ତିବ୍ବତରେ ବିହାରମାନ ବହୁ ସଂଖ୍ୟାରେ ଅବସ୍ଥିତ। ବିହାରଗୁଡ଼ିକ ମଧ୍ୟରୁ ଅଧିକ ସଂଖ୍ୟକ ହେଉଛନ୍ତି ନିଙ୍ଗମା ସଂପ୍ରଦାୟର। ଏହି ନିଙ୍ଗମା ସଂପ୍ରଦାୟ ସିଧାସଳଖ ଭାବେ ପଦ୍ମସମ୍ଭବଙ୍କ ସହ ସଂଯୁକ୍ତ।(ସମାପ୍ତ) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏଥର ବ୍ୟବସାୟୀଙ୍କ ଦୀପାବଳି

# କାରବାର ଛୁଇଁବ ୪.୭୫ ଲକ୍ଷ କୋଟି

■ ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ନବରାତ୍ରିରୁ ଦୀପାବଳି ଏବଂ ବିବାହ ଋତୁ ପର୍ଯ୍ୟନ୍ତ ସାରା ଦେଶରେ ଉତ୍ସବର ମାହୋଲ ଚାଲିଛି। ସବୁଠି କାରବାର ଉତ୍ସାହଜନକ ରହିଥିବାବେଳେ ବ୍ୟବସାୟୀମାନେ କାରବାରରେ ରେକର୍ଡ ଭାଙ୍ଗିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତଥର ଦୀପାବଳି ସାରା ଦେଶରେ ୪.୭୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରିଛି କନ୍‌ଫେଡ଼େରେସନ ଅଫ୍ ଅଲ ଇଣ୍ଡିଆ ଟ୍ରେଡ଼ର୍ସ (କ୍ୟାଟ୍)। ବାସ୍ତବରେ ଯଦି ଏହି ଆକଳନ ସତ୍ୟରେ ପରିଣତ ହୁଏ ତେବେ ଏହା ସର୍ବକାଳୀନ ରେକର୍ଡ ଭାଙ୍ଗିବ। ଏହି ପରିମାଣର କାରବାର ନେପାଳର ଜିଡ଼ିପି ୪ ଲକ୍ଷ କୋଟିରୁ ଅଧିକ ଓ ପାକିସ୍ତାନର ବାର୍ଷିକ ପ୍ରତିରକ୍ଷା ବଜେଟ୍‌ର ୬ଗୁଣ ବୋଲି କୁହାଯାଉଛି। ସମାନ ଓ ପାକିସ୍ତାନର ପ୍ରତିରକ୍ଷା ବଜେଟ୍‌ର ୪ ଗୁଣ।

ସୂଚନା ଅନୁସାରେ ୨୦୨୧ ଦୀପାବଳିରେ ଭାରତରେ ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କା କାରବାର ହୋଇଥିଲା। ୨୦୨୨ରେ ଏହା ପାଖାପାଖି ଦ୍ୱିଗୁଣିତ ହୋଇ ୨.୨୫ ଲକ୍ଷ କୋଟିରେ ପହଞ୍ଚିଥିଲା। ମାତ୍ର ୨୦୨୩ ପରଠାରୁ ଦୀପାବଳି କାରବାର ରକେଟ୍ ବେଗରେ ଉର୍ଦ୍ଧ୍ୱଗାମୀ ହୋଇଛି। ୨୦୨୩ରେ ଭାରତରେ ଦୀପାବଳି କାରବାର ୩.୭୫ ଲକ୍ଷ କୋଟି ଛୁଇଁଥିଲା ଓ ୨୦୨୪ରେ ଏହା ୪.୨୫ ଲକ୍ଷ କୋଟି ହୋଇଥିଲା। ମାତ୍ର ଚଳିତ ବର୍ଷ ଏହା ୪.୭୫ ଲକ୍ଷ କୋଟି ଅତିକ୍ରମ କରିବ ବୋଲି କ୍ୟାଟ୍ ଆକଳନ କରିଛି। କେବଳ ରାଜଧାନୀ ନୂଆଦିଲ୍ଲୀରେ ୭୫ ହଜାର କୋଟି ଟଙ୍କାର କାରବାର ହେବା ଲକ୍ଷ୍ୟ ରଖାଯାଇଛି ଓ ଆସନ୍ତାକାଲି ଧନତେରସରେ ୫୦ ହଜାର କୋଟିର ସୁନା କ୍ରୟ ହୋଇପାରେ ବୋଲି ଆକଳନ କରାଯାଇଛି। ଯାହା ଫଳରେ କାରବାର ଦୃଷ୍ଟିରୁ ଚଳିତବର୍ଷର ଦୀପାବଳି କାରବାର ସର୍ବକାଳୀନ ରେକଡ଼ର୍ ଭାଙ୍ଗିବ ବୋଲି ଆଶା କରାଯାଉଛି।

### ସର୍ବଭାରତୀୟ ବଣିକ ସଂଘର ଆକଳନ

**କେବଳ ଦିଲ୍ଲୀରେ ହେବ ୭୫ ହଜାର କୋଟିର ବେପାର**

**ଧନ୍‌ତେରସ୍‌ରେ ସୁନା କାରବାର ଟପିବ ୫୦ ହଜାର କୋଟି**



ଦିଲ୍ଲୀ ସମେତ ୩୫ଟି ପ୍ରମୁଖ ସହରରେ ବ୍ୟବସାୟ ଧାରା ସମ୍ପର୍କରେ କ୍ୟାଟ୍ ପକ୍ଷରୁ କରାଯାଇଥିବା ସର୍ଭେକ୍ଷଣରେ ଚମକପ୍ରଦ ତଥ୍ୟ ମିଳିଛି। ଲୋକେ ଘର ସାଜସଜ୍ଜା ସାମଗ୍ରୀ, ଘରୋଇ ଉତ୍ପାଦ, ପୋଷାକପତ୍ର, ଇଲେକ୍‌ଟ୍ରୋନିକ୍ସ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ଭାରତୀୟ ବ୍ରାଣ୍ଡକୁ ଅଧିକ ଗୁରୁତ୍ୱ ଦେଉଥିବା କ୍ୟାଟ୍‌ର ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ କହିଛନ୍ତି। ସେ କହିଛନ୍ତିଯେ ଚଳିତ ବର୍ଷ ଦୀପାବଳିରେ ବଜାରରେ ଚୀନ ସାମଗ୍ରୀ ବିଶେଷ ଉପଲବ୍ଧ ନାହିଁ। ଆମଦାନକାରୀମାନେ ଚୀନ୍‌ରୁ ଦୀପାବଳି ସମ୍ବନ୍ଧୀୟ ସାମଗ୍ରୀ ଆଣିବା ବନ୍ଦ କରିଦେଇଛନ୍ତି। ୨୦୨୦ର ଗାଲୱାନ୍ ଘଟଣା ପରଠାରୁ ବ୍ୟବସାୟୀ ଏବଂ ଗ୍ରାହକ ଉଭୟ ସ୍ଥାନୀୟ ଭାବରେ ନିର୍ମିତ ଉତ୍ପାଦ ଆଡ଼କୁ ମୁହାଁଇଛନ୍ତି। ନବରାତ୍ରି ସହିତ ଆରମ୍ଭ ହୋଇଥିବା ପାର୍ବଣ ଋତୁ ଦୀପାବଳି, ଛଠ୍‌ପୂଜା ଏବଂ ବିବାହ ଋତୁ ପର୍ଯ୍ୟନ୍ତ ଜାରି ରହିବ, ଯାହା ବ୍ୟବସାୟର ସୁଯୋଗ ବୃଦ୍ଧି କରିବ। ଚଳିତ ବର୍ଷ ଦୀପାବଳି କେବଳ ଆଲୋକର ପର୍ବ ନୁହେଁ, ବରଂ ଭାରତର ଆର୍ଥିକ ଶକ୍ତିର ଉତ୍ସବ। ସେ କହିଛନ୍ତି ଯେ ଭାରତୀୟ ସାମଗ୍ରୀ ଉପରେ ଖର୍ଚ୍ଚ ହେଉଥିବା ପ୍ରତ୍ୟେକ ଟଙ୍କା ଦେଶର ଅଭିବୃଦ୍ଧିରେ ଯୋଗଦାନ ଦିଏ ଏବଂ ସ୍ଥାନୀୟ କାରିଗର, ନିର୍ମାତା ଏବଂ ବ୍ୟବସାୟୀଙ୍କୁ ସମର୍ଥନ କରେ। ଦିଲ୍ଲୀ ବଜାରର ଦୃଢ଼ ଅଭିବୃଦ୍ଧି ଦେଶବ୍ୟାପୀ ବର୍ଦ୍ଧିତ କାରବାରର ଧାରା ପ୍ରତିଫଳିତ କରେ। ଏହି ପାର୍ବଣ ଋତୁରେ ଦେଶ ସାରା ବିକ୍ରି ୪.୭୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବ ବୋଲି ଆଶା କରାଯାଉଛି, ଯାହା ଦେଶର ଖୁଚୁରା ଅର୍ଥନୀତି ପାଇଁ ଏକ ନୂତନ ରେକର୍ଡ ସ୍ଥାପନ କରିବ।

# କେନ୍ଦୁଝରକୁ ଶ୍ରେଷ୍ଠ ଜିଲ୍ଲା ପୁରସ୍କାର

### 'ଧରତୀ ଆବା ଜନଭାଗୀଦାରି ଅଭିଯାନ'

ଭୁବନେଶ୍ୱର,୧୭।୧୦(ସମିସ): ଧରତୀ ଆବା ଜନଭାଗୀଦାରି ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଅନୁକରଣୀୟ ଅବଦାନ ପାଇଁ କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଆଦି କର୍ମଯୋଗୀ ଅଭିଯାନ, ଜାତୀୟ କନକ୍ଲେଭ-୨୦୨୫ରେ ମନ୍ତ୍ରଣାଳୟର ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ। ଏହି ଅବସରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସଚିବ ବିଭୁ ନାୟାରଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି ରାଜ୍ୟ ଏସସିଏସଟି ଡିପାର୍ଟମେଣ୍ଟ କମିଶନର ତଥା ସଚିବ ପି. ପରମେଶ୍ୱରନ୍।

ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ କହିଥିଲେ, ଏହି ସମ୍ମାନ ସମଗ୍ର କେନ୍ଦୁଝରବାସୀଙ୍କର। ଏହା ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକର ସାମୂହିକ ପ୍ରୟାସର ପ୍ରମାଣ ବୋଲି ସେ କହିଛନ୍ତି। ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଓ ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି, ସେମାନଙ୍କୁ କିପରି ଲାଭ ମିଳିବ, ତାହା ଆମର ଲକ୍ଷ୍ୟ ବୋଲି ଶ୍ରୀ ସିଂହ କହିଛନ୍ତି।

ସୂଚନା ଅନୁସାରେ, ଅନ୍ତର୍ଭୁକ୍ତୀକରଣ ଶାସନର ଦୃଷ୍ଟିକୋଣ ସହ ସଂଯୁକ୍ତ ହୋଇ ଆଦିବାସୀ ଅଞ୍ଚଳରେ ସକ୍ରିୟ ସମାବେଶୀ ଅଂଶଗ୍ରହଣ ଏବଂ ବିକାଶର ସ୍ଥାୟୀ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ଦେଖାଇଛି। ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ ଭାବରେ ଆରମ୍ଭ ହୋଇଥିଲା ଧରତୀ ଆବା ଜନଭାଗୀଦାରୀ ଅଭିଯାନ। ଶିକ୍ଷା, ଜୀବିକା ବୃଦ୍ଧି, ମହିଳା ସଶକ୍ତୀକରଣ ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତି ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ଦର୍ଶାଇ ଜାତୀୟସ୍ତରରେ ଏହି ମାନ୍ୟତା ହାସଲ କରିଛି।

### ମହିଳା ହିଂସାକୁ ନେଇ ରାଜ୍ୟପାଳଙ୍କ ଚିନ୍ତା ପ୍ରକଟ

# 'ଅପରାଧ ନିୟନ୍ତ୍ରଣ ଦାୟିତ୍ୱ ସମସ୍ତଙ୍କର'

ଭୁବନେଶ୍ୱର, ୧୭।୧୦(ସମିସ): ନିକଟରେ ପଶ୍ଚିମବଙ୍ଗର ଦୁର୍ଗାପୁର ଘଟିଥିବା ଗଣଦୁଷ୍କର୍ମ, ବାଲେଶ୍ୱର ଫକୀରମୋହନ ଘଟଣା ଓ ଗୋପାଳପୁର ସମୁଦ୍ରକୂଳ ଗଣଦୁଷ୍କର୍ମ ଆଦି ଘଟଣା ଆଦି ଚିନ୍ତାଜନକ। ଏଭଳି ଅପରାଧ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ବିଶେଷକରି ଶିକ୍ଷାନୁଷ୍ଠାନମାନଙ୍କରେ ଯେପରି ଏଭଳି କୌଣସି ଘଟଣା ନ ଘଟେ, ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ଶୁକ୍ରବାର ଡଃ କମ୍ଭମପାଟି ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକାଧିକ ପ୍ରସଙ୍ଗରେ ଆଲୋଚନା ଅବସରରେ ଉପରୋକ୍ତ ଘଟଣାମାନଙ୍କୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହାସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଭଳି ଘଟଣା ଘଟିଲେ, ତୁରନ୍ତ ଆଇସିସିର ଦୃଷ୍ଟି ଆକର୍ଷଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି ରାଜ୍ୟପାଳ କହିବା ସହିତ ସମାଜକୁ ସଚେତନ ହେବାକୁ ଆହ୍ୱାନ ଦେଇଛନ୍ତି। ଏଭଳି ଘଟଣାରେ ତୁରନ୍ତ ପୁଲିସ ସହାୟତା ନେବା ସହ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି।

**ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ**

**୩ ମାସ ମଧ୍ୟରେ ୧୩ କୁଳପତି ନିଯୁକ୍ତି ସରିବ**

ସେହିପରି ୨୦୩୬ ସୁଦ୍ଧା ରାଜ୍ୟର ସ୍ଥିତି ସମ୍ପର୍କରେ ସୂଚନା ଦେଇ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶା ଏକ ଅର୍ଥନୈତିକ ସୁସ୍ଥ ରାଜ୍ୟ। ଦେଶ ବିକାଶରେ ଓଡ଼ିଶା ଅନେକ ଅବଦାନ ରହିଛି। ରାଜ୍ୟର ପ୍ରାକୃତିକ ଖଣିଜ ସମ୍ପଦସାଙ୍ଗକୁ ଓଡ଼ିଶା ଲୋକଙ୍କ ଆଶାବାଦୀ ଚିନ୍ତାଧାରା ରାଜ୍ୟକୁ ଆଗକୁ ବଢ଼ାଇନେବ। ତେଣୁ,୨୦୩୬ ଓଡ଼ିଶା ନିଶ୍ଚିତ ଭାବେ ଏକ ବିକଶିତ ରାଜ୍ୟରେ ପରିଣତ ହୋଇପାରିବ। ସେହିପରି କୁଳାଧିପତି ଭାବେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଫାଙ୍କାଥିବା କୁଳପତି ଓ ଅନ୍ୟ ପଦବୀ ପୂରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟପାଳ କହିଛନ୍ତି ଯେ ବର୍ତ୍ତମାନ ୧୩ ଟି ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନାହାନ୍ତି। ଏହି ପଦ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଆସନ୍ତା ୨-୩ ମାସ ମଧ୍ୟରେ ଏହା ପୂରଣ ହୋଇଯିବା ନେଇ ରାଜ୍ୟପାଳ ଆଶା ପ୍ରକଟ କରିଛନ୍ତି।

ସେହିପରି ଅନ୍ୟପ୍ରସଙ୍ଗଗୁଡ଼ିକ ମଧ୍ୟରେ ମହାନଦୀ ଜଳ ବିବାଦ, ଯୁବବର୍ଗଙ୍କ ଦକ୍ଷତା ବିକାଶ, ପେସା ଆଇନ୍, ପାନୀୟ ଜଳ, ଜାତୀୟ ରାଜପଥ, ରେଳ ଯୋଗାଯୋଗ ଆଦି ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମେତ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ବାବଦରେ ଅଧିକ ସଚେତନତା ସୃଷ୍ଟି କରିବାକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

## ଅବଶିଷ୍ଟାଂଶ...

### ଏସ୍‌ସିବି ଏମ୍‌ସ...

ଏବେ ଅଚଳ ହୋଇ ପଡ଼ିଥିବା ଖୋଦ୍ ଏସ୍‌ସିବି କର୍ତ୍ତୃପକ୍ଷ ସ୍ୱୀକାର କରିଛନ୍ତି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ଏସ୍‌ସିବିରେ କାଜୁଆଲିଟିଠାରୁ ଆରମ୍ଭ କରି ଆଇସିୟୁ ପର୍ଯ୍ୟନ୍ତ ସବୁଠି ଅଚଳ ମେସିନ୍ ପଡ଼ି ରହିଛି । ବାୟୋକେମେଷ୍ଟ୍ରି ବିଭାଗରେ ୨ଟି ମେସିନ୍ ଅଚଳ। ବ୍ଲଡ ବ୍ୟାଙ୍କରେ ୫ଟି, ସିଟିଭିଏସ୍‌ରେ ୩ଟି, ହୃଦରୋଗ ବିଭାଗରେ ୩ଟି, କାଜୁଆଲିଟିରେ ୨ଟି, ସେଣ୍ଟ୍ରାଲ ଆଇସିୟୁରେ ୩ଟି, ଯକୃତ ପ୍ରତିରୋପଣ ୟୁନିଟରେ ୭ଟି, ଟ୍ରମା ଆଇସିୟୁରେ ୪ଟି ଯନ୍ତ୍ର କାମ କରୁନାହିଁ। ପେଡିଆଟ୍ରିକ ଆଇସିୟୁରେ ୨ଟି, ସର୍ଜରୀ ବିଭାଗର ଅସ୍ତ୍ରୋପଚାର ଥିଏଟର ୬ଟି ମିଶାଇ ଫିଜିଓଲୋଜି, ରେଡିଓଲୋଜି, ନ୍ୟୁରୋଲୋଜି, ଫାର୍ମାକୋଲୋଜି, ଇଏନଟି, ଚକ୍ଷୁ ବିଭାଗ ଭଳି ଅନେକ ବିଭାଗର ମେସିନ ଅକାମୀ ହୋଇ ପଡ଼ି ରହିଛି। ଅଚଳ ମେସିନ ଗୁଡିକ ମଧ୍ୟରେ ରହିଛି ବିଦେଶରୁ ଆମଦାନୀ ହୋଇଥିବା ବହୁ ଦାମୀ ମେସିନ୍।

ପୂର୍ବ ସରକାର ଅମଳରେ ଆରମ୍ଭ ହୋଇଥିବା ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ୨୦୨୪ ସୁଦ୍ଧା ଶେଷ ହେବା ଲକ୍ଷ୍ୟ ରହିଥିଲା। ଏବେ ଏହି ସମ୍ପ୍ରସାରଣ କାର୍ଯ୍ୟ କେବେ ସରିବ ତାହାର କିଛି ଠିକଣା ନାହିଁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟର ସବୁଠୁ ବଡ଼ ପ୍ରତିଷ୍ଠାନ ଓ ପ୍ରତିଦିନ ହଜାର ହଜାର ଲୋକ ନିର୍ଭର କରୁଥିବା ଏସ୍‌ସିବିରେ ସ୍ୱାସ୍ଥ୍ୟସେବା ସରକାର ପରିବର୍ତ୍ତନ ପରେ ବିପର୍ଯ୍ୟସ୍ତ ହେବାରେ ଲାଗିଛି । ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଏଠାରେ ୮୯ଟି ମେସିନ୍ ଅଚଳ ହୋଇ ପଡ଼ି ରହିଥିଲା। ଏହା ମଧ୍ୟରେ ଆହୁରି କିଛି ମେସିନ ଅଚଳ ହୋଇଥିବା ସୂଚନା ବି ମିଳିଛି । ଅଚଳ ମେସିନ ଗୁଡିକ ଆଇସିୟୁ, କାର୍ଡିଓ ଥୋରାସିସ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍), ଯକୃତ ପ୍ରତିରୋପଣ ୟୁନିଟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ରହିଥିବା ଜଣାପଡ଼ିଛି। କେଇମାସ ତଳେ ଖୋଦ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ କଟକ ବଡ଼ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବାବେଳେ ମେସିନ ଅଚଳ ଯୋଗୁଁ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ରରେ ତାଙ୍କର ପରୀକ୍ଷା କରାଯାଇଥିଲା। ଏହା ପରେ ମଧ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିରେ ଚେତି ନାହାନ୍ତି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଓ ଡ଼ାକ୍ତରଖାନା କର୍ତ୍ତୃପକ୍ଷ ମିଳିମିଶି ଏସ୍‌ସିବିକୁ ଏକ ମୃତ ସଂସ୍ଥାରେ ପରିଣତ କରିବାକୁ ଷଡ଼ଯନ୍ତ୍ର କରୁଥିବା ଏବେ ଅଭିଯୋଗ ହେବାରେ ଲାଗିଛି ।

### ଦିଲ୍ଲୀରୁ ସିଣ୍ଡିକେଟ୍...

ହଜାର ଟଙ୍କା ଓ ଅନେକ ଦସ୍ତାବିଜ୍ କ୍ରାଇମବ୍ରାଞ୍ଚ ଜବତ କରିଛି। ଏହି ଘଟଣାରେ ଅଭିଯୁକ୍ତ ମୁନାକୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଉପରୋକ୍ତ ଘଟଣାରେ ଗିରଫ ପ୍ରାର୍ଥୀମାନଙ୍କଠାରୁ ଜବତ କରାଯାଇଥିବା ୧୧୦ରୁ ଅଧିକ ମୋବାଇଲର ଫୋରେନ୍‌ସିକ୍ ଯାଞ୍ଚ ପ୍ରକ୍ରିୟା ଦୁଇ ତିନି ମାସ ଲାଗିଯିବ ବୋଲି କୁହାଯାଇଛି।

କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି ଯେ ସମସ୍ତ ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି। ନୂଆଦିଲ୍ଲୀରେ ରହି ସେ ଏହି ଅପରାଧ ସିଣ୍ଡିକେଟ୍ ଚଳାଉଥିଲା। ବିଜୟନଗରମ୍ ଯାଉଥିବା ପ୍ରାର୍ଥୀମାନେ ଗତ ୨୯ ତାରିଖରେ ଧରାପଡ଼ିଯିବା ପରଠାରୁ ଶଙ୍କରଙ୍କ ମୋବାଇଲ ସ୍ୱିଚ୍-ଅଫ୍ ହୋଇଯାଇଥିଲା। ଏପରିକି, ଏହି ସିଣ୍ଡିକେଟ୍‌ରେ କାମ କରୁଥିବା ସମସ୍ତଙ୍କୁ ନିଜ ନିଜ ଜାଗା ଛାଡ଼ିବା ସହ ମୋବାଇଲ ବନ୍ଦ ରଖିବାକୁ କୁହାଯାଇଥିଲା। ବିଜୟନଗରମ୍ ଯାଉଥିବା ବେଳେ ପ୍ରାର୍ଥୀମାନେ ଧରାପଡ଼ିବା ତଥା କଥା ଚାକିରି ବେପାର ସମ୍ପର୍କରେ ଲୋକଲୋଚନକୁ ଆସିବା ପରେ ଆଉ ଦୀଘା ଯୋଜନା କାର୍ଯ୍ୟକାରୀ ହୋଇନଥିଲା।

ଦୀଘାଠାରେ ବି ପ୍ରାର୍ଥୀମାନଙ୍କୁ ଆଗୁଆ ପ୍ରଶ୍ନପତ୍ର ଦେଇ ଅଭ୍ୟାସ କରିବା ପାଇଁ ସମସ୍ତ ବନ୍ଦୋବସ୍ତ ହୋଇସାରିଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅରବିନ୍ଦ ଦାସକୁ ଦୀଘାଠାରେ ପ୍ରଶ୍ନପତ୍ର ଅଭ୍ୟାସ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଉଭୟ ମୁନା ଓ ଅରବିନ୍ଦ ସମସ୍ତ ଘଟଣା ସମ୍ପର୍କରେ ମାଷ୍ଟରମାଇଣ୍ଡ ଶଙ୍କରକୁ ରିପୋର୍ଟ କରିଆସୁଥିଲେ। ଶଙ୍କର ଇତିମଧ୍ୟରେ ୩ଥର ସ୍ଥାନ ପରିବର୍ତ୍ତନ କରିଥିବା ବେଳେ ଖୁବ୍‌ଶୀଘ୍ର ତାକୁ ଗିରଫ କରାଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି। ଏପରିକି, ସେ ନୂଆଦିଲ୍ଲୀ ମଧ୍ୟ ଛାଡ଼ିସାରିଥିବା କୁହାଯାଇଛି।

ଅନ୍ୟପଟରେ ପ୍ରାର୍ଥୀମାନେ ବିଜୟନଗରମ୍ ଯିବା ପାଇଁ ଅଭିଯୁକ୍ତ ମୁନା ମହାନ୍ତି ଗତ ୨୭.୧୦.୨୦୨୫ରେ ଟ୍ରାଭେଲ୍ସ ସଂସ୍ଥାରୁ ତିନୋଟି ବସ୍ ବୁକ୍ କରିଥିଲେ ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ତାଙ୍କ ମାଆଙ୍କ ଆକାଉଣ୍ଟରୁ ୨ଲକ୍ଷ ୩୦ହଜାର ଟଙ୍କା ଦେଇଥିଲେ। ଏହି ପ୍ରମାଣ କ୍ରାଇମବ୍ରାଞ୍ଚର ହସ୍ତଗତ ହୋଇଛି। ମୁନା ଓ ତା'ର ସହଯୋଗୀ ଶ୍ରୀକାନ୍ତ ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିବା ବେଳେ ଟି. ଅଭିମନ୍ୟୁ ଦୋରା ଉଭୟଙ୍କୁ ଦଶପଲ୍ଲାର ତାଙ୍କ ଫାର୍ମ ହାଉସରେ ଆଶ୍ରୟ ଦେବ ସହ ପୁଲିସର ଗତିବିଧି ସମ୍ପର୍କରେ ଖବର ଦେଉଥିଲେ। ସେହିଭଳି ନିଜର ଜଣେ ଭଉଣୀ ପରିଚୟ ଦେଇ ପ୍ରିୟଦର୍ଶିନୀ ସାମଲ ନାମକ ଜନୈକା ମହିଳାଙ୍କୁ ମୁନା ଏହି ସଂଗଠିତ ଅପରାଧରେ ସାମିଲ କରିଥିଲେ। ପ୍ରିୟଦର୍ଶିନୀ ମାଧ୍ୟମରେ ପ୍ରାର୍ଥୀଙ୍କଠାରୁ ଅର୍ଥ ଆଦାୟ ହୋଇଥିଲା। ପରବର୍ତ୍ତୀ ସମୟରେ ଘଟଣା ଜଣାପଡ଼ିଯିବାରୁ ଗିରଫ ହୋଇଥିବା ପ୍ରାର୍ଥୀମାନଙ୍କର ପିତାମାତାଙ୍କୁ ସେମାନଙ୍କର ପ୍ରମାଣପତ୍ର ଫେରସ୍ତ କରିଥିଲେ। ଉକ୍ତ ପ୍ରମାଣପତ୍ର ଫେରାଇ ଦେଇ କେଳେଙ୍କାରୀ ଘଟଣାରେ ପ୍ରମାଣ ନଷ୍ଟ କରିଥିଲେ ବୋଲି ଡିଜି କହିଛନ୍ତି। ଏବେ ବି କ୍ରାଇମବ୍ରାଞ୍ଚର ୫ଟି ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

### ରିପୋର୍ଟ ମାଗିଲେ...

ଉପରେ ଆଲୋଚନା ପାଇଁ ଇଡି, ସିବିଆଇ ଏବଂ କ୍ରାଇମ୍‌ବ୍ରାଞ୍ଚ ସେମାନଙ୍କର ରିପୋର୍ଟ ପ୍ରଦାନ କରିବେ। ଏହିସବୁ ପ୍ରସଙ୍ଗ ଉପରେ ସବିଶେଷ ଆଲୋଚନା ପରେ ଆସନ୍ତା ନଭେମ୍ବର ୯ ତାରିଖରେ ମୁମ୍ବାଇଠାରେ ଏହି ପ୍ରସଙ୍ଗରେ ଏସ୍‌ଆଇଟିର ପରବର୍ତ୍ତୀ ବୈଠକ ହେବ ବୋଲି ସୂଚନା ମିଳିଛି।


**TRUST FUND DEGREE COLLEGE**
BARGARH - 768 028

**WALK IN INTERVIEW FOR LADY PEON & SWEEPER**

Desirous lady candidates having Non-matric qualification may attend the interview for **Lady Peon (01 Post)** and lady candidates having UP/ME qualification may attend the interview for **Lady Sweeper (01 Post)** to be held on **dt. 27.10.2025 at 10.00 A.M.** in college premises.
**N.B. - No T.A. / D.A. will be provided to the candidate.**

Sd/- Principal in-Charge-cum-Secretary
TRUST FUND DEGREE COLLEGE, BARGARH

**AFFIDAVIT**
I, **Rahul Sagar Behera**, S/o.: Sagar Kumar Behera, resident of Sripadganj, Ward No.: 13, PO.: Baripada, Dist.: Mayurbhanj, Odisha, PIN-757001 declare by this affidavit No.: 21677 dated 02.08.2025 now onwards I shall be known as **Rahul Behera** for all future purposes.

**AFFIDAVIT**
By virtue of an affidavit No-6699 before the Executive Magistrate, Chandbali dtd: 15-10-2025. I, Runurani Majhi, W/O-Shatrughan Mandal, Vill-Narendrapur, P.O.-Karanjamala, P.S.-Bansada, Dist-Bhadrak, Odisha, declare that I have changed my name from **Runurani Mandal to Runurani Majhi**, Henceforth, I will be known as **RUNURANI MAJHI** for all purpose.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, CF No. 69 dated 14.10.2025, I, Purna Chandra Bisoyi, Vill- Pankalbadi, Po. - Pangadi, Ps.- Buguda, Dist.- Ganjam have changed the name of my minor son from Pravav Bisoyi (old name) to Parnav Bisoyi (new name). Henceforth, he shall be known as **Pranav Bisoyi** for all purposes.
Sd/- Purna Chandra Bisoyi

**AFFIDAVIT**
By virtue of an affidavit sworn before Executive Magistrate, Udala, Mayurbhanj No-5388, dated 17.10.2025, I, Gananath Nayak, At- Sarbanaghati, Po- Sarbanaghati, Ps-Kaptipada, Dist- Mayurbhanj, Odisha-757077 declare that I have changed my name from Gananayh Nayak to Gananath Nayak. Henceforth, I will be known as **Gananath Nayak** for all purposes.
Gananath Nayak

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit sworn before Executive Magistrate Jajpur, Dated- 17.10.2025, No-10119, I, Rasmita Acharya, W/o-Niranjan Mohapatra, At-Jalapur, Po- Markandapur, Ps/Dist-Jajpur, Odisha Pin-755007 declare that I have Change my Surname From Rasmita Mohapatra to Rasmita Acharya. Henceforth I shall be known as Rasmita Acharya for all purposes.
Rasmita Acharya

**AFFIDAVIT**
I BHUDHADEV PANDA, S/o- Diwakar Panda, resident of Ashok Nagar, Plot No. 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1554, Dated 12/10/2025, that now onwards I shall be known as **BUDDHADEV PANDA** for all future purpose.

**AFFIDAVIT**
I, Irsad Khan, aged about 37 years, S/o- Nasir Khan resident of At- Raid Bazar, Po- Sunugoradi, Khelar, Dist- Puri, Pin-752114, Odisha declare by this affidavit No. 2112, dtd- 17/10/2025, that now onwards I shall be known as **IRSHAD KHAN** for all future purposes.

**AFFIDAVIT**
I, S.Deptyrani Mohanta, Daughter of Army No 14491576M Hav Madhaba Charan Mohanta (Retd) residing at Vill-Ramachandrapur, PO-Baikala, PS-Turumunga,Dist-Keonjhar, Odisha , have changed my name from Deepty S, DOB-07.10.1991 to S.Deptyrani Mohanta, DOB-01.06.1992 vide affidavit dated 03.10.2025 before The Court of Executive Magistrate, Keonjhar (Odisha). Hence both Deepty S, DOB-07.10.1991 and S.Deptyrani Mohanta, DOB-01.06.1992 is same and one person. Henceforth, I will be known as **S.Deptyrani Mohanta,** DOB 01/06/1992 for all purpose.

**AFFIDAVIT**
I, Pranati Samaniray, aged about 41 years, W/o- Dillip Baliarsingh, resident of At/Po- Sanapadar, Ps- Begunia, Dist- Khurda, PIN-752064, Odisha declared by this affidavit No. 2111, dtd- 17/10/2025 that now onwards I shall be known as **PRANATI SAMANTARAY** for all future purposes.

**AFFIDAVIT**
By virtue of an affidavit sworn before the Executuve Magistrate, Nabarangpur, dated 16.10.2025 I, DHANMATI JANI, W/o- NAKULA JANI, Vill.- Bamanadeiguda, Po.- Cherecheta, Ps.- Papadahandi, Dist.- Nabarangpur, Odisha, Pin - 764071, declare that I have changed the name of my Daughter from **DROUPADI JANI** to **DRUPUTA JANI**. Henceforth, She shall be known as **DRUPUTA JANI** for all purposes.
Sd/- Dhanmati Jani

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Arjun Nayak,** Address: Plot No. 1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN-751019, Odisha declare that I have changed my minor daughter's name from **Trupti Rani Ravindra Nayak** to **Trupti Rani Nayak.** Henceforth, she shall be known as **Trupti Rani Nayak** (new name) for all purposes.
Ravindra Arjun Nayak

**AFFIDAVIT**
I ITISHREE, W/o- BUDDHADEV PANDA, resident of Ashok Nagar, Plot No 12, Unit -2, Bhubaneswar, DT.- Khurda-751009, Odisha declare by this Affidavit No.1555, Dated 12/10/2025, that now onwards I shall be known as **ITISHREE PANDA** for all future purpose.

**AFFIDAVIT**
I ARCHANA MISHRA@ ARCHANA KUMARI MISHRA, W/o- DINESH KUMAR PALLO, resident of Parabeda, Aurobindo Nagar, Po./Ps.- Jeypore, Dist.- Koraput - 764001, Odisha declare by this Affidavit No.1556, Dated 12/10/2025, that now onwards I shall be known as **ARCHANA PALLO** for all future purpose.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar dated- 09/10/2025. I, **Ravindra Nayak,** S/o Arjun Nayak, Address: Plot No.1060/2146, Mahadev Nagar, Kalinga Nagar, Patrapada, PS- Khandagiri, Bhubaneswar, Dist- Khordha, PIN-751019, Odisha declare that I have changed my name from **Ravindra Arjun Nayak to Ravindra Nayak.** Henceforth, I shall be known as **Ravindra Nayak** (new name) for all purposes.
Ravindra Nayak

Phone No.(06854) 241159 /232714
PBX No. 232713 / 232716, Fax: 232718 / 241640
E. mail: ceo@koraputccb.com

**KORAPUT CENTRAL CO-OPERATIVE BANK LTD;**
HEAD OFFICE: N.K.T.ROAD, JEYPORE – 764003: DIST: KORAPUT (ODISHA)

Notification No. 2746/Estt.I/2025-26 Date: 17.10.2025

**CONTRACTUAL ENGAGEMENT OF PROFESSIONALS**

Applications in the prescribed format are invited from the interested professionals for the following posts at Koraput Central Cooperative Bank Ltd., Jeypore on contractual basis for a period of three years.

1. Professional 1- General Banking Expert
2. Professional 2- Credit Expert
3. Professional 3- Banking IT Expert

The eligibility criteria, engagement/selection process, the terms and conditions and other related matters of the engagement are available as Annexure-I on our website www.koraputccb.com and the same may be downloaded by the prospective candidates. Interested candidates are advised to download the application forms from the site. Duly completed and signed application along with self-attested documents should reach us on or before 05.11.2025 through Courier / Registered Post / Speed Post inscribing on the Envelope "Application for engagement of Professional 1 / 2 / 3 at Koraput Central Cooperative Bank."at the under noted address:

The Secretary,
Koraput Central Cooperative Bank Ltd.,
Head Office, N.K.T. Road, Jeypore,
Dist-Koraput-764003
ceo@koraputccb.com

Any application received after the stipulated period will not be considered. Applications of ineligible candidates shall be summarily rejected and no correspondences in the matter of rejection shall be entertained on any circumstances.

Secretary
K.C.C. Bank Ltd., Jeypore

**OFFICE OF THE PRINCIPAL CUM SECRETARY**
**Maa Markama +3 College, Bissamcuttack, Dist: Rayagada, PIN – 765019.**
www.mmplus3college.in / mmdegreecollege@gmail.com

**WALK - IN - INTERVIEW**

A walk in Interview will be held in the college premises as per the date and time mentioned in column 6 for the following post of Arts (Management) and Science (Self Finance) on purely temporary basis. Candidates are required to attend the interview with original and photocopies of testimonial for verification. CV may kindly be sent to the college email id in advance.

| Sl. No | Name of the Post | No of Post | Qualification | Age | Date & Time of Interview |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **ARTS (MANAGEMENT)** | | | | | |
| 1 | Physical Education Teacher | 01 | Bachelor of Physical Education and Above | As per Govt. norms | 02.11.2025 11 A.M. |
| 2 | Peon (ST Category) | 01 | 10th | | |
| **SCIENCE (SELF FINANCING)** | | | | | |
| 1 | Laboratory Attendant (Biological Science) | 01 | Minimum +2 Science and above | As per Govt. norms | 02.11.2025 11 A.M. |
| 2 | Lect-in-Mathematics, Botany, Zoology. | 01 each | Minimum 55% of Mark at PG level. (M.Phil. NET/PHD will be given preference ) | As per Govt. norms | 09.11.2025 11 A.M. |

N.B :- No TA/DA Shall be given for attending the interview.
Registration will be started from 10.00 A.M onwards.

Sd/-
Principal cum Secretary

ସକାଳ THE SAKALA



# ଅମାନିଆ ଶିକ୍ଷକ; ଅସହାୟ ଜିଲ୍ଲା ଶିକ୍ଷା ବିଭାଗ

ପାରଳାଖେମୁଣ୍ଡି,୧୭।୧୦(ସମିସ)

ସରକାର ବଦଳିବା ପରେ ଗଜପତି ଜିଲ୍ଲାରେ ଭୁଶୁଡ଼ି ପଡ଼ିଛି ଶିକ୍ଷା ବ୍ୟବସ୍ଥା । ଜିଲ୍ଲା ସଦରମହକୁମାରେ ସ୍ଥାନୀୟ ୟେର୍ଦଲା ସାହିରେ ଥିବା ସରକାରୀ ପଦ୍ମନାଭ ଗଜପତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ଏହାର ଜ୍ୱଳନ୍ତ ଉଦାହରଣ । ଏହି ବିଦ୍ୟାଳୟରେ ୮ ଜଣ ଶିକ୍ଷକ/ଶିକ୍ଷୟତ୍ରୀ ରହିଥିବା ବେଳେ ୧୨୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବା ଏହି ବିଦ୍ୟାଳୟ ସହରର ମଧ୍ୟଭାଗରେ ରହିଥିବା ସତ୍ତ୍ୱେ ଏଠାରେ ମଧ୍ୟାହ୍ନଭୋଜନ ସମୟରେ ଶିକ୍ଷକ/ଶିକ୍ଷୟିତ୍ରୀ ରହୁନଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟରେ ନିୟୋଜିତ ଶିକ୍ଷକ/ଶିକ୍ଷୟିତ୍ରୀ ପୂର୍ବ ସରକାରଙ୍କ ସମୟରେ ନିୟମକୁ ପାଳନ କରିବା ସହ ମଧ୍ୟାହ୍ନ ଭୋଜନ ସମୟରେ ସ୍କୁଲରେ ଉପସ୍ଥିତ ରହୁଥିଲେ । କିନ୍ତୁ ବର୍ତ୍ତମାନ ଏହି ବିଦ୍ୟାଳୟର ଅଧିକାଂଶ ଶିକ୍ଷକ/ଶିକ୍ଷୟିତ୍ରୀ ସେହି ନିୟମକୁ ମାନୁନାହାନ୍ତି । ଆଜି ଅନୁସନ୍ଧାନ ପାଇଁ କିଛି ଗଣମାଧ୍ୟମର ପ୍ରତିନିଧି ଓ ଅଭିଭାବକ ଉକ୍ତ ସ୍କୁଲକୁ ଯାଇଥିବା ବେଳେ ସ୍କୁଲରେ ଜଣେ ଦିବ୍ୟାଙ୍ଗ ଶିକ୍ଷକ ଆଉଜଣେ

- ମଧ୍ୟାହ୍ନଭୋଜନବେଳେ ରହୁନାହାନ୍ତି ଶିକ୍ଷକ-ଶିକ୍ଷୟିତ୍ରୀ
- ବିପଦଜ୍ଜନକ ଅବସ୍ଥାରେ ବୁଲୁଛନ୍ତି ପିଲା





ମହିଳା ଶିକ୍ଷୟିତ୍ରୀଙ୍କୁ ବାଦ ଦେଲେ ଆଉ କାହାର ଦେଖା ମିଳିନଥିଲା । ଉପସ୍ଥିତ ଥିବା ଏହି ଉଭୟ ଶିକ୍ଷକ ଶିକ୍ଷୟିତ୍ରୀ ସବୁବେଳେ ମଧ୍ୟାହ୍ନ ସମୟ ଭୋଜନ ସମୟରେ ରହୁଥିବା ବେଳେ ଅନ୍ୟମାନେ ରହୁ ନଥିବା ଜଣାପଡିଛି । ଏପରିକି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ଉପସ୍ଥିତ ନଥିଲେ । ପିଲାମାନେ ପିଣ୍ଡାରେ କିଏ ସାଇକଲ ଚଲାଉଥିଲା ତ ଆଉକିଏ ଝରକା ଚଢ଼ି ସ୍କୁଲ ବାହାରକୁ ଚାହିଁ ରହିଥିଲା । ସବୁଠାରୁ ବିପଦପୂର୍ଣ୍ଣ କଥା ହେଲା ସେଠାରେ ଥିବା କଂକ୍ରିଟ ମିକ୍ସଚର ମେସିନରେ ପିଲାମାନେ ଖେଳୁଥିବା ଦେଖିବାକୁ ମିଳିଥିଲା । ଏପରିକି ବିନା ସ୍କୁଲ ୟୁନିଫର୍ମରେ ମଧ୍ୟ ପିଲାଙ୍କୁ ଦେଖିବାକୁ ମିଳିଥିଲା । ଏଠାରେ ଅଧିକାଂଶ ପାରଳାଖେମୁଣ୍ଡିର ବାସିନ୍ଦା ହିଁ ଶିକ୍ଷକ/ଶିକ୍ଷୟିତ୍ରୀ ଭାବେ ବଡ଼ବଡ଼ିଆଙ୍କ ସୁପାରିସରେ ରହିଥିବାରୁ ମନଇଚ୍ଛା ସରକାରଙ୍କ ନିୟମକୁ ଖାତିର ନକରି ମଧ୍ୟାହ୍ନଭୋଜନ ସମୟରେ ଘରକୁ ଚାଲିଯାଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ଏହି ବିଦ୍ୟାଳୟକୁ ନେଇ ବାରମ୍ବାର ଅଭିଯୋଗ ଏବଂ ଅନେକ ତଦନ୍ତ ହୋଇଥିଲେ ମଧ୍ୟ ଅଦୃଶ୍ୟ ଶକ୍ତିର ଚାପରେ ସରକାରୀ ନିୟମ ମାନୁନଥିବା ଶିକ୍ଷକ ଶିକ୍ଷୟିତ୍ରୀ ବେପରୁଆ ରହିଛନ୍ତି । ଆଉ ଯେଉଁମାନେ ଅଭିଯୋଗ କରୁଛନ୍ତି ସେମାନଙ୍କ ପିଲାମାନେ ଆକ୍ରୋଶର ଶିକାର ହେଉଛନ୍ତି । ଘଟଣାକୁ ନେଇ ଗଜପତି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## କାଶୀନଗର ଅଞ୍ଚଳରେ ୪ ଟିକିଆ ହାତୀପଲ୍ଲ

କାଶୀନଗର,୧୭।୧୦(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଭାନ୍ନା, ଗୌରୀ ଓ ଗୌରୀଗୁଡ଼ା ଗ୍ରାମ ଉପକଣ୍ଠରେ ୪ ଟିକିଆ ହାତୀପଲ ବୁଲୁଥିବା ଯୋଗୁ ବନ୍ୟ ବିଭାଗ ପକ୍ଷରୁ ଅଞ୍ଚଳରେ ସର୍ତକ ଓ ସଚେତନତା କରାଯାଉଛି । ହାତୀ ଚାଷ ଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରିଛନ୍ତି । ଦୁଇଦିନ ଧରି ହାତୀ ବଂଶଧାରା ନଦୀ ଉପକୂଳରେ ଓ ଉକ୍ତ ଗ୍ରାମରେ ବୁଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ଶୁକ୍ରବାର ଏସିଏଫଓ ସାଇନଶ୍ରୀ ଦାସ ହାତୀପଲ ଥିବା ଅଞ୍ଚଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ତାହା ସହ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହା ସହ ହାତୀ ଥିବା ଅଞ୍ଚଳକୁ ଲୋକଙ୍କୁ ନଯିବା, ବାଣ ନଫୁଟାଇବା, ହର୍ଣ୍ଣ ନ ବଜାଇବାକୁ ସର୍ତକ କରିଥିଲେ । ସେହିପରି ସ୍ଥାନୀୟ ଗ୍ରାମ ଗୁଡ଼ିକ ପ୍ରତି ଧ୍ୟାନ ଦିଆଯାଇଥିବା କାଶୀନଗର ରେଞ୍ଜର ପ୍ରଦୀପ କୁମାର ଆଚାର୍ଯ୍ୟ କହିଛନ୍ତି । ବର୍ତ୍ତମାନ ବନବିଭାଗର ୮ ଜଣିଆ ଦଳ ଉକ୍ତ ଅଞ୍ଚଳରେ ରହି ହାତୀର ଗତିପଥ ଉପରେ ଦୃଷ୍ଟି ରଖିବା ସହ ଅଞ୍ଚଳର ସୁରକ୍ଷା କରାଯାଉଥିବା ନେଇ ରେଞ୍ଜର ଆଚାର୍ଯ୍ୟ କହିଛନ୍ତି । ବିଦ୍ୟୁତ ବିଭାଗ କର୍ମଚାରୀ ମଧ୍ୟ ଉକ୍ତ ଅଂଚଳରେ ରହି ହାତୀର ଗତିପଥକୁ ନେଇ ବିଦ୍ୟୁତ୍ କାଟ କରୁଥିବାବେଳେ ଉକ୍ତ ଅଞ୍ଚଳ ଦେଇ ରେଳ ଧାରଣ ରହିଥିବା ଯୋଗୁ ରେଳ ବିଭାଗକୁ ମଧ୍ୟ ବନ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉକ୍ତ ଅଞ୍ଚଳରେ ଟ୍ରେନ ଦ୍ରୁତ ଗତିରେ ନଯିବା ଓ ଉଚ୍ଚସ୍ତରରେ ହର୍ଣ୍ଣ ନବଜାଇବା ନେଇ ରେଳ ବିଭାଗକୁ ସୂଚନା ଦିଆଯାଇଥିବା ରେଞ୍ଜର କହିଛନ୍ତି । ହାତୀ ବୁଲୁଥିବା ଅଞ୍ଚଳ କାଦୁଅ ହୋଇଥିବା ଯୋଗୁ ହାତୀ ଗୁଡିକୁ ଅନ୍ୟଅଞ୍ଚଳକୁ ଘଉଡ଼ାଇବାରେ ଅସୁବିଧା ହେଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି ।

## କନ୍ଧମାଳକୁ ଛୁଇଁଲା ଶୀତ



ଜି.ଉଦୟଗିରି,୧୭।୧୦(ସମିସ): କନ୍ଧମାଳକୁ ଛୁଇଁଛି ଶୀତ । ଏଥିରେ ପୁଲକିତ ହୋଇ ଉଠିଛି ପ୍ରକୃତିରାଣୀ । କୁହୁଡିର ଚାଦର ପକାଇ କରିଛି ସ୍ୱାଗତ । ଶୀତର ଆଗମନରେ କନ୍ଧମାଳର ପ୍ରାକୃତିକ ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥିବା ବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି । କାକର ବିନ୍ଦୁର ଅଳଙ୍କାରକୁ ସକାଳର ସୁନେଲି କିରଣ କରିଦେଇଛି ମନଲୋଭା । ଶୀତର ଆଗମନରେ ପୁଣି ଥରେ ପର୍ଯ୍ୟଟନ ସ୍ଥଳରେ ଲାଗିବ ଗହଳି । ଏଥିପାଇଁ ଆରମ୍ଭ ହେଲାଣି ପ୍ରସ୍ତୁତି । ଶୀତ ଆଗମନରେ କିଏ ପଡିଆରେ ଫୁଟବଲ୍ ଖେଳିଲାଣି ତ ଆଉ କିଏ ଯୋଗ ପ୍ରାଣାୟାମ ଆରମ୍ଭ କଲେଣି । ବ୍ୟାୟାମଶାଳାରେ ଲାଗିଲାଣି ଗହଳି । ଦୀର୍ଘବର୍ଷ ହେଲା ଜି.ଉଦୟଗିରି ସହର ରାଜ୍ୟର ଶୀତଳତମ ସହର ଭାବେ ରେକର୍ଡ଼ କରୁଥିବା ବେଳେ ଚଳିତ ବର୍ଷ ମଧ୍ୟ ସମାନ ସମ୍ଭାବନା ରହିଛି । ଏଥିସହ ଆରମ୍ଭରୁ ଶୀତ ଦେଖି ଏବର୍ଷ ଅଧିକ ଦିନ ଶୀତ ରହିବା ସହିତ ତୁଷାରପାତ ହେବ ବୋଲି ପୁରୁଖା ଲୋକେ କହିଲେଣି ।

## ଭୂତକୋଠି ପାଲଟିଛି ବ୍ଲକ ପରିସର ନୂତନ କୋଠା



ଟିକାବାଲି,୧୭।୧୦(ସମିସ): ଟିକାବାଲି ବ୍ଲକ କାର୍ଯ୍ୟାଳୟ ପରିସରର ପଛ ପାଖରେ ନିର୍ମିତ ଏକ ନୂତନ କୋଠା କାର୍ଯ୍ୟକ୍ଷମ ହୋଇନପାରି ଭୂତକୋଠି ପାଲଟିଲାଣି । ୫ବର୍ଷ ପୂର୍ବେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି କୋଠାଟି ନିର୍ମାଣ ସରିବା ଦିନରୁ ହିଁ ତାଲା ପଡ଼ିଛି । କୋଠା କେଉଁ ନିର୍ଦ୍ଦିଷ୍ଟ ସରକାରୀ ଯୋଜନା ବା ବିଭାଗର କାର୍ଯ୍ୟାଳୟ ପାଇଁ ନିର୍ମିତ ହୋଇଥିଲା ସ୍ପଷ୍ଟ ସୂଚନା ମିଳୁନାହିଁ । କିଛି ଲୋକଙ୍କ କହିବାନୁଯାୟୀ ଏହା ପରିସଂଖ୍ୟାନ (ଷ୍ଟାଟିଷ୍ଟିକାଲ) ବିଭାଗର କୌଣସି ସ୍ୱତନ୍ତ୍ର ସେବା କେନ୍ଦ୍ର କିମ୍ବା ଅତିରିକ୍ତ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଥିଲା । ନିର୍ମାଣ କାର୍ଯ୍ୟ ସରି ୫ ବର୍ଷ ବିତିଥିଲେ ମଧ୍ୟ ଏହା ବ୍ୟବହାର ହେଉନାହିଁ । କୋଠା ବାହାର ପଟୁ କବାଟ ଓ ଝରକାରେ ତାଲା ପଡ଼ିଥିବା ବେଳେ ଏହାର ବାହାର ଏବଂ ଉଭୟ ପାର୍ଶ୍ୱ ଜଙ୍ଗଲ ପାଲିଟିଲାଣି । ଯଦି କୋଠା ତୁରନ୍ତ ବ୍ୟବହାରରେ ଲଗାଇବାର କୌଣସି ଯୋଜନା ନଥିଲା, ତେବେ ଏତେ ଟଙ୍କା ଖର୍ଚ୍ଚ କରି କାହିଁକି ନିର୍ମାଣ ହେଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରୁଛନ୍ତି । ବ୍ଲକ ଅଫିସରେ ଜାଗାର ଅଭାବ ଥିବା ସତ୍ତ୍ୱେ ଏକ ନିର୍ମିତ କୋଠା ବ୍ୟବହାର ନ ହେବା ପ୍ରଶାସନର ଦାୟିତ୍ୱହୀନତାକୁ ଦର୍ଶାଉଛି । ଧୀରେ ଧୀରେ ଏହି କୋଠା ନଷ୍ଟ ହେଉଛି । ଏନେଇ ସ୍ଥାନୀୟ ଲୋକେ ତୁରନ୍ତ ଏହି ମାମଲାରେ ଜିଲ୍ଲାପାଳ ଏବଂ ବ୍ଲକ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି । ଏହି ଅଚଳ କୋଠା ସରକାରୀ ଯୋଜନାର ରୂପାୟନରେ ଥିବା ଅବହେଳାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଅଭିଯୋଗ କରାଯାଇଛି ।

## କଳିଙ୍ଗା ଘାଟି ଭୂସ୍ଖଳନ ଘଟଣା

## ସ୍ଥିତି ଅନୁଧ୍ୟାନ କଲେ ଭଞ୍ଜନଗର ବିଧାୟକ



ଜି.ଉଦୟଗିରି/ଭଞ୍ଜନଗର,୧୭।୧୦(ସମିସ): ମାସେ ପରେ ବି ସ୍ୱାଭାବିକ ହୋଇପାରିନି କଳିଙ୍ଗା ଘାଟି ରାସ୍ତା । ଯାହାକୁ ନେଇ ଲୋକେ ନାହିଁନଥିବା ହଇରାଣ ହେଉଥିବା ବେଳେ ଆଜି ପୁଣି ଥରେ ସ୍ଥିତି ଅନୁଧ୍ୟାନ କରିଛନ୍ତି ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ । ସେ ଘାଟିର ଭୂସ୍ଖଳନ ସ୍ଥାନ ଓ ଭାଲିଆପଟା ବାଇପାସ୍ ରାସ୍ତା ବୁଲି ଦେଖିଛନ୍ତି । ପ୍ରଶାସନିକ ଅଧିକାରୀଙ୍କ ସହିତ ମିଳିତ ଅନୁଧ୍ୟାନ କରିଥିଲେ । ବିଧାୟକ ଶ୍ରୀ ନାୟକ କଳିଙ୍ଗା ଘାଟିର ଭୂସ୍ଖଳନ ସ୍ଥାନରେ ପହଞ୍ଚି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ପଥର କିପରି ବ୍ଲାଷ୍ଟ କରାଯିବ ଓ ରାସ୍ତାରେ ଯାତାୟାତ କିପରି ସ୍ୱାଭାବିକ ହେବ ଆଲୋଚନା କରିଥିଲେ । ଏହା ସହିତ ବାଇକ୍‌ରେ ଭାଲିଆପଟା ରାସ୍ତା ଅନୁଧ୍ୟାନ କରିବାକୁ ବାହାରିଥିଲେ । ଶତାଧିକ ଲୋକଙ୍କ ସହିତ ବାଇକ୍ ଦ୍ୱାରା ଯାଇଥିବା ବେଳେ ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଏଡିପିଓ ଡ. ଦୀପକ୍ କୁମାର୍ ମିଶ୍ର, ବନ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ପୂର୍ତ୍ତ ବିଭାଗ ଏସ୍‌ଇ ସତ୍ୟରଞ୍ଜନ ପରିଡ଼ା, ସମେତ ଅନ୍ୟ ସରକାରୀ କର୍ମଚାରୀ ଓ କଳିଙ୍ଗା ଅଞ୍ଚଳର ଯୁବ ସମାଜସେବୀ ଆମନ ଚନ୍ଦ୍ର ନାୟକ, ସାମ୍ବାଦିକ ସାମନ୍ତ ଶେଖର ନାୟକ ଏବଂ ଦୁର୍ଗାପ୍ରସାଦ ଅଞ୍ଚଳର ଲୋକମାନେ ଉପସ୍ଥିତ ଥିଲେ । ତୁରନ୍ତ ବାଇପାସ୍ ରାସ୍ତା ନିର୍ମାଣ କରିବା ନିମନ୍ତେ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି ।

## ରମ୍ଭା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ




ପାରଳାଖେମୁଣ୍ଡି,୧୭।୧୦(ସମିସ): ଗୋଷାଣି ବ୍ଲକ ଗାରାବନ୍ଧ ସ୍ଥିତ ସରକାରୀ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ରମ୍ଭା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସମାରୋହରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବି. ଗଙ୍ଗାଧରଙ୍କ ପୌରହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କେ. ସୋମେଶ୍ୱର ରାଓ, ସିଆରସିସି ତାରକେଶ୍ୱର ଜେନା, ରାଜେନ୍ଦ୍ର କୁମାର ପାଣି, ନରେନ୍ଦ୍ର ଭୂୟାଁ, ଅବସରପ୍ରାପ୍ତ ଶିକ୍ଷକ ପୀତବାସ ସାମଲ ମଞ୍ଚାସୀନ ଥିଲେ । ଏହି ଉତ୍ସବରେ କ୍ଲଷ୍ଟରର ଗୋଟିଏ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦୁଇଟି ଉଚ୍ଚବିଦ୍ୟାଳୟ ସହ ମୋଟ ୧୩ଟି ବିଦ୍ୟାଳୟର ୧୮୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିରେ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ରମ୍ଭା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇଥିବା ବେଳେ ପୁରାତନ ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ସୁଜାତା ପ୍ରମାଣିକ ମଞ୍ଚ ପରିଚାଳନା କରିଥିଲେ ।

## ଚକାପାଦ ଥାନା ଅଧିକାରୀଙ୍କ ପଦୋନ୍ନତି



ଫିରିଙ୍ଗିଆ,୧୭।୧୦(ସମିସ): ଚକାପାଦ ଥାନା ଅଧିକାରୀ ଦାୟିତ୍ୱରେ ଥିବା ଲଳିତ ମୋହନ ସାଗରଙ୍କୁ ମିଳିଛି ପଦୋନ୍ନତି । ସେ ବର୍ତ୍ତମାନ ଓଡ଼ିଶା ରାଜ୍ୟ ପୁଲିସ ମହାସଂଘର ଉପସଭାପତି ଦାୟିତ୍ୱରେ ଥିବାବେଳେ ପଦୋନ୍ନତି ପାଇବା ପରେ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି । ପଦୋନ୍ନତି ପରେ ଶ୍ରୀ ସାଗର ରାଜ୍ୟ ସରକାର, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ ବିଶିଙ୍କ ସହ ଜିଲ୍ଲା ତଥା ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'




ଦାରିଙ୍ଗବାଡି,୧୭।୧୦(ସମିସ): ଦାରିଙ୍ଗବାଡି ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଉଦଘାଟନୀ କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ । ସନ୍ଧ୍ୟାରେ ଉଦଯାପନୀ ଉତ୍ସବ ହୋଇଥିଲା । ଏବିଇଓ ଗୋକୁଳାନନ୍ଦ ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦାରିଙ୍ଗବାଡି ତହସିଲଦାର ଧୀରଜ ପାତ୍ର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଚନ୍ଦ୍ରିକା ମଲିକ, ଏବିଇଓ ବନମାଳୀ ମାଝୀ, ଏଷ୍ଟାବ୍ଲିସମେଣ୍ଟ ଅଫିସର ଅଶୋକ ସାହୁ, ରାପଡାବାଡ଼ି ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଚାରୁଶିଳା ମଲିକ ଯୋଗ ଦେଇଥିଲେ । ୨୬ ପ୍ରତିଯୋଗୀ ଜିଲ୍ଲାସ୍ତରୀୟ ସୁରଭି ପ୍ରତିଯୋଗିତାକୁ ଚୟନ ହୋଇଥିଲେ । ସଂଗୀତ, ନୃତ୍ୟ, ବକ୍ତୃତା, ରଚନା, ଚିତ୍ରାଙ୍କନ, ହସ୍ତାକ୍ଷର ଆଦି ପ୍ରତିଯୋଗିତା ହୋଇଥିଲା । ସମାଜସେବୀ ତଥା ଗୀତିକାର ସାରଦା ବଳିଆରସିଂ ଏବଂ ଶିକ୍ଷକ ମାନସ ସୁଆଲସିଂଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ନିରଞ୍ଜନ ସାହୁ ପରିଚାଳନା କରୁଥିବା ବେଳେ ସମସ୍ତ ସିଆରସିସି ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ ଥାନା ପରିଦର୍ଶନ ଓ ସମୀକ୍ଷା



ପାରଳାଖେମୁଣ୍ଡି,୧୭।୧୦(ସମିସ): ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିଦର୍ଶନ ସହ ସମୀକ୍ଷା କରିଛନ୍ତି ଗଜପତି ଜିଲ୍ଲାପାଳ ମଧୁମିତା । ଜିଲ୍ଲାପାଳ ଭାବେ ଦାୟିତ୍ୱ ନେବା ପରେ ଏହା ତାଙ୍କର ଜିଲ୍ଲାର କୌଣସି ଥାନାକୁ ପ୍ରଥମ ପରିଦର୍ଶନ ଓ ସମୀକ୍ଷା । ମୁଖ୍ୟକରି ସିସିଟିଏନ୍‌ଏସ୍, ମହିଳା ଓ ଶିଶୁମାନଙ୍କ ପାଇଁ କିପରି ବ୍ୟବସ୍ଥା ରହିଛି ତାକୁ ଜିଲ୍ଲାପାଳ ପ୍ରାଧାନ୍ୟ ଦେଇ ସମୀକ୍ଷା କରିଥିଲେ । ଅଭିଯୋଗ କରିବାକୁ ଆସୁଥିବା ଜନସାଧାରଣ ଓ କାର୍ଯ୍ୟରତ ଥାନା କର୍ମଚାରୀଙ୍କ ପାଇଁ ଆନୁଷାଙ୍ଗିକ ବ୍ୟବସ୍ଥା, ପୁଲିସର ସରକାରୀ ଆବାସ ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ କରି ଅଭିଯୋଗର ସଂଖ୍ୟା କେତେ, ମାମଲା ଗୁଡିକର ତଦନ୍ତର ଗତି ଓ ନ୍ୟାୟପାଇଁ ଆସୁଥିବା ଲୋକଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ନିୟମ ବିଷୟରେ ବହୁ ସମୟ ଧରି ସମୀକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ଓ ସମୀକ୍ଷା ସମୟରେ ପାରଳାଖେମୁଣ୍ଡି ଉପଖଣ୍ଡିୟ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ ଓ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଉପସ୍ଥିତଥିଲେ ।

## କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ



ମୋହନା,୧୭।୧୦(ସମିସ): ମୋହନା ବ୍ଲକ ଅଡବା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମୋହନା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଦନ କଅଁର ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ପାଢ଼ୀ ଯୋଗ ଦେଇ କାର୍ଯ୍ୟକ୍ରମର ମହତ୍ୱ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ଜୟନ୍ତୀ ନାୟକ, ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମଣ୍ଡଳଙ୍କ ସମେତ ଶିକ୍ଷା ବିଭାଗର ଅନେକ କର୍ମଚାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ ।

## ରାଇକାଗୁମ୍ମାକୁ ନୂତନ ପଞ୍ଚାୟତ ଗଠନ ଦାବି

ପାରଳାଖେମୁଣ୍ଡି,୧୭।୧୦(ସମିସ): ଗଜପତି ଜିଲ୍ଲା ରାୟଗଡ ବ୍ଲକ ରାଇକାଗୁମ୍ମକୁ ନୂତନ ପଞ୍ଚାୟତ ଗଠନ ନିମନ୍ତେ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଛି । ପୋଓାର ପଞ୍ଚାୟତ ସମିତିସଭ୍ୟ ଲୋକନାଥ ଦଳାଇଙ୍କ ନେତୃତ୍ୱରେ ଶତାଧିକ ଅଞ୍ଚଳବାସୀ ଦାବି ଜଣାଇଛନ୍ତି । ଲୋବା ପଞ୍ଚାୟତର ୩ ଓ ପୋଓାର ପଞ୍ଚାୟତର ୩ ୱାର୍ଡକୁ ନେଇ ଏହି ପଞ୍ଚାୟତ ଗଠନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଲୋବା ପଞ୍ଚାୟତର କେକେସିଂ, ଭୂୟାଁସାହି, କମାରସାହି, ମଣ୍ଡଳ, ହରିପୁର ଓ ପୋଓାର ପଞ୍ଚାୟତର କରଞ୍ଜସାହି, ନାୟକ ସାହି, ପୁଡାସାହି, ବାଙ୍କସାହି, ସାନକରଞ୍ଜ ସାହି, ରାଇକାଗୁମ୍ମା ଗ୍ରାମ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ରହିଛି । ଏହି ସବୁ ଗ୍ରାମର ଜନସଂଖ୍ୟା ୨୫୦୦ ପାଖାପାଖି ଓ ରାୟଗଡ ବ୍ଲକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାରେ ରହିଛି । ଏହା ସତ୍ତ୍ୱେ ବି ଉପରୋକ୍ତ ଗ୍ରାମଗୁଡିକରେ ମୌଳିକ ସୁବିଧା ଓ ସରକାରୀ ଯୋଜନା ଠିକ୍ ଭାବେ ପହଞ୍ଚିପାରୁନି । ଭୌଗୋଳିକ ଦୃଷ୍ଟି କୋଣରୁ ଦୁର୍ଗମ ପାହାଡିଆ ଅଞ୍ଚଳ ହୋଇଥିବା ଯୋଗୁଁ ପଞ୍ଚାୟତକୁ ଗମନାଗମନ ପାଇଁ ପ୍ରାୟ ୧୪ କିଲୋମିଟର ଦୂରତା ଯିବାକୁ ପଡୁଛି । ବର୍ଷା ଋତୁରେ ଯାତାୟତ କରିବାରେ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ସରକାର ଜନହିତକର ଯୋଜନା ଗୁଡିକ ସୁଚାରୁରୂପେ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ନୂତନ ପଞ୍ଚାୟତ ଗଠନ କରାଯିବା ନିମନ୍ତେ ପଞ୍ଚାୟତରାଜ




ବିଭାଗମନ୍ତ୍ରୀ ଘୋଷଣା କରିଛନ୍ତି । ସେହି କାରଣରୁ ରାଇକାଗୁମ୍ମାକୁ ନୂତନ ଗ୍ରାମପଞ୍ଚାୟତ ଗଠନ କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ଜଣାଇଛନ୍ତି ।

## କୁଏରମାଣ୍ଡୁ-ବାରାହାଲା ରାସ୍ତା ନିର୍ମାଣରେ ବିଳମ୍ବ

ଫିରିଙ୍ଗିଆ,୧୭।୧୦(ସମିସ)

ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅବହେଳାରୁ କାର୍ଯ୍ୟ ଅବଧି ପରେ ମଧ୍ୟ ରାସ୍ତା ନିର୍ମାଣ ହେଉନଥିବାରୁ ବାରମ୍ବାର ଦୁର୍ଘଟଣା ଘଟି କିପରି ଜୀବନ ହାନୀ ହେଉଛି ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକରେ । ବ୍ଲକର ଉପାନ୍ତ ଅଞ୍ଚଳ କୁଏରମାଣ୍ଡୁ ପଞ୍ଚାୟତ କୁଏରମାଣ୍ଡୁ ଠାରୁ ବାରାହାଲା ରାସ୍ତା ନିର୍ମାଣ ୩ ବର୍ଷ ପୂର୍ବେ ଆରମ୍ଭ



- ବିଭାଗ ଓ ଠିକାଦାରଙ୍କ ଅବହେଳାକୁ ଦାୟୀ କଲେ ଅଞ୍ଚଳବାସୀ
- ତୁରନ୍ତ ରାସ୍ତା ନିର୍ମାଣ ନ ହେଲେ ଆନ୍ଦୋଳନ ଚେତାବନୀ

ହୋଇଥିବା ବେଳେ ଫୁଲବାଣୀ ରାସ୍ତା ଓ କୋଠାବାଡି ବିଭାଜନ ତରଫରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଉଛି । ଅବଧି ସରିଥିଲେ ମଧ୍ୟ ରାସ୍ତା ନିର୍ମାଣ ସରୁନି । ରାସ୍ତାରେ ପଡ଼ିଥିବା ପଥର ଗୁଣ୍ଡ ବାଲି ମେଟାଲ ଧୋଇ ଯାତାୟାତରେ ସମସ୍ୟା ହେଉଥିବା ବେଳେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି । ବର୍ତ୍ତମାନ ଅଞ୍ଚଳର କୋଡିଏରୁ ଅଧିକ ଗାଁର ବିଦ୍ୟାଳୟର ଛାତ୍ରଛାତ୍ରୀ, ପଞ୍ଚାୟତ କାର୍ଯ୍ୟାଳୟ ଉପରେ ନିର୍ଭର କରି ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ବୃଦ୍ଧବୃଦ୍ଧା ଠାରୁ ସାଧାରଣଜନତା ଏହି ରାସ୍ତାରେ ଯିବା ଆସିବାରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏଭଳି ସମସ୍ୟା ହେଉଥିବା ବେଳେ ରାସ୍ତା ନିର୍ମାଣ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ନାଁ ଠିକାଦାର କି ବିଭାଗୀୟ ଅଧିକାରୀ କେହି ଶୁଣୁ ନଥିବାରୁ ଜନସାଧାରଣରେ ଅସନ୍ତୋଷ ତେଜୁଛି । ତୁରନ୍ତ ଏହି ରାସ୍ତା ନିର୍ମାଣ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ସମସ୍ୟା ସମ୍ପର୍କରେ ଦାୟିତ୍ୱରେ ଥିବା ନୂତନ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ରାସ୍ତା କାମ ବିଷୟରେ ଅବଗତ ନଥିବା କହିବା ସହ ସମସ୍ୟା କିଭଳି ସମାଧାନ ହୋଇପାରିବ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

## ବାଇକ୍ ଧକ୍କାରେ ୪ ଆହତ

ଶେରଗଡ଼, ୧୭ ।୧୦(ସମିସ): ଗୁରୁବାର ସନ୍ଧ୍ୟାରେ ବାଇକ ଧକ୍କାରେ ଦୁଇ ଜଣ ବାଇକ ଆରୋହୀ ଏବଂ ଦୁଇ ଜଣ ପଥଚାରୀ ଆହତ ହୋଇଛନ୍ତି। ଆସିକା ଥାନା ପଡ଼ାଳ ଗ୍ରାମର ଧୃବଚରଣ ନାଇକ(୫୫) ଓ କିରଣ ନାଇକ (୪୨) ବାଇକ୍ ଯୋଗେ କୌଣସି କାମରେ ଦିଗପହଣ୍ଡି ଯାଉଥିଲେ। ସେଠାରୁ ଫେରୁଥିବା ବେଳେ ଶେରଗଡ଼-ଦିଗପହଣ୍ଡି ମୁଖ୍ୟ ରାସ୍ତାର ପିଲି ପଦୁନାଭପୁର ଗ୍ରାମର ଟୁଲୁ ଗୌଡ଼(୪୨) ଓ ସାମାଞ୍ଚଳ ଡାକୁଆ(୩୦)ଙ୍କୁ ଧକ୍କା ଦେଇଥିଲା। ଫଳରେ ୪ ଜଣ ଯାକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଆହତଙ୍କୁ ଉଦ୍ଧାର କରି ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ସମସ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଭାଗବତ ସତ୍ସଙ୍ଗ କାର୍ଯ୍ୟକ୍ରମ

ଧରାକୋଟ, ୧୭।୧୦(ସମିସ): ଧରାକୋଟ ସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀଭାଗବତ କଥାମୃତ ଶୁଭାରମ୍ଭ ହୋଇଯାଇଛି। ପ୍ରବକ୍ତା ଭାବରେ ପୁରୁଷୋତ୍ତମପୁର ନିକଟସ୍ଥ ପ୍ରତାପପୁର ଲକ୍ଷ୍ମୀ ନାରାୟଣ ମନ୍ଦିରର ମହନ୍ତ ରାଜେନ୍ଦ୍ର ଦାସ ମହାରାଜ ଯୋଗଦେଇ ଭାଗବତ ପୁରାଣ ପଠନ ଓ ଶ୍ରବଣ ଦ୍ୱାରା ଆଧ୍ୟାତ୍ମିକ ଚେତନା ଜାଗ୍ରତ ସହ ହରିକୃପା ଲାଭ ହେବା ସହ ପ୍ରତ୍ୟେକ ମଣିଷର ଜୀବନଶୈଳୀ ଶୃଙ୍ଖଳିତ ଓ ପରିମାର୍ଜିତ ହୋଇପାରିବ ବୋଲି କହିଥିଲେ। ସପ୍ତାହ ବ୍ୟାପୀ ହେବାକୁ ଥିବା ଏହି ଭାଗବତ କଥାମୃତ ସତ୍ସଙ୍ଗ କାର୍ଯ୍ୟକ୍ରମକୁ ସାତା ସାମୀ ସତସଙ୍ଗ କେନ୍ଦ୍ର ତରଫରୁ ଆୟୋଜନ କରାଯାଇଥିବା ବେଳେ ଧରାକୋଟ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ବୋରସିଂ ଗ୍ରାମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ସୋରଡ଼ା, ୧୭ ।୧୦(ସମିସ): ସୋରଡ଼ା ବ୍ଲକ ବୋରସିଂ ଗ୍ରାମରେ ଭାଗବତ କଥାମୃତ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ଶିବ ଶଙ୍କର ପାଣିଗ୍ରାହୀ ରାମ ଚରିତ ମାନସ ଶୁଣାଇଥିଲେ। ସ୍ୱାମୀ ଚିଦାନନ୍ଦ ସେବା ପରିଷଦ ଓ ଗ୍ରାମବାସୀଙ୍କ ଦ୍ୱାରା ଭାଗବତ ପୂଜା, ତୁଳସୀ ଅର୍ପଣ, ପାରାୟଣ, ଭଜନ କୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିଲା। ସେବା ପରିଷଦର ସକ୍ରିୟ ସଦସ୍ୟ କୃଷ୍ଣଚନ୍ଦ୍ର ବିଶ୍ୱାସରାୟ ଓ ନାରାୟଣ ଗୌଡ଼, ବିଷ୍ଣୁଚରଣ ସାହୁ, ସଞ୍ଜୟ ଗୌଡ଼, ରାଜୁ ଗୌଡ଼, ହାଡ଼ି ଗୌଡ଼, ଭାସ୍କର ଦଳବେହେରାଙ୍କ ପୌରୋହିତ୍ୟରେ ସମ୍ପାଦନ ହୋଇଥିଲା। ଭାଗବତ କଥା ଓ ତାହାର ମହତ୍ତ୍ୱ ବିଷୟରେ ଆଜିର ଯୁବପିଢ଼ି ସମ୍ପୂର୍ଣ୍ଣ ଅଜଣା ଯାହାକି ସମାଜ ବିପଥଗାମୀ ଏଣୁ ସଚେତନତା ପାଇଁ ଉପସ୍ଥିତ ପଣ୍ଡିତଗଣ ମତ ଦେଇଥିଲେ।

## ନବାଗତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ପୋଲସରା, ୧୭।୧୦(ସମିସ): ପୋଲସରା ବିଜ୍ଞାନ ମହାବିଦ୍ୟାଳୟ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପ୍ରଥମ ବର୍ଷ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତଥା ସମ୍ପାଦକ ଡ଼ଃ ଦିଲ୍ଲୀପ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ତଥା ମହାବିଦ୍ୟାଳୟର ଶୈକ୍ଷିକ ଅଧିକାରୀ ଡ଼ଃ ରୋଜିତା ମିଶ୍ର, ଅଧ୍ୟାପକ ଦେବାଶିଷ ସ୍ୱାଇଁ, ଡେମୋନଷ୍ଟ୍ରେଟର ସୁଶ୍ମାନୀ କୁମାରୀ ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ଅଭିନନ୍ଦନ ଜଣାଇବା ସହ ଉଦ୍ଭିଦ ଶିକ୍ଷାର ଗୁରୁତ୍ୱ ଓ ମହତ୍ୱ ସମ୍ପର୍କରେ ଦିଗ୍ଦର୍ଶନ ପ୍ରଦାନ କରିଥିଲେ। ନବାଗତ ଛାତ୍ରଛାତ୍ରୀ ସେମାନଙ୍କ ପରିଚୟ ପ୍ରଦାନ କରିବା ସହ ଅନୁଭୂତି ସମ୍ପର୍କ ରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଛାତ୍ରୀ ସ୍ୱର୍ଣ୍ଣପ୍ରଭା ବେହେରା, ପ୍ରଯୁକ୍ତା ନାୟକ, ପ୍ରାଚୀ ପ୍ରତୀକ୍ଷା ଦାଶ, ଭିଜିକା ପ୍ରଧାନ, ସୁଚିସ୍ମିତା ଶତପଥୀ, ସୁଜାତା ଦାସ, ସ୍ନେହଲତା ସାହୁ, ଅମ୍ରିତା ପ୍ରିୟଦର୍ଶିନୀ ପ୍ରମୁଖ ସହଯୋଗ କରିଥିଲେ।

## ଗୋଷ୍ଠୀ ସହାୟକ କର୍ମଚାରୀଙ୍କ ଦାୟିତ୍ୱ ଗ୍ରହଣ

ଧରାକୋଟ, ୧୭।୧୦(ସମିସ): ଧରାକୋଟ ବ୍ଲକର ମିଶନ ଶକ୍ତି ବିଭାଗର ଅଧୀନରେ କାର୍ଯ୍ୟରତ ଗୋଷ୍ଠୀ ସହାୟକ କର୍ମଚାରୀ ବା ସିଏସ୍ଏମ୍ମାନେ ୨୧ ଦିନ ପରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ବୁଧବାର କାର୍ଯ୍ୟରେ ଯୋଗଦେବା ସମ୍ପର୍କୀୟ ଏକ ଲିଖିତ ଦାବିପତ୍ର ବିଡିଓ ଫଗ୍ରାମ କେଶରୀ ଜେନାଙ୍କୁ ବ୍ଲକ ଏମବିକେ ସଭାପତି ସୁଚିରେଖା ନାୟକ, ନମିତା ବେହେରା, ମାଳତୀ ମାଝୀ, ଫଯୁକ୍ତା ପଟ୍ଟନାୟକ, ସନ୍ଧ୍ୟା ରାଣୀ ସ୍ୱାଇଁ, ବିଷ୍ଣୁପ୍ରିୟା ଦଳେଇ, ପଦ୍ମିନୀ ପ୍ରଧାନ, ସୁନୀତା ଜେନା, ଦିପାଞ୍ଜଳି ପାତ୍ର, ମମତା ଗୌଡ଼, ଭାରତୀ ସ୍ୱାଇଁ, ରିଙ୍କି ପ୍ରଧାନ ପ୍ରମୁଖ ମିଳିତ ଭାବରେ ପ୍ରଦାନ କରିଥିଲେ। ୮ ଜଣ ଏମବିକେ, ୯୧ ଜଣ ସିଆରପି ଏବଂ ୪ ଜଣ ବ୍ୟାଙ୍କ ମିତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି।

ଅନ୍ୟପକ୍ଷରେ ସରକାର କାର୍ଯ୍ୟ ଅନୁଯାୟୀ ପାରିଶ୍ରମିକ ଦେବାକୁ ଘୋଷଣା କରିଥିବା ବେଳେ ଏହା ବିରୋଧରେ ସେମାନେ ଉଚ୍ଚ ନ୍ୟାୟାଳୟରେ ମୋକଦ୍ଦମା ରୁଜୁ କରିଛନ୍ତି। ଏଣୁ ନ୍ୟାୟାଳୟର ରାୟ ଆସିବା ପର୍ଯ୍ୟନ୍ତ ସେମାନେ ସରକାରୀ ଘୋଷଣା ପ୍ରକାରେ ପାରିଶ୍ରମିକ ନେବେନାହିଁ ବୋଲି ଲିଖିତ ଭାବରେ ଜଣାଇ ଦେଇଛନ୍ତି। ଏଣୁ ସରକାର ସେମାନଙ୍କ ଦାବି ପୂରଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

### ସରକାରୀ ଜମିକୁ ନେଇ ଦୁଇ ଗ୍ରାମବାସୀ ମୁହାଁମୁହିଁ ଘଟଣା

# ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ; ୧୮ କୋର୍ଟ ଚାଲାଣ

ସାନଖେମୁଣ୍ଡି, ୧୭ ।୧୦(ସମିସ)



ସରକାରୀ ଜମିକୁ କେନ୍ଦ୍ରକରି ଗଞ୍ଜାମ ଜିଲ୍ଲା ସାନ୍ଖେମୁଣ୍ଡିର ଦୁଇ ଗାଁ ମଧ୍ୟରେ ମାରପିଟ ଘଟଣାରେ ୧୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପାଟପୁର ପୁଲିସ। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରେ ବିଏନ୍ଏସ୍ଏସ୍ ଧାରା ୧୬୩ ଲାଗୁ କରାଯିବା ସହ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସିଙ୍ଗିପୁର ଗ୍ରାମର ରଜନୀକାନ୍ତ ମହାପାତ୍ର, ବାପୁନା ସେଠୀ, ମହେନ୍ଦ୍ର ଦୋରା, ଜିତେନ୍ଦ୍ର ଦୋରା, ରାଜେନ୍ଦ୍ର ପ୍ରଧାନ, ବିଦେଶୀ ଦୋରା, ସୀମାଞ୍ଚଳ ବେହେରା, ଶିବରାମ ବିଷୋୟୀ, ଅଭିମନ୍ୟୁ ଦୋରା, ପବିତ୍ର ଦୋରା ଓ ରତ୍ନମଣିପୁର ଗ୍ରାମର ରଞ୍ଜନ ସାହୁ, ଶୁଭମ ପୃଷ୍ଟି, ବାଦଲ କୁମାର ସାହୁ, କୃଷ୍ଣ କୁମାର ପୃଷ୍ଟି, ସଞ୍ଜୟ ପୃଷ୍ଟି, ଉଦୟ ନାଥ ବେହେରା, ଧୀରେନ ପୃଷ୍ଟି, ପ୍ରଦୀପ କୁମାର ସାହୁ। ସୂଚନାଯୋଗ୍ୟ ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଓସ୍ତା ଛକ ନିକଟରେ ଥିବା ଏକ ସରକାରୀ ଜମିକୁ ନେଇ ଗୁରୁବାର ଦୁଇ ଗାଁ ହାତାହାତି ହୋଇଥିଲେ। ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଘେରାଉ ଠାରୁ ଆରମ୍ଭ କରି ରାଜପଥ ଅବରୋଧ, ଢେଲାପଥର ମାଡ଼ ଭଳି ହିଂସା ଘଟିଥିଲା। ଏଥିରେ ୫ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ହନୁମାନ ବାଟିକାରେ ମଧ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୀମା ସ୍ୱାଇଁ, ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ପାଟପୁର ଥାନା ଅଧିକାରୀ, ଶେରଗଡ଼ ଥାନା ଅଧିକାରୀ, ଧରାକୋଟ ଥାନା ଅଧିକାରୀ, ସାନଖେମୁଣ୍ଡି ତହସିଲଦାର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଘଟଣାକୁ ନେଇ ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ପାଟପୁର ଥାନାରେ ଉଭୟ ଗ୍ରାମର ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କ ନାମରେ ଅଭିଯୋଗ କରିଥିଲେ। ପାଟପୁର ଥାନା ଅଧିକାରୀ ମାମଲା ରୁଜୁ କରିଥିଲେ। ପରେ ଉଭୟ ଗ୍ରାମବାସୀ ପାଟପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଆଉ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ୧୮ ଜଣକୁ ଗିରଫ କରି ସିଙ୍ଗିପୁର ଗ୍ରାମର ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଇଥିବା ବେଳେ ରତ୍ନମଣିପୁର ଗ୍ରାମର ଅଭିଯୁକ୍ତଙ୍କୁ ବ୍ରହ୍ମପୁର କୋର୍ଟଚାଲାଣ କରିଛି। ଅପରପକ୍ଷେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର କହିଛନ୍ତି।

## ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳିତ

ଶେରଗଡ଼, ୧୭ ।୧୦(ସମିସ): ବିଜେଡି ସୁପ୍ରିମୋ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ପାଳିତ ହୋଇଯାଇଛି। ଦଳମତ ନିର୍ବିଶେଷରେ ବହୁ ବିଶିଷ୍ଟ ବ୍ୟକ୍ତି, ଦଳୀୟ ନେତା ଓ କର୍ମୀ ଆଶୁ ଆରୋଗ୍ୟ କାମନା କରିବା ସହିତ ଶୁଭେଚ୍ଛା ଜଣାଇଥିବା ବେଳେ ଶେରଗଡ଼ ବ୍ଲକ ବିଜେଡି ମଧ ପଛରେ ପଡ଼ିନାହିଁ। ଶେରଗଡ଼ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ନିଜ ପ୍ରିୟ ନେତାଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ କାମନା କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଯୁବ ବିଜେଡି ନେତା ବାସୁଦେବ ସ୍ୱାଇଁ, ତାକରଡା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ନୃସିଂହ ଚରଣ ଦାସ, ସମାଜସେବୀ ଦୁର୍ଗା ମାଧବ ବିଷୋୟୀ, ମନ୍ଦିର ପୂଜକ ହରିହର ଦାସ, ଅରୁଣ କୁମାର ସାହୁ, ଶଙ୍କର କୁମାର ସାହୁଙ୍କ ସହିତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



## 'କଟି କଟି ଡବଲ କଟି' ନାଟକ ମଞ୍ଚସ୍ଥ

ଦିଗପହଣ୍ଡି, ୧୭।୧୦(ସମିସ): ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ବୋରିପଦର ଗ୍ରାମରେ କଳିଙ୍ଗ ଯୁବ ନାଟ୍ୟ ସଂସଦ ପକ୍ଷରୁ ମଙ୍ଗଳବାର ରାତିରେ ନାଟ୍ୟକାର ସୁଶାନ୍ତ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ 'କଟି କଟି ଡବଲ କଟି' ନାଟକ ମଞ୍ଚସ୍ଥ ହୋଇଯାଇଛି। ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ନାଟକକୁ ଉଦ୍‌ଘାଟନ କରିଥିଲେ। ନାଟ୍ୟ ସଂସଦର ଆବାହକ ତଥା କଇଠଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ଼ ଏବଂ ପରିଚାଳକ ଉମାକାନ୍ତ ସାହୁଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଉଦଘାଟନୀ ସମାରୋହରେ ଦିଗପହଣ୍ଡି ବ୍ଲକ ସରପଞ୍ଚ ସଂଘ ସଭାପତି ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ସରପଞ୍ଚ ରଞ୍ଜନ ସାହୁ, ଲିଙ୍ଗରାଜ ଦୋରା, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ଚିତ୍ରସେନ ଗୌଡ଼, ଏମ.ସନ୍ତୋଷ, ସନ୍ତୋଷ ଦୋରା, ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଏମ. ନିରଞ୍ଜନ ରେଡ୍ଡୀ, ସାମାଜିକକର୍ମୀ ରଞ୍ଜନ କୁମାର ପାଣିଗ୍ରାହୀ, ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ଉପସଭାପତି ବାପି ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ।




## ତହସିଲ ଅଦାଲତ କର୍ମଚାରୀଙ୍କୁ ନିୟମ ଅନୁଯାୟୀ ବଦଳି ଦାବି

ବ୍ରହ୍ମପୁର, ୧୭।୧୦(ସମିସ): ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ପାରିଦର୍ଶିତା ଆଣିବା ପାଇଁ ସରକାରୀ କର୍ମଚାରୀଙ୍କୁ ଗୋଟିଏ କାର୍ଯ୍ୟାଳୟଲରେ ସର୍ବାଧିକ ତିନି ବର୍ଷ ରଖିବା ନିୟମ ରହିଛି। କିନ୍ତୁ ଜିଲ୍ଲାରେ ଥିବା ୨୩ଟି ତହସିଲ ଅଦାଲତ ଗୁଡିକରେ ଏହି ନିୟମ କାର୍ଯକାରୀ ହେଉନଥିବା ଅଭିଯୋଗ ହୋଇଛି। କର୍ମଚାରୀମାନେ ପାଞ୍ଚ ବର୍ଷରୁ ଅଧିକ ବର୍ଷଧରି କିରାଣୀମାନେ ଚୌକି ମାଡି ବସିଛନ୍ତି। ନିୟମ ଗୁଡ଼ିକ ସଠିକ ଭାବେ ପାଳନ ହେଉନଥିବା ବରିଷ୍ଠ ଆଇନଜୀବୀ ତଥା ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ଅଭିଯୋଗ କରିଛନ୍ତି। କର୍ମଚାରୀମାନେ ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରିଥିବାରୁ ବହୁ କର୍ମଚାରୀ ବିଭିନ୍ନ ଅସାଧୁ କାର୍ଯ୍ୟ ସମେତ ଲାଞ୍ଚ କାରବାର ବଢ଼ିବାରେ ଲାଗିଥିବା ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଲାଞ୍ଚ ନ ମିଳିଲେ ଫାଇଲ କାମ ମନ୍ଥର ଗତିରେ ଗତି କରୁଛି, ଓକିଲଙ୍କ ଗରିବ ମହକିଲ ମାନେ ବହୁତ ହଇରାଣ ହେଉଛନ୍ତି। ସେହିପରି କନିଷ ତହସିଲ ଅଦାଲତରେ ଫାଇଲ କାମ ତ୍ୱରାନ୍ୱିତ କରିବାକୁ ହେଲେ ନିକଟରେ ଥିବା ପାନ ଓ ଚା' ଦୋକାନରେ ବ୍ୟବସ୍ଥିତ ଢଙ୍ଗରେ ଲାଞ୍ଚ ଟଙ୍କା ଦେବାକୁ ପଡୁଛି ବୋଲି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ନ ଦେଲେ କାମ ହେଉ ନାହିଁ। ଏଭଳି ଗଞ୍ଜାମ ଜିଲ୍ଲାରେ ଥିବା ଭଞ୍ଜନଗର, ଛତ୍ରପୁର ଓ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବହୁ କିରାଣୀ ବହୁବର୍ଷ ହେବ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କାର୍ଯ୍ୟ କରିଥିବା ବେଳେ ନିୟମ ଅନୁସାରେ ବଦଳି ହେଉନାହିଁ। ତେଣୁ ସରକାରୀ କାର୍ଯ୍ୟ ସ୍ୱଚ୍ଛତା ଦୃଷ୍ଟିରୁ ତହସିଲ ଅଦାଲତ ଗୁଡିକରେ ୩ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଥିବା କିରାଣୀମାନଙ୍କୁ ତୁରନ୍ତ ବଦଳି କରିବାକୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ଇ-ମେଲ ଯୋଗେ ଶ୍ରୀ ପଟ୍ଟନାୟକ ନିଜର ଦାବି ଜଣାଇଛନ୍ତି।

## ସରକାରୀ ନିୟମ ମାନି ଦୀପାବଳି ପାଳନ୍ତୁ

ଛତ୍ରପୁର, ୧୭ ।୧୦(ସମିସ): ଆଲୋକର ପର୍ବ ଦୀପାବଳିକୁ ନେଇ ସଜାଗ ହୋଇ ରହିଛି ଗଞ୍ଜାମ ପୁଲିସ। ଗଞ୍ଜାମ ପୁଲିସ୍ ଜିଲ୍ଲାର ସମସ୍ତ ଥାନା ଅଞ୍ଚଳରେ ଯେପରି ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବ ସେଥିଲାଗି ସମସ୍ତ ଥାନାଧିକାରୀ ମାନଙ୍କୁ ସଜାଗ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ଜିଲ୍ଲାର ସମସ୍ତ ଯାଗାରେ ବିକ୍ରି କରାଯାଉଥିବା ବାଣ ଦୋକାନ ମାନଙ୍କରେ ଯେପରି ସରକାରୀ ନିୟମ ଓ ସୁରକ୍ଷାରେ ସହିତ ସବୁଜ ବାଣ ବିକ୍ରି କରାଯାଇପାରିବ ସେଥିଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଥିଲାଗି ଗଞ୍ଜାମ ପୁଲିସ୍ ଜିଲ୍ଲାରେ ସେପ୍ଟେମ୍ବର ମାସ ୧୫ ତାରିଖରୁ ସ୍ପେସିଆଲ ଡ୍ରାଇଭ ଆରମ୍ଭ କରାଯାଇଛି। ଏବେ ସୁଦ୍ଧା ୬୭ ଲକ୍ଷ ୪୩ ହଜାର ଟଙ୍କାର ବାଣ ଜବତ କରାଯାଇଛି। ୫୩ ଟି ମାମଲା ରୁଜୁ କରାଯିବା ସହିତ ୫୩ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି ଏବଂ ଦୁଇ ଜଣଙ୍କୁ ଗିରଫ୍ କରାଯାଇଥିବା ଏସପି ଶ୍ରୀ ପାତ୍ର କହିଛନ୍ତି। ଛତ୍ରପୁର ଥାନା ପୋଲିସ୍ ପକ୍ଷରୁ ଅଧିକ ଟଙ୍କାର ବାଣ ଜବତ କରାଯାଇଛି। ୩୭ ଲକ୍ଷରୁ ଅଧିକ ଟଙ୍କାର ବାଣ ଜବତ କରିବାରେ ଛତ୍ରପୁର ଥାନା ପୁଲିସ୍ ସଫଳ ହୋଇଛି। ଏବେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସବୁଜ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଉଛି। ସମସ୍ତ ଦୋକାନ ଗୁଡିକୁ ଅଗ୍ନିଶମ ବିଭାଗ, ପୁଲିସ୍ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଢାଉ କରାଯିବ, ଯେଉଁ ଦୋକାନୀ ମାନେ ସୁରକ୍ଷା ନିୟମର ଅନୁପାଳନ କରୁନଥିବେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ଏସପି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ସେହିପରି ଗଞ୍ଜାମ ପୁଲିସ୍ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଚାଲିଥିବା ବେଆଇନ ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇ ୨୮ ଲକ୍ଷ ଉର୍ଦ୍ଧ୍ୱ ଟଙ୍କା ସିଜ୍ କରାଯାଇଛି। ୧୧୪ଟି ମାମଲା ରୁଜୁ କରିବା ସହିତ ୭୦୦ ଜଣଙ୍କୁ ଗିରଫ୍ କରାଯାଇଛି। ସରକାରୀ ନିୟମର ଅନୁପାଳନ କରି ସବୁଜ ବାଣ ଫୁଟାନ୍ତୁ, ଏବଂ ବାଣ ଗୁଡିକୁ ଲାଇସେନ୍ସ ପ୍ରାପ୍ତ ଦୋକାନରୁ ବାଣ କିଣିବା ପାଇଁ କୁହାଯାଇଛି।

### ● ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଦୁର୍ନୀତି

## ସାଧାରଣ ଲୋକ ଶୋଷଣର ଶିକାର

କୁକୁଡ଼ାଖଣ୍ଡି, ୧୭।୧୦(ସମିସ): ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଚାଲିଥିବା ମହାଦୁର୍ନୀତି ନେଇ ଅଞ୍ଚଳବାସୀ ମଧ୍ୟରେ ଚାପା ଅସନ୍ତୋଷ ଦେଖାଯାଇଛି। ସାଧାରଣ ଲୋକ ଯେତେବେଳେ ଜମି ରେଜିଷ୍ଟ୍ରି କିମ୍ବା ଅନ୍ୟାନ୍ୟ ଆଇନଗତ ଦଲିଲ ନିମନ୍ତେ ଅଫିସକୁ ଯାଆନ୍ତି, ସେମାନଙ୍କୁ ବିଧିମାନ ଶୁଳ୍କ ଛଡ଼ା ଅତିରିକ୍ତ ଟଙ୍କା ଦେବାକୁ ବାଧ କରାଯାଉଛି ବୋଲି ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଅଫିସରେ କାମ ସମାପ୍ତ କରିବାକୁ ମଧ୍ୟସ୍ଥ ଦଲାଲ ରାଜ-ଚାଲୁଛି ଯେଉଁମାନେ, ଅଧିକାରୀମାନଙ୍କ ସହ ମିଶି ଦୁର୍ନୀତିର ଜାଲ ବିଛାଇଛନ୍ତି। ସାଧାରଣ ଜନତାଙ୍କୁ ଜଣେ ମଧ୍ୟସ୍ଥି ମାଧ୍ୟମରେ ଯିବାକୁ ବାଧ କରାଯାଉଛି ଏବଂ ସେଥିପାଇଁ ଅତିରିକ୍ତ ଦେୟ ନେଉଛନ୍ତି ଲେଖାଳି। ଡକ୍ୟୁମେଣ୍ଟ ପିଛା ଦୁଇ ହଜାର କମିଶନ ସହିତ ଗୋଟିଏ ଡେସିମଲ୍ ପିଛା ୩୦୦ ଟଙ୍କା ଦେବାକୁ ବାଧ କରୁଛନ୍ତି କର୍ମଚାରୀ। ଏହି ଦୁର୍ନୀତି ଯୋଗୁଁ ଦିନକୁ ଦିନ ଜନସାଧାରଣଙ୍କ ଅସୁବିଧା ବଢ଼ିବାରେ ଲାଗିଛି। ଅନେକ ଲୋକ ଅଫିସରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ସତ୍ତ୍ୱେ କାମ ହେଉନାହିଁ। ମାନବିକତା ଦୃଷ୍ଟିକୋଣରୁ ଏହା ଅତ୍ୟନ୍ତ ଦୁଃଖଦ ଓ ଅସହ୍ୟକର। ଅଞ୍ଚଳର ସଚେତନ ନାଗରିକମାନେ ଏହି ବିଷୟ ନେଇ ଶୀଘ୍ର ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ଶାଖା ପାଖରେ ଅଭିଯୋଗ ଦାଖଲ କରିବାକୁ ଯୋଜନା କରୁଛନ୍ତି। ସେମାନଙ୍କ ଦାବି ଯେ ଏହି ଅଫିସରେ ଥିବା ସମସ୍ତ ଦୁର୍ନୀତିର ନିକଟ ତଦନ୍ତ ହେବା ଆବଶ୍ୟକ। ସରକାର ଓ ଉଚ୍ଚପଦସ୍ଥ ଅଧିକାରୀମାନେ ଯଦି ଏହି ଦୁର୍ନୀତି ଉପରେ କଠୋର ପଦକ୍ଷେପ ନେବେ, ତେବେ ଯାଇ ସାଧାରଣ ଜନତା ନ୍ୟାୟ ପାଇବେ।

# ବିଭିନ୍ନ ସ୍ଥାନରେ ଶିଶୁ ମହୋତ୍ସବ 'ସୁରଭି'







ବେଲଗୁଣ୍ଠା, ୧୭ ।୧୦(ସମିସ)

ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଖଇରପୁଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗାଙ୍ଗପୁର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଆବାହନ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଅଧିକାରୀ ଲୋପାମୁଦ୍ରା ରଥ, ସ୍ୱତନ୍ତ୍ର ଅତିଥି ରୂପେ ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଜିତେନ୍ଦ୍ର କୁମାର ନାୟକ, ଖଇରପୁଟି ସରପଞ୍ଚ ସତ୍ୟବାନ ସ୍ୱାଇଁ, ସମିତିସଭ୍ୟା ଶାନ୍ତିଲତା ବେହେରା, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାସ, ପ୍ରଧାନ ଶିକ୍ଷକ ଗଙ୍ଗାଧର ସ୍ୱାଇଁ, ନାଏବ ସରପଞ୍ଚ ସୁନିତା ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ଉପାଧ୍ୟକ୍ଷା ସଙ୍ଗୀତା ଜେନା, ଖଇରପୁଟି ଗ୍ରାମ୍ୟ ସଭାପତି ପ୍ରମୋଦ ସ୍ୱାଇଁ, କୁଳ ସଭାପତି ଭଣ୍ଡାରି ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷୟିତ୍ରୀ ସ୍ମିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଆରସିସି ମୃତ୍ୟୁଞ୍ଜୟ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ।

**ପୋଲସରା:** ପୋଲସରା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ, ସୁରଭି ସ୍ଥାନୀୟ ରାଣିପଡ଼ା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଳିକ ଯୋଗଦେଇ ଉଚ୍ଚଶିକ୍ଷିତ ହେବା ପାଇଁ ପାଠ ପଢ଼ାର ଗୁରୁତ୍ୱ ପ୍ରତି ମାର୍ଗଦର୍ଶନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ଦୀପ୍ତିମୟୀ ପାତ୍ର, ପ୍ରାକ୍ତନ ଶିକ୍ଷକ କାମ୍ପ ବାଡେଇ, ପ୍ରଶାନ୍ତ କୁମାର ପ୍ରଧାନ, ପ୍ରସନ୍ନ ଡାକୁଆ, ମୋତିରାମ ସାହୁ, ରଘୁନାଥ ପଣ୍ଡା, ରାମକୃଷ୍ଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏବିଇଓ ସ୍ୱରୂପ କୁମାର ପାତ୍ର, ସିଆର୍‌ସିସି ବଳରାମ ନାୟକ, ଜିତେନ୍ଦ୍ର କୁମାର ପାଢ଼ୀ, ଭଗବାନ ଗୌଡ଼ଙ୍କ ସମେତ ସମସ୍ତ ସିଆର୍‌ସିସି ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ସହଯୋଗ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ ବମକେଇ ପଞ୍ଚାୟତ ମଦନମୋହନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଶିବରାମ ପ୍ରଧାନଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରସ୍ତରୀୟ 'ସୁରଭି' ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକ ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ ଡ଼. ଶଙ୍କର ନାରାୟଣ ବେଜ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏବିଓ ରସାନନ୍ଦ ଘଡେଇ, ବମକେଇ ଗ୍ରାମ ଚିଦାନନ୍ଦ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦେବଦତ୍ତ ସୁବୁଦ୍ଧି, ଶିବାନନ୍ଦ ହାଇସ୍କୁଲ ପ୍ରଧାନଶିକ୍ଷକ ଅରୁଣ ମହାପାତ୍ର, ସିଆରସିସି ନବୀନ ବାଡ଼ତ୍ୟା ପ୍ରମୁଖ ମଞ୍ଚାସିନ ଥିଲେ। ସହକାରୀ ଶିକ୍ଷକ ବିଜୟ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଦୀପ କୁମାର ମହାପାତ୍ର, ଅନାଦି ଚରଣ ପ୍ରଧାନ, କେଶବ ବେହେରା, ଶ୍ରୀହରି ମହାନ୍ତି, ଶିକ୍ଷୟିତ୍ରୀ ଦେବଦର୍ଶିନି ପଣ୍ଡାଙ୍କ ସମେତ କ୍ଲଷ୍ଟରର ଅନ୍ୟାନ୍ୟ ଶିକ୍ଷିୟିତ୍ରୀ ଶିକ୍ଷକ ସହାୟତା କରିଥିଲେ।


**ବୁଗୁଡ଼ା:** ଗୋଳିଆ ଓ ଅନ୍ତରପଡ଼ା କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସୁନିତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଗୋଳିଆ କ୍ଲଷ୍ଟର ପକ୍ଷରୁ ଶ୍ରୀକାନ୍ତ ସ୍ୱାମୀ ତପୋବନ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ କ୍ଲଷ୍ଟର ଅନ୍ତର୍ଗତ ୧୩ଟି ବିଦ୍ୟାଳୟର ୨୦୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏସ୍ଏମସି ଉପସଭାପତି ସୁଶାନ୍ତ ସାହୁ, ଭାମଶ୍ୟାଳି ସ୍କୁଲ ପ୍ରଧାନ ଶିକ୍ଷକ ଜି.ନାଗେଶ୍ୱର ରାଓ, ଗୋଳିଆ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଏସ୍.ଭବାନୀ ପାତ୍ର ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ସିଆରସିସି ଶର୍ମିଷ୍ଠା ଜେନାଙ୍କ ତତ୍ତ୍ୱାବଧାନରେ ଅନ୍ତରପଡ଼ା କ୍ଲଷ୍ଟର ପକ୍ଷରୁ ପଙ୍କଳବାଡି ହାଇସ୍କୁଲଠାରେ ଅନୁଷ୍ଠିତ 'ସୁରଭି' କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ୧୫ଟି ବିଦ୍ୟାଳୟର ୧୮୦ ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢ଼ୀ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଏନ. ରମଣ ଭାବେ ଯୋଗ ଦେଇ ଥିଲେ। ଉଭୟ କ୍ଲଷ୍ଟର ପକ୍ଷରୁ ଆୟୋଜିତ 'ସୁରଭି' କାର୍ଯ୍ୟକ୍ରମ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ପ୍ରଥମ ଉଡ଼ାଣ ଭରିଲା ସ୍ୱଦେଶୀ ତେଜସ୍



ନାସିକ୍, ୧୭ ।୧୦(ଏଜେନ୍ସି): ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ମାର୍କ-୧ଏ ଶୁକ୍ରବାର ତା'ର ପ୍ରଥମ ଉଡ଼ାଣ ଭରିଛି । ନାସିକର ଓଝାରରେ ଏହି ବିମାନ ନିର୍ମାଣ କରାଯାଇଛି । ଭାରତୀୟ ବାୟୁସେନାକୁ ଏହି ବିମାନ ଉପଲବ୍ଧ କରାଇବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ୍) ମହରାଷ୍ଟ୍ରର ନାସିକ୍‌ରେ ତୃତୀୟ ପ୍ରଡକସନ ଲାଇନ୍ ଆରମ୍ଭ କରିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହାର ଉଦ୍‌ଘାଟନ କରିଛନ୍ତି । ଏହି ପ୍ରଡକ୍ସନ ଲାଇନ୍ ଜରିଆରେ ବାୟୁସେନାକୁ ୨୦୩୨-୩୩ ସୁଦ୍ଧା ୧୮୦ଟି ତେଜସ୍ ବିମାନ ଉପଲବ୍ଧ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏବେ ଏଠାରେ ପ୍ରତି ବର୍ଷ ୮ଟି ଫାଇଟରଜେଟ୍ ନିର୍ମାଣ କରାଯାଉଛି । ଏହାକୁ ବଢ଼ାଇ ୧୦ରେ କରାଯିବ ବୋଲି କୁହାଯାଇଛି । ବାୟୁସେନା ପାଇଁ ତେଜସ୍ ବିମାନ ନିର୍ମାଣ କରୁଥିବା ହାଲ୍‌କୁ ଗତ ସେପ୍ଟେମ୍ବରରେ ଆମେରିକା ଚତୁର୍ଥ ଇଞ୍ଜିନ ପଠାଇଥିଲା । ଏହି ଜେଟ୍ ବିମାନର ଡେଣାରେ ୯ଟି ସ୍ଥାନରେ ମିସାଇଲ ଖଞ୍ଜା ଯାଇପାରିବ ଓ ଏହା ହିଁ ଏହି ବିମାନର ସ୍ୱତନ୍ତ୍ରତା । ପ୍ରତ୍ୟେକ ତେଜସ୍ ମାର୍କ-୧ଏ ବିମାନର ମୂଲ୍ୟ ୬୦୦ କୋଟି ଟଙ୍କା ବୋଲି କୁହାଯାଇଛି । ଏହାର ଘଣ୍ଟାପ୍ରତି ବେଗ ୨୨୦୫ କିମି । ଏହା ଶବ୍ଦର ଗତିଠାରୁ ଦୁଇଗୁଣା ବେଗରେ ଗତି କରିପାରିବ ।

# ପାକ୍ ସେନା ଶିବିରରେ ଆକ୍ରମଣ; ୭ ସୈନ୍ୟ ମୃତ



ଇସଲାମାବାଦ୍, ୧୭ ।୧୦(ଏଜେନ୍ସି): ପାକିସ୍ତାନର ନର୍ଥ ୱାଜିରସ୍ଥାନର ମୀର ଅଲି ଅଞ୍ଚଳରେ ଏକ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ ହୋଇଛି । ଏଥିରେ ୭ ପାକିସ୍ତାନ ସୈନ୍ୟ ମୃତ୍ୟୁବରଣ କରିଥିବା ବେଳେ ୧୩ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି । ତେବେ ଏହି ଆକ୍ରମଣରେ ଆମର କୌଣସି ସୈନିକ ମୃତାହତ ହୋଇନାହାନ୍ତି ବୋଲି ଅଧିକାରୀମାନେ ଦାବି କରିଛନ୍ତି । ଆକ୍ରମଣ କରିଥିବା ୪ ଜଣ ଉଗ୍ରବାଦୀ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି । ଜଣେ ଉଗ୍ରବାଦୀ ବିସ୍ଫୋରକ ଭର୍ତ୍ତି ଥିବା ଏକ ଗାଡିକୁ ଆଣି ସେନା ଶିବିର ପାଚେରୀରେ ଧକ୍କା ଦେଇଥିଲା । ଏହାପରେ ଅନ୍ୟ ୩ଜଣ ଶିବିର ମଧ୍ୟକୁ ପ୍ରବେଶ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ଏମାନେ ଜବାବୀ କାର୍ଯ୍ୟାନୁଷ୍ଠାନରେ ମୃତ୍ୟୁବରଣ କରିଥିଲେ । ଉଗ୍ରବାଦୀଙ୍କୁ ସଫଳତାର ସହ ମୁକାବିଲା କରିଥିବାରୁ ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକ୍‌ବୀ ସେନାକୁ ପ୍ରଶଂସା କରିଛନ୍ତି । ଗତକିଛି ଦିନ ହେବ ଉତ୍ତର ୱାଜରିସ୍ଥାନରେ ଉଗ୍ରବାଦୀଙ୍କ ଆକ୍ରମଣ ବୃଦ୍ଧି ପାଇଛି । ଫଳରେ ଏହି ଅଞ୍ଚଳରେ ଅଧିକ ସୁରକ୍ଷାବଳକୁ ନିୟୋଜିତ କରାଯାଇଛି । ଏହି ଆକ୍ରମଣ ପଛରେ ତେହରିକ-ଇ-ତାଲିବାନ ପାକିସ୍ତାନ(ଟିଟିପି)ର ହାତ ରହିଛି ବୋଲି କୁହାଯାଇଛି । ଗତ ୩ ମାସ ମଧ୍ୟରେ ପାକିସ୍ତାନରେ ଆତଙ୍କବାଦୀ ଅକ୍ରମଣରେ ଯଥେଷ୍ଟ ବୃଦ୍ଧି ପାଇଛି ।

## ଘରୁ ମିଳିଲା ୭.୫ କୋଟି; ଜେଲ୍ ଗଲେ ଡିଆଇଜି

ଚଣ୍ଡିଗଡ଼, ୧୭ ।୧୦(ଏଜେନ୍ସି): ପଞ୍ଜାବ ପୁଲିସ ଡିଆଇଜି ହରଚରଣ ସିଂ ଭୁଲ୍ଲରଙ୍କ ଘରୁ ଆହୁରି ଅଧିକ ଟଙ୍କା ଓ ସୁନା ଜବତ କରାଯାଇଛି । ଚଣ୍ଡିଗଡ଼ସ୍ଥିତ ତାଙ୍କ ବାସଭବନ ଓ ଫାର୍ମ ହାଉସ୍‌ରୁ ୭.୫ କୋଟି ଟଙ୍କା ଏବଂ ଅଢ଼େଇ କେଜି ସୁନା ସହିତ ୨୬ଟି ବିଳାସପୂର୍ଣ୍ଣ ଗାଡ଼ି, ବନ୍ଧୁକ, ବ୍ୟାଙ୍କ ଆକାଉଣ୍ଟର ଡିଟେଲ ଓ ୬୪ରୁ ଊର୍ଦ୍ଧ୍ୱ ସମ୍ପତ୍ତିର କାଗଜପତ୍ର ଜବତ କରାଯାଇଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି । ସେହିପରି ଲୁଧିଆନାସ୍ଥିତ ତାଙ୍କ ଫାର୍ମହାଉସ୍‌ରେ ୧୦୮ ବୋତଲ ମଦ ସହିତ ୧୭ରୁ ଅଧିକ ଗୁଳି ଓ ଜଣେ ଦଲାଲଙ୍କ ଘରୁ ନଗଦ ୨୧ ଲକ୍ଷ ଟଙ୍କା ଓ କିଛି କାଗଜ ମଧ୍ୟ ଜବତ କରାଯାଇଛି । ସିବିଆଇ କୋର୍ଟ ହରଚରଣ ସିଂଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଛନ୍ତି । ଅନ୍ୟଏକ ଘଟଣାକ୍ରମରେ ଡିଆଇଜଙ୍କ ବିରୋଧରେ ଅଭିଯୋଗ ଆଣି ତାଙ୍କୁ ଜେଲ ପଠାଇଥିବା ସ୍କ୍ରାପ୍ ବ୍ୟବସାୟୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ହାଇକୋର୍ଟ ପଞ୍ଜାବ ସରକାର ଓ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି ।

## ସର୍ଭେକୁ ଭୁଲ୍ ବୁଝିଛନ୍ତି ମୂର୍ତ୍ତି ଦମ୍ପତି: ସିଦ୍ଧରମୋୟା

ବେଙ୍ଗାଲୁରୁ, ୧୭ ।୧୦(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୋୟା ଇନ୍‌ଫୋସିସ୍ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଓ ତାଙ୍କ ପତ୍ନୀ ସୁଧା ମୂର୍ତ୍ତି ରାଜ୍ୟରେ ଚାଲିଥିବା ସର୍ଭେରେ ସାମିଲ ହେବାକୁ ମନା କରିବା ପରେ ପ୍ରତିକ୍ରିୟା ଦେଇଛନ୍ତି । ସର୍ଭେକୁ ନେଇ ମୂର୍ତ୍ତି ଦମ୍ପତି ଭୁଲ ବୁଝିଛନ୍ତି ବୋଲି ସେ ଶୁକ୍ରବାର କହିଛନ୍ତି । ରାଜ୍ୟର ୭ କୋଟି ଜନତା ପାଇଁ ଏହି ସର୍ଭେ କରାଯାଉଛି ବୋଲି ୨୦ଥର କହିସାରିଛି । ତଥାପି ଯଦି କେହି ବୁଝି ନ ପାରୁଛନ୍ତି, ତାହେଲେ କିଛି କରିପାରିବନି । କେବଳ ପଛୁଆ ବର୍ଗ ପାଇଁ ଏହି ସର୍ଭେ କରାଯାଉ ନାହିଁ । ଏହା ସମାଜର ସବୁ ବର୍ଗଙ୍କ ପାଇଁ ଉଦିଷ୍ଟ । ଏହା ଏକ ସାମାଜିକ- ଆର୍ଥିକ ଓ ଶୈକ୍ଷଣିକ ସର୍ଭେ । ବାରମ୍ବାର ବୁଝାଇବା ସତ୍ତ୍ୱେ କିଛି ଲୋକ ଏହାକୁ ଭୁଲ୍ ବୁଝୁଛନ୍ତି । ତେଣୁ ମୂର୍ତ୍ତି ଦମ୍ପତି ଏହାକୁ ଭଲ ଭାବେ ହୃଦୟଙ୍ଗମ କରିବା ଉଚିତ ।

## ଜୁବିନଙ୍କ ପରିବାର ସଦସ୍ୟଙ୍କୁ ଭେଟିଲେ ରାହୁଲ

ଗୌହାଟୀ, ୧୭ ।୧୦(ଏଜେନ୍ସି): ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଆସାମ ପହଞ୍ଚି ବଲିଉଡ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ ମଧ୍ୟ ଜୁବିନଙ୍କ ଘରକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ । ଜୁବିନଙ୍କ ମୃତ୍ୟୁରହସ୍ୟ ଉନ୍ମୋଚନ ନେଇ ସେ ସରକାରଙ୍କୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି । ସିଙ୍ଗାପୁରରେ ପ୍ରକୃତରେ କ'ଣ ଘଟିଥିଲା ସେ ନେଇ ଜୁବିନଙ୍କ ପରିବାର ଲୋକଙ୍କୁ ଜାଣିବାର ଅଧିକାର ରହିଛି । ଯେତେଶୀଘ୍ର ତଦନ୍ତ ସରିବ, ଜୁବିନଙ୍କ ପରିବାର ସେତେଶୀଘ୍ର ଆଶ୍ୱସ୍ତ ହେବ ବୋଲି ସେ କହିଥିଲେ ।

## ଅସ୍ତ୍ରବିରତି ଭାଙ୍ଗି ଆଫଗାନିସ୍ତାନରେ ପୁଣି ଆକ୍ରମଣ କଲା ପାକିସ୍ତାନ

କାବୁଲ, ୧୭ ।୧୦(ଏଜେନ୍ସି): ଅସ୍ତ୍ରବିରତି ଭାଙ୍ଗି ପାକିସ୍ତାନ ପୁଣି ଆଫଗାନିସ୍ତାନରେ ଆକ୍ରମଣ କରିଛି । ଶୁକ୍ରବାର ରାତିରେ ପକ୍ତିକା ପ୍ରଦେଶ ଉପରେ ଆକଶ ମାର୍ଗରୁ ବୋମା ମାଡ଼ କରିଛି । ଏହି ଦୁଇ ଦେଶର ସୀମା (ଡୁରଣ୍ଡ) ଲାଇନ ନିକଟରେ ରହିଛି । ଏହି ଆକ୍ରମଣରେ ପାକିସ୍ତାନ ଅର୍ଗନ ଏବଂ ବର୍ମଲ ଜିଲ୍ଲାର ଅନେକ ଘରକୁ ନିଶାଣ କରିଥିଲା । ଏଥିରେ ଅନେକ ଘର ଧ୍ୱଂସ ହୋଇଯାଇଛି । ତେବେ କେହି ମୃତାହତ ହେବାର ସୂଚନା ଏ ପର୍ଯ୍ୟନ୍ତ ମିଳିପାରି ନାହିଁ । ଅନ୍ୟପଟେ ପାକିସ୍ତାନକୁ ଦୃଢ଼ ଜବାବ ଦିଆଯିବ ବୋଲି ତାଲିବାନ ପକ୍ଷରୁ କୁହାଯାଇଛି । ପୂର୍ବରୁ ଦୁଇ ଦେଶ ମଧ୍ୟରେ ସପ୍ତାହେ ପର୍ଯ୍ୟନ୍ତ ସଂଘର୍ଷ ଚାଲିଥିଲା । ବୁଧବାର ସନ୍ଧ୍ୟାରେ ଦୁଇ ଦେଶ ୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ । ମାତ୍ର ଏହା ଶେଷ ହେବା ପୂର୍ବରୁ ପାକିସ୍ତାନ ପୁଣିଥରେ ଆକ୍ରମଣ କରି ନିଜ କୁଟୀଳ ପ୍ରବୃତ୍ତିର ପ୍ରଦର୍ଶନ କରିଛି ।

## ବିହାରରେ ସରିଲା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥିପତ୍ର ଦାଖଲ

# ମହାମେଣ୍ଟରେ ହୋଇପାରିଲାନି ଆସନ ବୁଝାମଣା



ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି । କ୍ଷମତାସୀନ ମେଣ୍ଟ ଏନ୍‌ଡିଏ ଆସନ ବୁଝାମଣା କରି ନିର୍ବାଚନ ପାଇଁ ଜୋରସୋରରେ ପ୍ରସ୍ତୁତି କରୁଥିବାବେଳେ ବିରୋଧୀ ମେଣ୍ଟ ଇଣ୍ଡିଆରେ କେଁ ଲାଗି ରହିଛି । ଏ ପର୍ଯ୍ୟନ୍ତ ଏହି ମହାମେଣ୍ଟର ସହଯୋଗୀଙ୍କ ମଧ୍ୟରେ ଆସନ ଚୂଡ଼ାନ୍ତ ହୋଇପାରିନାହିଁ । ତେବେ ପ୍ରମୁଖ ଦଳ କଂଗ୍ରେସ ଏବଂ ଆରଜେଡି ପରସ୍ପରର ଆସନରେ ନିଜ ପ୍ରାର୍ଥୀଙ୍କୁ ଟିକେଟ ଦେବା ଆରମ୍ଭ କରିଦେଇଛନ୍ତି । ଏହା ମେଣ୍ଟରେ ନୂଆ ବିବାଦ ସୃଷ୍ଟି କରିଛି । ଦଳମାନଙ୍କ ମଧ୍ୟରେ ସବୁ କିଛି ଠିକ୍ ନାହିଁ ବୋଲି ଏଥିରୁ ସ୍ପଷ୍ଟ ହେଉଛି । ଦୀର୍ଘ ଦିନ ହେଲା ଏକାଠି ପ୍ରଚାର କରୁଥିବା ଆରଜେଡି ନେତା ତେଜସ୍ୱୀ ଯାଦବ ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଫାଇନାଲ ମ୍ୟାଚ୍ ପୂର୍ବରୁ ବି ଖେଳାଳି ଧାର୍ଯ୍ୟ କରିପାରିନାହାନ୍ତି । ଏହା ମହାମେଣ୍ଟ ପାଇଁ ଝଟ୍‌କା ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଉଛି । ଅନ୍ୟପଟେ ଏନ୍‌ଡିଏ ଆସନ ବଣ୍ଟନ ସାରି ପ୍ରଚାରପ୍ରସାର ଜୋରସୋରରେ ଲାଗିପଡ଼ିଛି । ଏହି କ୍ରମରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଆସନ ବଣ୍ଟନକୁ ନେଇ ଅସନ୍ତୁଷ୍ଟ ଥିବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି । ଏଠାରୁ ବାହାରିବା ପରେ ନୀତୀଶଙ୍କ ନେତୃତ୍ୱାରେ ହିଁ ଦଳ ନିର୍ବାଚନ ଲଢିବ ବୋଲି କହିଛନ୍ତି ।

ଅନ୍ୟପକ୍ଷରେ ବିରୋଧୀଙ୍କ ମହାମେଣ୍ଟରେ ଆସନ ବଣ୍ଟନକୁ ନେଇ ଏବେ ବି ଟଣାଓଟରା ଜାରି ରହିଛି । କିଏ କେଉଁ ଆସନରୁ ଲଢ଼ିବ ତାହାକୁ ନେଇ ଚାଲିଥିବା କଳି ତୁଟି ପାରୁନି । ଏହି ନିର୍ବାଚନ ପାଇଁ ଦୁଇ ଦଳ କିଛି ଆସନରେ ପ୍ରାର୍ଥୀ ଘୋଷଣା କରି ସାରିଥିଲେ ବି ବୁଝାମଣା ନେଇ ଆଲୋଚନା ଜାରି ରହିଛି । ଶେଷ ସମୟରେ ଦୁଇ ଦଳ ନାମାଙ୍କନ ପ୍ରତ୍ୟାହାର କରି ଜଣେ ଅନ୍ୟ ଜଣଙ୍କୁ ସମର୍ଥନ ଦେଇପାରନ୍ତି ବୋଲି କୁହାଯାଉଛି । ଏହି ବିବାଦ ଏନ୍‌ଡିଏକୁ ବଳ ଯୋଗାଉଛି । ମହାମେଣ୍ଟ ଅଡୁଆକୁ ନେଇ ଦଳୀୟ ନେତାଙ୍କ ସହିତ ଲୋକଙ୍କ ମଧ୍ୟରେ ସଂଶୟ ବଢ଼ିବାରେ ଲାଗିଛି । ଏହି ଆଲୋଚନାରେ ଜଡ଼ିତ କଂଗ୍ରେସ ନେତା କହ୍ନେୟା କୁମାର କହିଛନ୍ତି ଯେ ଦ୍ରୁତ ବେଗ ଅପେକ୍ଷା ସହଯୋଗ ଜରୁରୀ । ବୁଝାମଣା ପାଇଁ ସମୟ ଦରକାର । ଖୁବଶୀଘ୍ର ଆସନ ବଣ୍ଟନ ଘୋଷଣା କରାଯିବ । ସେହପରି ପବନ ଖେଡ଼ା କହିଛନ୍ତି ଯେ ବୁଝାମଣା ନେଇ ଆଲୋଚନା ଜାରି ରହିଛି । ଚିହ୍ନ ବଣ୍ଟା ସରିଯାଇଛି । ପ୍ରାର୍ଥୀମାନେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି । ଖୁବଶୀଘ୍ର ସ୍ଥିତି ସ୍ପଷ୍ଟ ହୋଇଯିବ ଏବଂ ବିଜୟୀ ହୋଇ ମହାମେଣ୍ଟ ହିଁ ସରକାର ଗଠନ କରିବ । ତେଣୁ ଆସନ ବଣ୍ଟନକୁ ନେଇ ବିଜେପି ଚିନ୍ତା କରିବାର ଆବଶ୍ୟକତା ନାହିଁ ।

୨୦୨୦ ଅପେକ୍ଷା ଚଳିତ ଥର ମହାମେଣ୍ଟ ପରିବାର ବଡ଼ ହୋଇଯାଇଛି । ଏଥିରେ ସିପିଆଇ (ଏମଏଲ), ସିପିଆଇ, ସିପିଆଇ (ଏମ) ଏବଂ ମୁକେଶ ସାହାନୀଙ୍କ ଭିଆଇପି ସାମିଲ ହୋଇଛି । ଜେଏମଏମ ସହ ମଧ୍ୟ ଚର୍ଚ୍ଚା ଜାରି ରହିଛି । ଏତେ ଦଳ ସାମିଲ ହୋଇଥିବାରୁ କିଏ କେଉଁଠୁ ଆଉ କେତେ ଆସନରେ ଲଢିବ ତାହାର ନିଷ୍ପତ୍ତି ସହଜରେ ହୋଇପାରୁ ନାହିଁ । ଏହା ସହିତ ଆରଜେଡିର କ୍ଷମତା ବୃଦ୍ଧି କରିବାକୁ କଂଗ୍ରେସ ଚାହୁଁନାହିଁ । ଏହି ଦଳ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖାଇବାକୁ ଅନିଚ୍ଛା ପ୍ରକାଶ କରିସାରିଛି । ଏହାରି ମଧ୍ୟରେ କଂଗ୍ରେସ ଧୈର୍ଯ୍ୟ ଏବଂ ମନୋବଳ ପ୍ରଦର୍ଶନ କରି ୪୮ ଆସନରେ ପ୍ରାର୍ଥୀ ଦେଇଛି । ପ୍ରଦେଶ ଅଧ୍ୟକ୍ଷ ରାଜେଶ ରାମଙ୍କୁ କୁଟୁମ୍ବା, ସିଏଲବି ନେତା ସକିଲ ଅହମ୍ମଦ ଖାନଙ୍କୁ କଡୱା ଏବଂ ଯୁବ କଂଗ୍ରେସ ମୁଖ୍ୟ ଗରିବ ଦାସଙ୍କୁ ବଛୱାରାରୁ ପ୍ରାର୍ଥୀ କରାଯାଇଛି । ତେବେ ସିପିଆଇର ଅବଧେଶ ରୟ ବଛୱାରାରୁ ବି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହା ମହାମେଣ୍ଟର ଏକତା ପାଇଁ କଣ୍ଟା ସାବ୍ୟସ୍ତ ହୋଇଛି । କିନ୍ତୁ ଆସନ ଚୂଡ଼ାନ୍ତ ହୋଇଗଲା ପରେ ଅନ୍ୟ ଦଳର ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିପାରନ୍ତି । ସୂଚନା ଅନୁଯାୟୀ ଆରଜେଡି କଂଗ୍ରେସକୁ ୬୧ ଆସନ ଦେବା ପାଇଁ ରାଜି ହୋଇଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାର ପ୍ରାର୍ଥିପତ୍ର ଦାଖଲ ଶେଷ ହେବ । ତେଣୁ ଏହା ପୂର୍ବରୁ ମେଣ୍ଟରେ ଆସନ ଚୂଡ଼ାନ୍ତ ହୋଇପାରେ ।

## ଗୁଜରାଟରେ ବଦଳିଲା ସମ୍ପୂର୍ଣ୍ଣ କ୍ୟାବିନେଟ

# ଶପଥନେଲେ ୨୬ ମନ୍ତ୍ରୀ; ହର୍ଷ ଉପ-ମୁଖ୍ୟମନ୍ତ୍ରୀ



ଗାନ୍ଧୀନଗର, ୧୭।୧୦ (ଏଜେନ୍ସି): ଗୁଜାରଟରେ ମାତ୍ର ତିନି ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କୁ ଛାଡ଼ି ସମ୍ପୂର୍ଣ୍ଣ ସରକାର ବଦଳି ଯାଇଛି । ଗୁରୁବାର ୧୬ ମନ୍ତ୍ରୀ ଇସ୍ତଫା ଦେଇଥିବାବେଳେ ଶୁକ୍ରବାର ୨୬ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି । କ୍ୟାବିନେଟରେ ୧୯ ନୂଆ ଚେହେରା ସାମିଲ ହୋଇଛନ୍ତି । ଗତ ଥରର ୬ମନ୍ତ୍ରୀ ନିଜ ପଦ ବଜାୟ କରିବାରେ ସଫଳ ହୋଇଛନ୍ତି । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କୌଣସି ଅଭିଯୋଗ ଏବଂ ଆଇନଗତ ମାମଲା ବିନା ଉକ୍ତ ମନ୍ତ୍ରୀମାନଙ୍କୁ ପଦରୁ ହଟାଇ ଦିଆଗଲା । କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାଭାଙ୍କୁ କ୍ୟାବିନେଟ ମନ୍ତ୍ରୀ ପଦ ମିଳିଛି । ଏହି ମନ୍ତ୍ରିମଣ୍ଡଳରେ ୮ ଓବିସି, ୩ ଏସ୍‌ସି, ୪ ଏସ୍‌ଟି ଏବଂ ୩ ମହିଳା ସାମିଲ ଅଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମେତ ୮ ମନ୍ତ୍ରୀ ପଟେଲ ସମାଜରୁ ଆସୁଛନ୍ତି । ଜାତିଗତ ସମୀକରଣ ପାଇଁ ଏପରି କରାଯାଇଥିବା କୁହାଯାଉଛି ।

### ଜାଡେଜାଙ୍କ ପତ୍ନୀ ରିଭାବା ସାମିଲ୍



ଗୁଜରାଟର ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବା ପରେ ହର୍ଷ ସାଙ୍ଘଭୀଙ୍କୁ ନେଇ ସବୁଆଡେ ଚର୍ଚ୍ଚା ହୋଇଛି । ହର୍ଷଙ୍କୁ ପଦୋନ୍ନତି ଦେଇ ଉପ-ମୁଖ୍ୟମନ୍ତ୍ରୀ ଭାବେ ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି । ହର୍ଷ ଏହାପୂର୍ବରୁ ଗୃହ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରି ଚର୍ଚ୍ଚିତ ହୋଇଥିଲେ । ନିଜ ଅସାଧାରଣ କାର୍ଯ୍ୟ ମାଧ୍ୟମରେ ସେ କେନ୍ଦ୍ରୀୟ ନେତୃତ୍ୱଙ୍କ ପ୍ରଭାବିତ କରିବା ସହ ବିଶ୍ୱାସଭାଜନ ହୋଇପାରିଥିଲେ । ବ୍ୟବସାୟରେ ସଫଳତା ହାସଲ କରିଥିବା ହର୍ଷ ଖୁବ୍ କମ୍ ସମୟ ମଧ୍ୟରେ ରାଜ୍ୟ ରାଜନୀତିରେ ନିଜର ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ଯଦି ୨୦୨୭ରେ ବିଜେପି ପୁଣି କ୍ଷମତାକୁ ଆସେ ତେବେ ହର୍ଷଙ୍କୁ ନେତୃତ୍ୱ ପ୍ରଦାନ କରାଯାଇପାରେ ବୋଲି ଅନୁମାନ କରାଯାଉଛି । ଜୈନ ସମ୍ପ୍ରଦାୟରେ ଜନ୍ମିତ ହର୍ଷ ମାଜୁରା ସିଟ୍‌ରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ରାଷ୍ଟ୍ରମନ୍ତ୍ରୀ ଭାବେ ସେ ଗୃହ ବିଭାଗ ସମେତ ଉଦ୍ୟୋଗ, ପରିବହନ ଓ କ୍ରୀଡ଼ା ମନ୍ତ୍ରଣାଳୟର ଦାୟିତ୍ୱରେ ରହିଥିଲେ । ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ଯେ, ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଠିକଣା ଉପରେ କିଛିଦିନ ତଳେ ଜୋରଦାର ବୁଲ୍‌ଡୋଜର ଚଳାଇ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସର୍ବକନିଷ୍ଠ ଗୃହମନ୍ତ୍ରୀ ଭାବେ ସେ ନିଜର ଦାୟିତ୍ୱକୁ ସଫଳତାର ସହ ସମ୍ପାଦନ କରିଥିଲେ ।

# ନିଜ ନାମରେ ବିଶାଳ ଦ୍ୱାର ନିର୍ମାଣ କରିବେ ଟ୍ରମ୍ପ

ୱାଶିଂଟନ, ୧୭ ।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶର ୧୫୦ତମ ସ୍ୱାଧୀନତା ଦିବସ ଅବସରରେ ରାଜଧାନୀ ୱାଶିଂଟନ ଡିସିରେ ନିଜ ନାମରେ ଏକ ବିଶାଳ ଦ୍ୱାର ତଥା ଗେଟ୍ ନିର୍ମାଣ କରିବେ । ଏହି ସ୍ମାରକର ନାମ 'ଆର୍କ ଡି ଟ୍ରମ୍ପ' ରଖାଯିବ । ଏହି ଦ୍ୱାରା ଦେଇ ୱାଶିଂଟନକୁ ଲୋକେ ପ୍ରବେଶ କରିବେ । ଖାସ୍ କରି ଭିର୍ଜିନିଆ ରାଜ୍ୟରୁ ୱାଶିଂଟନ ଡିସିକୁ ଏହି ପ୍ରବେଶ ଦ୍ୱାରା ଦେଇ ଲୋକେ ଆସିବେ । ଏହାର ଡିଜାଇନ୍ ପ୍ୟାରିସର 'ଆର୍କ ଡି ଟ୍ରାଇଓମ୍ପେ' ସହ ମେଳ ଖାଉଛି । ବୁଧବାର ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ରେ ଏହାର ୩ଟି ଭିନ୍ନ ଭିନ୍ନ ଆକାରର ମଡେଲ ଦେଖାଇଥିଲେ । ଟ୍ରମ୍ପ ହିଁ ଏହାର ଯୋଜନା ପ୍ରସ୍ତୁତ କରିଥିଲେ ବୋଲି କୁହାଯାଇଛି । ଏହି ଦ୍ୱାର ହ୍ୱାଇଟ୍ ହାଉସ୍‌ଠାରୁ ମାତ୍ର ୪ କିମି ଦୂରରେ ନିର୍ମାଣ କରାଯିବ । ଟ୍ରମ୍ପଙ୍କ ଯୋଜନା ଅନୁସାରେ ଏହି ଗେଟ୍ ପୋଟୋମେକ ନଦୀର ଆରପାରିରେ ଲିଙ୍କନ ମେମୋରିଆଲର ସାମ୍ନାରେ ନିର୍ମାଣ ହେବ । ଏହି ନଦୀର ସେପଟେ ଭିର୍ଜିନିଆର ରାଜ୍ୟର ସୀମା ଆରମ୍ଭ ହୋଇଛି । ଏହାର ନିର୍ମାଣରେ କେତେ ଅର୍ଥ ଖର୍ଚ୍ଚ ହେବ ସେ ନେଇ କିଛି କୁହାଯାଇନାହିଁ । ସାଧରଣତଃ ନୂଆ ସ୍ମାରକ ନିର୍ମାଣ ପାଇଁ କଂଗ୍ରେସର ଅନୁମତି ଜରୁରି ହୋଇଥାଏ ଓ କେତୋଟି ପର୍ଯ୍ୟାୟରେ ପରେ ହିଁ ଏହାର ଅନୁମତି ପ୍ରାପ୍ତ ହୋଇଥାଏ । ଏହାକୁ ନିର୍ମାଣ କରିବାରେ କିଛି ବର୍ଷ ଲାଗି ପାରେ । ଏଥିପାଇଁ ଆସନ୍ତାବର୍ଷ ଆମେରିକାର ୨୫୦ତମ ସ୍ୱାଧୀନତା ପାଳନ ଅବସରରେ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବା କଷ୍ଟକର । ହ୍ୱାଇଟ୍ ହାଉସ୍‌ରେ ମଧ୍ୟ କିଛି ପରିବର୍ତ୍ତନ କରିବାକୁ ଟ୍ରମ୍ପ ଯୋଜନା କରୁଛନ୍ତି ବୋଲି କୁହାଯାଇଛି ।

### ଟ୍ରମ୍ପଙ୍କୁ ଡରନ୍ତିନି ମୋଦୀ: ଆମେରିକା ଗାୟିକା



ଜଣାଶୁଣା ଆମେରିକା ଗାୟିକା ମେରୀ ମିଲ୍‌ବେନ୍ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ସମାଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ମୋଦୀ ଭୟ କରୁଛନ୍ତି ବୋଲି ରାହୁଲ ମନ୍ତବ୍ୟ ଦେଇଥିଲେ । ରାହୁଲଙ୍କ ଏହି ମନ୍ତବ୍ୟକୁ ସମାଲୋଚନା କରି ମେରୀ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରିଛନ୍ତି । 'ରାହୁଲ ଗାନ୍ଧୀ ଆପଣ ଭୁଲ୍ କହୁଛନ୍ତି, ମୋଦୀ ଟ୍ରମ୍ପଙ୍କୁ ଡରନ୍ତି ନାହିଁ । ସେ ଭାରତର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନେଇଥାନ୍ତି । ଟ୍ରମ୍ପ ଯେପରି ଆମେରିକାର ଉନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି, ଠିକ୍ ସେହିପରି ଆମେରିକା ସହ ଦୀର୍ଘ ସମୟର ରଣନୀତିକୁ ଦୃଷ୍ଟିରେ ରଖି ମୋଦୀ କାର୍ଯ୍ୟ କରିଥାନ୍ତି । ମୋଦୀଙ୍କ ନେତୃତ୍ୱକୁ ଆପଣ ବୁଝିବାକୁ ସକ୍ଷମ ହେବେ ବୋଲି ଆଶା କରୁଛି । ସବୁଠୁ ଭଲ ହେବ, ଆପଣ ନିଜର 'ଆଇ ହେଟ୍ ଇଣ୍ଡିଆ' ଗସ୍ତକୁ ପ୍ରତ୍ୟାବର୍ତ୍ତନ କରନ୍ତୁ, ଯାହାର ଏକମାତ୍ର ଦର୍ଶକ ହିଁ ଆପଣ' ବୋଲି ସେ ଉଲ୍ଲେଖ କରିଛନ୍ତି ।

## 'ଡିଜିଟାଲ ଆରେଷ୍ଟ' ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଦେଶରେ ଅନ୍‌ଲାଇନ ଠକେଇ ଏବଂ ଡିଜିଟାଲ ଆରେଷ୍ଟ ଭଳି ଘଟଣା ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଏହାକୁ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ଏହି ମାମଲାରେ ନିଜେ ହସ୍ତକ୍ଷେପ କରି କେନ୍ଦ୍ର ସରକାର ଏବଂ ସିବିଆଇକୁ ଜବାବ ମାଗିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏହା କୌଣସି ସାଧାରଣ ଅପରାଧ ନୁହେଁ । କୋର୍ଟଙ୍କ ନାମ, ମୋହର ଏବଂ ନିର୍ଦ୍ଦେଶର ନକଲକୁ ଜାଲିଆତି କରିବା ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଆକ୍ରମଣ । ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର, ନିର୍ଦ୍ଦେଶ ଦେଖାଇ ନିର୍ଦ୍ଦୋଷ ଲୋକଙ୍କୁ, ବିଶେଷକରି ବୃଦ୍ଧଙ୍କୁ ଫସାଇବା ଗମ୍ଭୀର ଅପରାଧ । ଏହା ଆଇନ ବିରୋଧୀ କାମ । ଏହା ଦ୍ୱାରା କୋର୍ଟ ଉପରେ ଲୋକଙ୍କ ଭରସା ହ୍ରାସ ପାଉଛି । ହରିୟାଣାର ଏକ ଠକେଇ ମାମଲାର ଶୁଣାଣି କରି ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ସୂଚନା ଅନୁଯାୟୀ ହରିୟାଣା ଅମ୍ବାଲାରେ ଜଣେ ୭୩ ବର୍ଷୀୟ ବୃଦ୍ଧ ଦମ୍ପତିଙ୍କଠାରୁ ଠକ ୧.୦୫ କୋଟି ଟଙ୍କା ଲୁଟି ନେଇଥିଲେ । ସୁପ୍ରିମକୋର୍ଟ ଏବଂ ଯାଞ୍ଚ ଏଜେନ୍ସିଙ୍କ ନକଲି ନିର୍ଦ୍ଦେଶ, ବିଚାରପତିଙ୍କ ଜାଲ୍ ସ୍ୱାକ୍ଷର ଦେଖାଇ ଉଭୟଙ୍କୁ ଗିରଫ କରିଥିଲେ । ଏହି ମାମଲାକୁ ନେଇ ଗତ ୨୧ ତାରିଖରେ ମହିଳା ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ଚିଠି ଲେଖି ସମ୍ପୂର୍ଣ୍ଣ ପ୍ରସଙ୍ଗ କହିଥିଲେ । ପରେ ସୁପ୍ରିମକୋର୍ଟ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ । ଦିଲ୍ଲୀ ପୁଲିସର ତଥ୍ୟ ଅନୁଯାୟୀ ୨୦୨୫ରେ ସାଇବର ଅପରାଧୀମାନେ ଲୋକଙ୍କଠାରୁ ପ୍ରାୟ ହଜାରେ କୋଟି ଟଙ୍କା ଠକି ନେଲେଣି । ଚଳିତ ବର୍ଷ ନିବେଶ ଜାଲିଆତି, ଡିଜିଟାଲ ଆରେଷ୍ଟ ଏବଂ ବସ୍ ସ୍କାମ ଠକେଇର ସର୍ବାଧିକ ମାମଲା ସାମ୍‌ନାକୁ ଆସିଛି ।

ଅନ୍ୟପକ୍ଷରେ ଅନ୍‌ଲାଇନ ଜୁଆ ଏବଂ ବେଟିଂ ପ୍ଲାଟଫର୍ମ ଉପରେ କଟକଣା ଲଗାଇବା ପାଇଁ ଦାଏର ଆବେଦନ ଉପରେ ସୁପ୍ରମକୋର୍ଟ ଶୁଣାଣି କରିଛନ୍ତ । ଏ ନେଇ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି । ଆବଦେନର ନକଲ ସରକାରୀ ଓକିଲଙ୍କୁ ଦେବା ପାଇଁ ଖଣ୍ଡପୀଠ କହିଥିଲେ । ଏହି ମାମଲାର ଅନୁଧ୍ୟାନ କରି ଶୁଣାଣିରେ ସହାୟତା କରିବାକୁ କୋର୍ଟ ସରକାରୀ ଓକିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## କରୁର ଦଳାଚକଟାକୁ ନେଇ ହାଇକୋର୍ଟଙ୍କୁ ଜଣାଇଲେ ଇସି

# ବିଜୟଙ୍କ ଦଳକୁ ମାନ୍ୟତା ମିଳିନି



ନୂଆଦିଲ୍ଲୀ, ୧୭।୧୦ (ଏଜେନ୍ସି): ଅଭିନେତାରୁ ରାଜନେତା ପାଲଟି ଥିବା ବିଜୟଙ୍କ ତମିଲଗା ଭେଟ୍ରି କଝଗମ (ଟିଭିକେ) ମାନ୍ୟତା ପ୍ରାପ୍ତ ରାଜନୈତିକ ଦଳ ନୁହେଁ । ଏକ ଆଞ୍ଚଳିକ ଦଳର ମାନ୍ୟତା ପାଇବା ପାଇଁ ଜରୁରୀ ସର୍ତ୍ତକୁ ଏହି ଦଳ ପୂରଣ କରୁନାହିଁ । ଆଞ୍ଚଳିକ ମାନ୍ୟତା ପାଇବା ପାଇଁ କୌଣସି ଦଳକୁ ଅତିକମରେ ୬ ପ୍ରତିଶତ ବୈଧ ଭୋଟ ଏବଂ ୨ଟି ବିଧାନସଭା ସିଟ୍ କିମ୍ବା ଲୋକସଭାର ଗୋଟିଏ ଆସିନ ଜିତିବା ଜରୁରୀ । ମାଡ୍ରାସ ହାଇକୋର୍ଟରେ କରୁର ଦଳାଚକଟା ମାମଲାରେ ଶୁଣାଣି ଚାଲିଥିବାବେଳେ ଶୁକ୍ରବାର ଭାରତୀୟ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଟିଭିକେକୁ ରଦ୍ଦ କିମ୍ବା ଅଣ-ମାନ୍ୟତା ପ୍ରାପ୍ତ ଦଳ ଘୋଷଣା ଏବଂ କରୁର ରାଲି ପାଇଁ ବିଜୟଙ୍କ ବିରୋଧୀ ଏତଲାରେ ଅତିରିକ୍ତ ଧାରା ଯୋଡିବା ପାଇଁ ହୋଇଥିବା ଆବେଦନ ଉପରେ ଆଜି ମୁଖ୍ୟ ବିଚାରପତି ମନିନ୍ଦ୍ର ମୋହନ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ ଶୁଣାଣି କରିଥିଲେ । ହାଇକୋର୍ଟ କହିଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଯାଇ ଏତଲାରେ ପରିବର୍ତ୍ତନ କରିହେବ । ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ଶୁଣାଣି ସମୟରେ ଆବେଦନକାରୀଙ୍କ ପକ୍ଷରୁ କୁହାଯାଇଥିଲା ଯେ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବିଜୟଙ୍କ ରାଲି ଆୟୋଜନ କରାଯାଇଥିଲା । ଅବହେଳା ଏବଂ ନିୟମ ଉଲ୍ଲଙ୍ଘନ ଯୋଗୁଁ ଏହି ଅଘଟଣ ହୋଇଥିଲା । ଏଥିରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ଆବେଦନରେ ଟିଭିକେର ରାଜନୈତିକ ରାଲି ଆୟୋଜନ ଉପରେ କଟକଣା ଏବଂ ପୀଡ଼ିତ ପରିବାରଙ୍କୁ କୋଟିଏ ଟଙ୍କା ଲେଖାଏଁ ଦେବା ପାଇଁ ବିଜୟଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା । ବିଜୟ ଏବଂ ଟିଭିକେ ମୁଖ୍ୟଙ୍କୁ ଅଭିଯୁକ୍ତ କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ଦାଏର କରାଯାଇଥିଲା । ପୁଲିସ ଜାଣିଶୁଣି ଅଭିନେତାଙ୍କୁ ସୁରକ୍ଷା ଦେଉଥିବା କୁହାଯାଇଥିଲା । ଏହା ଉପରେ ବିଚାର କରି ନିର୍ବାଚନ କମିଶନ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି । ଏହି ଅଘଟଣକୁ ନେଇ ଆଗତ ଅନ୍ୟ ମାମଲା ସହ ପିଆଇଏଲର ବିଚାର କରାଯିବ ବୋଲି ଖଣ୍ଡପୀଠ କହିଥିଲେ ।

## ପେରୁରେ ଜେନ୍- ଜେଡ୍ ପ୍ରଦର୍ଶନ; ଜଣେ ମୃତ

ଲିମା, ୧୭ ।୧୦(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ପେରୁରେ ଦୁର୍ନୀତି ବିରୋଧରେ ଜେନ୍- ଜେଡ୍ ଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ କରିଛି । ଏଥିରେ ଗୁରୁବାର ଜଣେ ଯୁବକ ମୃତ୍ୟୁବରଣ କରିଥିବାବେଳେ ୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୮୦ ପୁଲିସକର୍ମୀ, ୧୦ ସାମ୍ବାଦିକ ସାମିଲ ଅଛନ୍ତି । ହଜାର ହଜାର ଯୁବକ ଆନ୍ଦୋଳନ କରି ନୂଆ ରାଷ୍ଟ୍ରପତି ଜୋଶ ଜେରୀଙ୍କ ଇସ୍ତଫା ଦାବି କରିଥିଲେ । କିନ୍ତୁ ଜେରୀ ଇସ୍ତଫା ଦେବାକୁ ମନା କରିଦେଇଥିଲେ । ଗତ ଅକ୍ଟୋବର ୧୦ରେ ଜୋରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସଂସଦ ପୂର୍ବତନ ରାଷ୍ଟ୍ରପତି ଡିନା ବୋଲୁଆର୍ତେଙ୍କୁ ପଦରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲା । ଗତ ୫ ବର୍ଷ ମଧ୍ୟରେ ଜେରୀ ଷଷ୍ଠ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେଇଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୮୪ ● ପାଉଣ୍ଡ ୧୧୭.୩୪
- ୟୁରୋ ୧୦୨.୧୭ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୧,୭୦୦ (ନୂଆଦିଲ୍ଲୀ)
- ରୁପା : ୨,୦୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୯୫୨.୦୦
- ନିଫ୍ଟି ୨୫,୭୦୯.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଆଜି ଧନ୍‌ତେରାସ୍ ୨୫ ଟନ୍ ସୁନା, ୧୦୦୦ ଟନ୍ ରୁପା ବିକ୍ରି ଆଶା

## ହେବ ୫୦ ହଜାର କୋଟିର କାରବାର

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦେଶବ୍ୟାପୀ ବଜାରରେ ଦୀପାବଳି ପ୍ରବଳ ଉତ୍ସାହର ସହିତ ପାଳନ କରାଯାଉଛି। ଏଥିପାଇଁ ଗ୍ରାହକମାନେ ବଜାରରେ ଭିଡ଼ ଜମାଇଛନ୍ତି। ଶନିବାର ସାରା ଦେଶରେ ପାଳନ ହେଉଛି ଧନ୍‌ତେରାସ୍। ଧନତେରାସ୍‌କୁ ଲୋକେ ଶୁଭ ବିବେଚନା କରି ସୁନା, ରୂପା, ବାସନକୁସନ ଏବଂ ଘରକରଣା ସାମଗ୍ରୀ କିଣିଥାନ୍ତି। ତେଣୁ କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍) ଏବଂ ଏହାର ଅଳଙ୍କାର ଶାଖା, ଅଲ୍ ଇଣ୍ଡିଆ ଜୁଏଲର୍ସ ଆଣ୍ଡ ଗୋଲ୍ଡସ୍ମିଥ୍ସ ଫେଡେରେସନ (ଏଆଇଜେଜିଏଫ୍) ଚଳିତଥର ଧନତେରସରେ ୫୦,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସୁନା ଏବଂ ରୂପା କାରବାର ଆକଳନ କରିଛି। ଏଭଳି ସମୟରେ ଶୁକ୍ରବାର ସୁନା ୧୦ ଗ୍ରାମ ପିଛା ୧.୩୨ ଲକ୍ଷ ଟଙ୍କା ଟପି ପୁଣିଥରେ ସର୍ବକାଳୀନ ରେକର୍ଡ ସ୍ତର ଅତିକ୍ରମ କରିଛି।

ଦୀପାବଳି ଓ ଧନ୍‌ତେରାସ ପୂର୍ବରୁ ଦେଶବ୍ୟାପୀ ସୁନା ବଜାରକୁ ନେଇ କ୍ୟାଟ୍ ଏବଂ ଏଆଇଜେଜିଏଫ୍ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଚଳିତବର୍ଷ ସୁନା ଏବଂ ରୁପା ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। କ୍ୟାଟ୍‌ର ଜାତୀୟ ସାଧାରଣ ସମ୍ପାଦକ ଏବଂ ଚାନ୍ଦନୀ ଚୌକ ସାଂସଦ ପ୍ରବୀଣ ଖଣ୍ଡେଲୱାଲ ଏବଂ ଏଆଇଜେଜିଏଫ୍‌ର ଜାତୀୟ ସଭାପତି ପଙ୍କଜ ଆରୋରା କହିଛନ୍ତି ଯେ ସୁନା ଏବଂ ରୂପାର ରେକର୍ଡ ଉଚ୍ଚ ମୂଲ୍ୟ ଯୋଗୁଁ ମଧ୍ୟମ ଏବଂ

### ଚାହିଦାରେ ରହିବ ସୁନା କଏନ୍

ଉଚ୍ଚବର୍ଗର ଗ୍ରାହକମାନେ ନିବେଶ ଲକ୍ଷ୍ୟରେ ସ୍ୱର୍ଣ୍ଣ ମୁଦ୍ରାକୁ ଅଧିକ ପ୍ରାଥମିକତା ଦେଉଛନ୍ତି। ବିବାହ ଋତୁରେ କ୍ରେତାମାନେ ମଧ୍ୟ ଭାରୀ ଅଳଙ୍କାର ଅପେକ୍ଷା ହାଲୁକା ଅଳଙ୍କାରକୁ ଗୁରୁତ୍ୱ ଦେଉଛନ୍ତି।

ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଦୀପାବଳି ସମୟରେ ସୁନା ମୂଲ୍ୟ ପ୍ରାୟ ୧୦ ଗ୍ରାମ ପିଛା ୮୦,୦୦୦ ଟଙ୍କା ରହିଥିଲା, ଯାହା ଚଳିତ ବର୍ଷ ୧,୩୦,୦୦୦ ଟଙ୍କା ଉପରେ ପହଞ୍ଚିଛି, ଯାହା ଏହି ଧାତୁର ମୂଲ୍ୟରେ ୬୦% ବୃଦ୍ଧିକୁ ଦର୍ଶାଉଛି।କରୁଛି। ସେହିପରି, ୨୦୨୪ ରେ ରୂପା ମୂଲ୍ୟ ପ୍ରତି କିଲୋଗ୍ରାମ ୯୮,୦୦୦ ଟଙ୍କା ଥିଲା ଏବଂ ବର୍ତ୍ତମାନ ଏହା କିଲୋ ପିଛା ୨.୦୬ ଲକ୍ଷ ଟଙ୍କା ଅତିକ୍ରମ କରିଛି, ଯାହା ଏହି ଧାତୁ ମୂଲ୍ୟରେ ପ୍ରାୟ ୭୦% ବୃଦ୍ଧିକୁ ଦର୍ଶାଉଛି। ଖଣ୍ଡେଲୱାଲଙ୍କ ମତରେ, ଧନତେରାସରୁ ଦୀପାବଳି ପର୍ଯ୍ୟନ୍ତ ପର୍ବ ଋତୁରେ ସୁନା ଏବଂ ମୁଦ୍ରାର ଚାହିଦା ସବୁଠାରୁ ଅଧିକ ରହିବ ବୋଲି ଆଶା କରାଯାଉଛି। ଆରୋରାଙ୍କ ମତରେ ସାରା ଦେଶରେ ପ୍ରାୟ ୫ ଲକ୍ଷ ଛୋଟ ଏବଂ ବଡ଼ ଅଳଙ୍କାର ବ୍ୟବସାୟୀ କାର୍ଯ୍ୟ କରୁଛନ୍ତି। ଯଦି ପ୍ରତ୍ୟେକ ଅଳଙ୍କାର ବ୍ୟବସାୟୀ ହାରାହାରି ୫୦ ଗ୍ରାମ ସୁନା ବିକ୍ରି କରନ୍ତି, ତେବେ ମୋଟ ପ୍ରାୟ ୨୫ ଟନ୍ ସୁନା ବିକ୍ରି ହେବ, ଯାହା ବର୍ତ୍ତମାନର ମୂଲ୍ୟରେ ୩୨,୫୦୦ କୋଟି ଟଙ୍କାର ହେବ ବୋଲି ଆକଳନ କରାଯାଇଛି। ସେହିପରି, ଯଦି ପ୍ରତ୍ୟେକ ଅଳଙ୍କାର ବ୍ୟବସାୟୀ ହାରାହାରି ୨ କିଲୋଗ୍ରାମ ରୂପା ବିକ୍ରି କରନ୍ତି, ତେବେ ପ୍ରାୟ ୧୦୦୦ ଟନ୍ ରୂପା ବିକ୍ରି ହେବ, ଯାହା ବର୍ତ୍ତମାନର ମୂଲ୍ୟରେ ପ୍ରାୟ ୧୮,୦୦୦ କୋଟି ଟଙ୍କା ମୂଲ୍ୟର ହେବ ବୋଲି ଆକଳନ କରାଯାଇଛି। ତେଣୁ, ଦେଶବ୍ୟାପୀ ସୁନା ବଜାରରେ ମୋଟ ବ୍ୟବସାୟ ୫୦,୦୦୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।



ଖଣ୍ଡେଲୱାଲ ଏବଂ ଆରୋରା ବ୍ୟାଖ୍ୟା କରିଛନ୍ତି ଯେ, ପରିବର୍ତ୍ତିତ ବଜାର ଧାରା ଦେଖି, ଅଳଙ୍କାର ବ୍ୟବସାୟୀମାନେ ଏବେ ପରିବର୍ତ୍ତିତ ଗ୍ରାହକ ଚାହିଦା ସହିତ ବ୍ୟବସାୟକୁ ବୃଦ୍ଧି କରିବା ପାଇଁ ଫ୍ୟାନ୍ସି ଅଳଙ୍କାର ଏବଂ ରୂପା ମୁଦ୍ରା ଭଳି ନୂତନ ବିକଳ୍ପ ଉପରେ ଧ୍ୟାନ ଦେଉଛନ୍ତି। ଗ୍ରାହକମାନେ ସୁନା ଏବଂ ରୁପା ଅଳଙ୍କାର ଅପେକ୍ଷା କଏନ୍ ବେଶୀ ପସନ୍ଦ କରିପାରନ୍ତି।

## ପୁଣି ସୁନା ଦରରେ ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର,୧୭।୧୦(ସମିସ):** ଦୀପାବଳି ଓ ଧନ୍‌ତେରାସ୍ ପୂର୍ବରୁ ଘରୋଇ ବଜାରରେ ହୁ ହୁ ହୋଇ ବଢୁଛି ସୁନା ଦର। ଫଳରେ ଏହି ହଳଦିଆ ଧାତୁର ମୂଲ୍ୟ ଆଜି ସର୍ବକାଳୀନ ରେକର୍ଡ଼ ସ୍ତରରେ ପହଞ୍ଚିଛି। ଶୁକ୍ରବାର ସୁନା ୧୦ ଗ୍ରାମ ପିଛା ୧.୩୨ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରି ନୂଆ ରେକର୍ଡ କରିଛି। ଆଜି ଗୋଟିଏ ଦିନରେ ୩ ହଜାର ଟଙ୍କା ଯାଏ ବଢ଼ିଛି ସୁନା ଦର। ଆଜି ଗୋଟିଏ ରେଟ୍ ତ କାଲି ଆଉ ଗୋଟିଏ ରେଟ୍। ସୁନା ଦର ଏମିତି ହୁ ହୁ ହୋଇ ବଢୁଥିବା ଦେଖି ସୁନା ଗହଣା ଶୋ ରୁମ୍ ରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ବଡ କଥା ହେଉଛି ଖାଲି ଧନତେରାସ ନୁହେଁ ଭବିଷ୍ୟତ କୁ ନଜର ରେ ରଖି ଗ୍ରାହକ ମାନେ ଏବେଠୁ ସୁନା କିଣି ମହଜୁଦ ରଖିବାକୁ ଚାହୁଁଛନ୍ତି। ଆଗକୁ ସୁନା ଦର ଦେଢ଼ ଲକ୍ଷ ଟଙ୍କା ଛୁଇଁପାରେ ବୋଲି ଅନୁମାନ କରାଯାଉଛି।


ସେପଟେ ଆଜି ଗୋଟିଏ ଦିନରେ ରାଜଧାନୀ ଭୁବନେଶ୍ୱରରେ ସୁନା ମୂଲ୍ୟ ୩ ହଜାର ଟଙ୍କା ବୃଦ୍ଧି ଘଟିଛି। ମାତ୍ର ସପ୍ତାହକ ଭିତରେ ସୁନା ୧୦ ହଜାର ଟଙ୍କା ମହଙ୍ଗା ହୋଇସାରିଛି। ସୁନା ଦର ଏତେ ମାତ୍ରାରେ ବଢୁଛି ଯେ ଲୋକେ ଅଗ୍ରୀମ ବୁକିଂ କରିବାରେ ଲାଗିଛନ୍ତି। ଯଦି ବୁକ୍ କରିଥିବା ମୂଲ୍ୟଠାରୁ ସୁନା ଦର

### ୧୦ ଗ୍ରାମ ୧.୩୨ ଲକ୍ଷ ଟପିଲା

### ଦିନକରେ ୩ ହଜାର ମହଙ୍ଗା

କମିଗଲା ଗ୍ରାହକ କମିଥିବା ମୂଲ୍ୟରେ ସୁନା କିଣିପାରିବା କେତେକ ଶୋ' ରୁମ୍‌ରେ ବ୍ୟବସ୍ଥା ହୋଇଛି। ତେଣୁ ଗ୍ରାହକ ଏବେ ଅଧିକ ମାତ୍ରାରେ ସୁନା ଅଗ୍ରୀମ ବୁକ୍ କରୁଛନ୍ତି। ବର୍ତ୍ତମାନର ଧନତେରସ ମାହୋଲକୁ ଦେଖିଲେ ସୁନା ଦର ଆହୁରି ବଢିବା ସମ୍ଭାବନା ରହିଛି। ଆଜି ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧,୩୨,୬୩୦ ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ଦର ୧,୨୧,୭୦୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଆଜି ରୁପା ମୂଲ୍ୟରେ କିଲୋ ପିଛା ୩,୦୦୦ ଟଙ୍କା ହ୍ରାସ ଘଟି ଏହା ୧,୦୩,୦୦୦ ଟଙ୍କାକୁ ଖସିଆସିଛି।

## ଅରୁନ୍ଧତୀ ଜୁଏଲର୍ସର ନୂଆ ଟିଭିସି



**ଭୁବନେଶ୍ୱର,୧୭।୧୦(ସମିସ):** ଅରୁନ୍ଧତୀ ସଫଳତା ସହ ପାଳନ କରୁଛି ୨୫ବର୍ଷ ପୂର୍ତ୍ତି। ଓଡିଶାର କଳା ସଂସ୍କୃତି ଓ ପରମ୍ପରା ହେଉଛି ଏହାର ଏକ ଅମୁଲ୍ୟ ପରିଚୟ , ଏହି ନୂତନ ଟିଭି ବିଜ୍ଞାପନର ଉନ୍ମୋଚନ ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ ସର୍ବଶ୍ରେଷ୍ଠ ଗ୍ରାହକ ସେବା ସହ ନିରନ୍ତର ଭାବରେ ସେହି ଶୁଦ୍ଧତା ଓ ସ୍ୱଚ୍ଛତାଭରା ସାଲିସବିହୀନ ଯାତ୍ରା କେବଳ ସମ୍ଭବ ହୋଇପାରିଛି। ଓଡିଶା ବାସୀଙ୍କ ଆଶୀର୍ବାଦ ଓ ବିଶ୍ୱାସ ଭରସା ଯୋଗୁ। ଅରୁନ୍ଧତୀ ଜୁଏଲର୍ସ ଓଡ଼ିଶାର ସଂସ୍କୃତିର ଗରିମାକୁ ଏକ ସୁନ୍ଦର ଟିଭି ବିଜ୍ଞାପନ ମାଧ୍ୟମରେ ସମ୍ପୂର୍ଣ୍ଣ ଓଡ଼ିଶାର କଳା ସଂସ୍କୃତି, ପର୍ବପର୍ବାଣି ଏବଂ ଐତିହାସିକ ପରମ୍ପରାକୁ ଦର୍ଶାଇବାକୁ ଚେଷ୍ଟା କରାଯାଇଛି। ଆଜି ଭୁବନେଶ୍ୱରରେ ଏହି ଟିଭି ବିଜ୍ଞାପନର ଶୁଭାରମ୍ଭ କରାଯାଇଥିଲା। ଧନତେରାସ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଆକର୍ଷଣୀୟ ନୂତନ ଡିଜାଇନ ପ୍ରସ୍ତୁତ କରାଯିବ ସହ ସର୍ବଶ୍ରେଷ୍ଠ ଅଫର ରଖାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ରହିଛି, ସୁନା ଗହଣାର ଗଢ଼ା ମଜୁରି ରେ ଅଫଟୁ ଫ୍ଲାଟ ୫୦% ରିଆତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି, ହୀରା ଗହଣା କ୍ରୟରେ ୨୦,୦୦୦ ଟଙ୍କା ରିଆତି ପ୍ରତି କ୍ୟାରେଟ ହୀରା ମୂଲ୍ୟ ଉପରେ ପାଇବା ସହ ମାଗଣା ସ୍ୱର୍ଣ ମୁଦ୍ରା ମଧ୍ୟ ପ୍ରଦାନ କରାଯାଉଛି। ଏହା ସହ ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଉପରେ ଅପ୍ ଟୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ମଧ୍ୟ କ୍ୟାଶ ବ୍ୟାକ୍ ପାଇପାରିବେ।

## ରିଲାଏନ୍ସ ଡିଜିଟାଲର ଇଲେକ୍ଟ୍ରୋନିକ୍ସ ମହୋତ୍ସବ

**ମୁମ୍ବଇ,୧୭।୧୦(ସମିସ):** ଉତ୍ସବ ଋତୁରେ ରିଲାଏନ୍ସ ଡିଜିଟାଲ ତା'ର ଗ୍ରାହକମାନଙ୍କ ଲାଗି ଆଣିଛି ଇଲେକ୍ଟ୍ରୋନିକ୍ସ ମହୋତ୍ସବ। ଏହି ମହୋତ୍ସବରେ ଗ୍ରାହକ ବେଶ ସଞ୍ଚୟ ମଧ୍ୟ କରିବେ। ଏଥିରେ ନୂତନତମ ଗ୍ୟାଜେଟ୍‌ଠାରୁ ଆରମ୍ଭ କରି ଘରୋଇ ଉପକରଣ ପର୍ଯ୍ୟନ୍ତ, ଆକର୍ଷଣୀୟ ଅଫରଗୁଡ଼ିକର ମଜା ନେବେ। ଗ୍ରାହକ ପ୍ରଯୁଜ୍ୟ ଉତ୍ପାଦଗୁଡ଼ିକ ଉପରେ ଜିଏସଟି-ହ୍ରାସ ମୂଲ୍ୟର ସର୍ବାଧିକ ଲାଭ ଉଠାନ୍ତୁ ଏବଂ ପ୍ରମୁଖ ବ୍ୟାଙ୍କ କାର୍ଡ ଉପରେ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ରିହାତିଞ୍ଚ ଉପଭୋଗ କରିବେ। ଏହି ରିଆତି ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଏବଂ

Reliance digital
PERSONALISING TECHNOLOGY

ଜିଓମାର୍ଟ ଡିଜିଟାଲ ଷ୍ଟୋରଗୁଡ଼ିକରେ ଏବଂ www.reliancedigital.inରେ ଅନଲାଇନରେ ଉପଲବ୍ଧ। ଏହି ଉତ୍ସବ ଅଫରଗୁଡ଼ିକ କେବଳ ଅକ୍ଟୋବର ୨୬ ପର୍ଯ୍ୟନ୍ତ ଉପଲବ୍ଧ। ଗ୍ରାହକମାନେ ପେପର ଫାଇନାନ୍ସ ମାଧ୍ୟମରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍‌ର ମଧ୍ୟ ଲାଭ ଉଠାଇପାରିବେ, ଯାହା ଦ୍ୱାରା ଏହି ଦୀପାବଳିରେ ନୂତନତମ ପ୍ରଯୁକ୍ତିବିଦ୍ୟା ଘରକୁ ଆଣିବାର ପୂର୍ବ ପ୍ରତୀକ୍ଷାକୁ ଅଧିକ ସହଜ ହୋଇଯିବ। ଏଥିରେ ବଡ଼ ସ୍କ୍ରିନ୍‌ରେ ବଡ଼ ଡିଲ୍:୧,୧୯,୯୯୦ ଟଙ୍କାରେ ଟିସିଏଲ ୮୫-ଇଞ୍ଚ କ୍ୟୁଏଲଇଡି କିଣିଲେ ୨ ବର୍ଷ ୱାରେଣ୍ଟି ଅଛି। ଆଇଫୋନ୧୬ ସହିତ ଆପେଲ ଇଣ୍ଟେଲିଜେନ୍ସକୁ ଅପଗ୍ରେଡ କରନ୍ତୁ, ଯାହାର ପ୍ରାରମ୍ଭିକ ମୂଲ୍ୟ କେବଳ ୪୪,୯୯୦ ଟଙ୍କା। ସେହିପରି ୬୨,୯୯୦ ଟଙ୍କାରୁ ଆରମ୍ଭ ପ୍ରିମିୟମ୍ ଫ୍ରେଞ୍ଚ୍ ଡୋର୍ ରେଫ୍ରିଜରେଟର୍ ଏବଂ ୪୪,୯୯୦ ଟଙ୍କାରୁ ଆରମ୍ଭ ହେଉଛି ସାଇଡ୍ ବାଇ ସାଇଡ୍ ରେଫ୍ରିଜରେଟର୍। ପ୍ରତ୍ୟେକ କ୍ରୟ ଉପରେ ୯,୦୦୦ ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ମାଗଣା।

## ଇଣ୍ଡିଆନ୍ ବ୍ୟାଙ୍କର ୧୦୦ ଦିନରେ ୧୦୦ ଦେୟ ଅଭିଯାନ

**ଭୁବନେଶ୍ୱର,୧୭।୧୦(ସମିସ) :** ଇଣ୍ଡିଆନ୍ ବ୍ୟାଙ୍କ ଦେଶବ୍ୟାପୀ ପ୍ରତ୍ୟେକ ଜିଲ୍ଲାର ଦାବିହୀନ ଜମାକାରୀଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କର ଜମା ପୁନରୁଦ୍ଧାର କରିବା ପାଇଁ ଏକ ଉତ୍ସର୍ଗୀକୃତ ଅଭିଯାନ ଆରମ୍ଭ କରିଛି। ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ଏମ୍ ଅରୁଣାଙ୍କ ଦ୍ୱାରା କଟକ କ୍ଷେତ୍ରର ଶାଖା ପ୍ରବନ୍ଧକମାନଙ୍କର ସମୀକ୍ଷା ବୈଠକରେ ଉଦବୋଧନ ଦେଇଥିଲେ। ବ୍ୟାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ୧୦୦ ଦିନିଆ ଓ ୧୦୦ ପୃଷ୍ଠା ଅଭିଯାନ ଅକ୍ଟୋବର ପହିଲାରୁ ଡିସେମ୍ବର ୩୧ ଯାଏ ଚାଲୁ ରହିବ। କ୍ଷେତ୍ର ମହାପ୍ରବନ୍ଧକ



ଶାଖା ପ୍ରବନ୍ଧକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ନିଜ ନିଜ ଶାଖାର ଉପଭୋକ୍ତାମାନଙ୍କୁ ଯାହାଙ୍କର ଜମା ଖାତା୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲୁ ନ ରହିବା ଫଳରେ ଆରବିଆଇ ଡିଫ୍‌କୁ ସ୍ଥାନାନ୍ତର ହୋଇଯାଇଛି ସେମାନଙ୍କ ସହ ସମ୍ପର୍କ କରି ସେମାନଙ୍କର ଜମା ରାଶି ଉପଲବ୍ଧ କରାଇବାରେ ସାହାଯ୍ୟ କରନ୍ତୁ। ଏହି କ୍ୟାମ୍ପେନ ଚାଲୁ ରହିବା ଭିତରେ ନିଜ ନିଜ କ୍ଷେତ୍ରରେ ପ୍ରସାର ଓ ପ୍ରଚାର ଅଧିକ ମାତ୍ରାରେ କରନ୍ତୁ, ଯାହା ଫଳରେ ଅଧିକରୁ ଅଧିକ ଜମାକାରୀ ତାଙ୍କର ଦୀର୍ଘ ଦିନ ଧରି ଅବ୍ୟବହୃତ ଜମାରାଶି ପାଇପାରିବେ।

## ତନିସ୍କର ନୂଆ ଅଳଙ୍କାର କଲେକ୍‌ସନ୍ 'ମୃଗଙ୍କ'




**ଭୁବନେଶ୍ୱର,୧୭।୧୦(ସମିସ):** ପାର୍ବଣ ଋତୁ ପାଇଁ ଅଳଙ୍କାର ରିଟେଲ୍ ବ୍ରାଣ୍ଡ ଟାଟାର ତନିସ୍କ ପକ୍ଷରୁ ଏହାର ଉତ୍ସବ ଅଳଙ୍କାର ସଂଗ୍ରହ 'ମୃଗଙ୍କ' ଉପସ୍ଥାପନ କରାଯାଇଛି, ଯାହା ପୌରାଣିକ ଜଗତ ଏବଂ କଳ୍ପନାତ୍ମକ କାରିଗରି ଦୁନିଆରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଛି। ଭାରତର ପୁରାତନ କାହାଣୀ ଓ ପ୍ରତୀକରୁ ପ୍ରେରିତ ମୃଗଙ୍କର ପ୍ରତ୍ୟେକ ଅଳଙ୍କାର ପର୍ବପର୍ବାଣୀ ଭାବନା ପ୍ରତି ଏକ କାବ୍ୟ ଶ୍ରଦ୍ଧାଞ୍ଜଳି। ପୂର୍ବତନ ମିସ୍ ୱାର୍ଲ୍ଡ ତଥା ଅଭିନେତ୍ରୀ ମନୁଷୀ ଛିଲ୍ଲାର, ଯିଏ ମୃଗଙ୍କ ଭାବନାକୁ ସାହସୀ, କଳ୍ପନାତ୍ମକ ଏବଂ ଆକର୍ଷଣୀୟ ଅଲୌକିକତାରେ ପରିପୂର୍ଣ୍ଣ ଭାବେ ଉପସ୍ଥାପିତ କରିଛନ୍ତି। ଏହାର ଉଦ୍ଦେଶ୍ୟ ଏକ ଦୃଶ୍ୟମାନ ଜଗତ ସୃଷ୍ଟି କରିବା ଯାହା ଫ୍ୟାଶନ୍ ପ୍ରବୃତିକୁ ଅତିକ୍ରମ କରିବ ଯେଉଁଠାରେ ପ୍ରତ୍ୟେକ ଉପାଦାନ ଏକ ରହସ୍ୟମୟ କିମ୍ବା ଚମକଦାର ଆଶ୍ଚର୍ଯ୍ୟ ଓ ଉପସ୍ଥିତିର ଭାବନା ସୃଷ୍ଟି କରିବ। ପୌରାଣିକ ଜୀବ ଏବଂ କଳ୍ପନାତ୍ମକ ଫୁଲରୁ ପ୍ରେରିତ ମୃଗଙ୍କରେ ଥିବା ଗହଣାଗୁଡ଼ିକ କଳ୍ପନା ପରି ଭବ୍ୟ ଏବଂ ସ୍ୱପ୍ନ ପରି ଶାନ୍ତ ହେବା ପାଇଁ ନିର୍ମାଣ କରାଯାଇଛି। ଉନ୍ନତ କାରୁକାର୍ଯ୍ୟ ଯେପରି ଷ୍ଟୋନ୍-ଅନ୍-ଷ୍ଟୋନ୍ ଜଡାଉ, ବ୍ୟାଡରୁମ, ଚନ୍ଦକ, ରାସ୍ ରବା ଏବଂ ଜଟିଳ ଜାଲି ସ୍ତର ବ୍ୟବହାର କରି ନିର୍ମିତ ଏହି ସଂଗ୍ରହରେ ରଙ୍ଗୀନ କୁନ୍ଦନ, ଏନାମେଲ୍ ବିବରଣୀ ଏବଂ ୩ଡି ନକ୍ସାର ଏକ ବିସ୍ମୟକର ମିଶ୍ରଣ ରହିଛି।

## ୱେବ୍‌ସାଇଟ୍ ଡାଉନ୍; ହୋଇପାରୁନି ରେଳ ଟିକଟ ବୁକିଂ

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦୀପାବଳି ଓ ଧନ୍‌ତେରାସ୍ ପାଇଁ ଟ୍ରେନ୍‌ରେ ଏବେ ନାହିଁ ନ ଥିବା ଭିଡ଼। ବାହାରେ ଥିବା ଲୋକେ ସମସ୍ତେ ନିଜ ନିଜ ଘରକୁ ଫେରିବାକୁ ବ୍ୟାକୁଳ। ଟ୍ରେନ୍ ଟିକଟ ବୁକିଂ ପାଇଁ ଉର୍ଦ୍ଦିଷ୍ଟ ୱେବ୍‌ସାଇଟ୍ ଡାଉନ୍ ରହିଥିବାରୁ ଲୋକେ ରେଳ ଟିକଟ ବୁକିଂ କରିପାରୁନାହାଁନ୍ତି। ଆଜି ଆଇଆର୍‌ସିଟିସିର ୱେବସାଇଟ୍ ଏବଂ ମୋବାଇଲ୍ ଆପ୍ ଡାଉନ୍ ହୋଇଯାଇଥିଲା। ଏହାଫଳରେ ଲୋକମାନେ ସକାଳ ୯ଟାରୁ ଟ୍ରେନ୍ ଟିକେଟ୍ ବୁକିଂ କରିପାରୁନାହାଁନ୍ତି। ଲୋକଙ୍କୁ ଅନ୍ୟାନ୍ୟ ଆଇଆର୍‌ସିଟିସି ସେବା ବ୍ୟବହାର କରିବାରେ ମଧ୍ୟ ସମସ୍ୟା ହେଉଛି। ଆଉଟେଜ୍ ଟ୍ରାକିଂ ପ୍ଲାଟଫର୍ମ ଡାଉନ୍ ଡିଟେକ୍ଟର ଅନୁଯାୟୀ, ଯାତ୍ରୀ ଶୁକ୍ରବାର ସକାଳ ଟାଠାରୁ ସାଇଟ୍ ଏବଂ ଆପ୍ ଡାଉନ୍ ହେବା ବିଷୟରେ ରିପୋର୍ଟ କରିବା ଆରମ୍ଭ କରିଥିଲେ। ସକାଳ ୧୧ ଟା ସୁଦ୍ଧା ଏ ନେଇ ପ୍ରାୟ ୬,୦୦୦ ରିପୋର୍ଟ ପ୍ରାପ୍ତ ହୋଇଥିଲା। ଡାଉନ୍ ଡିଟେକ୍ଟରର ରିପୋର୍ଟ ଅନୁଯାୟୀ, ୪୯% ଅଭିଯୋଗ ୱେବସାଇଟ୍‌ରେ, ୩୭% ଆପ୍‌ରେ ଏବଂ ୧୪% ଅଭିଯୋଗ ଷ୍ଟେସନ୍‌ରେ ଟିକଟ୍ କିଣୁଥିବା ନେଇ ଆସିଥିବା ଜଣାପଡିଛି।

## ବେଦାନ୍ତ ଲାଞ୍ଜିଗଡ଼ର ପ୍ରକଳ୍ପ ସଙ୍ଗମ

**ଭୁବନେଶ୍ୱର, ୧୭।୧୦(ସମିସ):** ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସ୍ଥାୟୀ ଜୀବିକାକୁ ପ୍ରୋତ୍ସାହିତ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ ଜଳବିଭାଜିକା ଏବଂ ଜୀବିକା ପଦକ୍ଷେପ - ପ୍ରକଳ୍ପ ସଙ୍ଗମ - ଅଧୀନରେ ଏକ ମାଛ ଚାଷ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହି ପଦକ୍ଷେପ ବୈଜ୍ଞାନିକ ମାଛ ଚାଷ ମାଧ୍ୟମରେ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ପାଇଁ ବିକଳ୍ପ ଆୟ ସୁଯୋଗ ସୃଷ୍ଟି କରିବ। କଳାହାଣ୍ଡିର ମତ୍ସ୍ୟ ଏବଂ ପଶୁପାଳନ ବିଭାଗ ସହିତ ମିଳିତ ଭାବରେ କାର୍ଯ୍ୟକାରୀ ହୋଇଥିବା, ଏହି ପଦକ୍ଷେପ ୧୩ଟି ଗ୍ରାମର ପାଞ୍ଚ ଏକର ଜମିରେ କମ୍ପାନୀ ଦ୍ୱାରା ନିର୍ମିତ ୩୨ଟି ଜଳ ସଂରଚନାକୁ ବିସ୍ତାର କରିଛି, ଯାହା ୪୪ ଜଣ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ସିଧାସଳଖ ଲାଭ ପହଞ୍ଚାଇଛି । ଏହା ସେମାନଙ୍କୁ ମାଛ ଚାଷକୁ ଏକ ସ୍ଥାୟୀ ଜୀବିକା କାର୍ଯ୍ୟକଳାପ ଭାବରେ ଗ୍ରହଣ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଏବଂ ବୈଷୟିକ ସହାୟତା ପ୍ରଦାନ କରୁଛି। ଏହି ପଦକ୍ଷେପ ବାର୍ଷିକ ୨୦





ଟନ୍ ମାଛ ଅମଳ କରିବ ବୋଲି ଆଶା କରାଯାଉଛି, ଯାହା ସ୍ଥାନୀୟ ଆବଶ୍ୟକତା ଏବଂ ବଜାର ଯୋଗାଣ ଉଭୟରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ବେଦାନ୍ତ ଲାଞ୍ଜିଗଡ଼ରେ, ଆମେ ପରିବେଶଗତ ଏବଂ ସାମାଜିକ ଲକ୍ଷ୍ୟ ସହିତ ସମନ୍ୱିତ ସ୍ଥାୟୀ ଜୀବିକା ସୁଯୋଗ ମାଧ୍ୟମରେ ସାମଗ୍ରିକ ସମ୍ପ୍ରଦାୟ ବିକାଶକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ।

## ଦୀପାବଳି ପୂର୍ବରୁ ବୈଦେଶିକ ମୁଦ୍ରା ଭଣ୍ଡାର ଧରାଶାୟୀ

# ୪ ସପ୍ତାହରେ ୫ ବିଲିୟନ୍ ଡଲାର ହ୍ରାସ

**ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି):** ଦୀପାବଳି ପୂର୍ବରୁ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ସମ୍ପର୍କରେ ଲଗାତାର ଚତୁର୍ଥ ସପ୍ତାହ ନକାରାତ୍ମକ ତଥ୍ୟ ମିଳିଛି। ଧରାଶାୟୀ ହେବାରେ ଲାଗିଛି ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର। କ୍ରମାଗତ ଭାବେ ଚତୁର୍ଥ ସପ୍ତାହ ଧରି ମୁଦ୍ରା ଭଣ୍ଡାରରେ ହ୍ରାସ ଧାରା ଜାରି ରହିଛି। ଏହାଫଳରେ ବୈଦେଶିକ ମୁଦ୍ରା ଭଣ୍ଡାର ୬୯୭.୭୮ ବିଲିୟନ ଡଲାରକୁ ଖସିଆସିଛି। ତଥ୍ୟ ଦର୍ଶାଉଛି ଏହି ଚାରି ସପ୍ତାହ ମଧ୍ୟରେ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୫ ବିଲିୟନ ଡଲାରରୁ ଅଧିକ ହ୍ରାସ ପାଇଛି।

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ନିରନ୍ତରଭାବେ ହ୍ରାସ ପାଉଛି। ଗତ ମାସ କିମ୍ବା ଚାରି ସପ୍ତାହ ମଧ୍ୟରେ ୫ ବିଲିୟନ ଡଲାରରୁ ଅଧିକ କିମ୍ବା ପ୍ରାୟ ୪୬,୦୦୦ କୋଟି ଟଙ୍କା ସଫା ହୋଇସାରିଛି। ତଥାପି, ଗତ ସପ୍ତାହରେ ଏହି ହ୍ରାସ କେବଳ ସାମାନ୍ୟ ଥିଲା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ସରକାର ଟଙ୍କାକୁ ସମର୍ଥନ କରିବା ପାଇଁ ବୈଦେଶିକ ମୁଦ୍ରା ବ୍ୟବହାର କରୁଛନ୍ତି, ଯାହା ଫଳରେ ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ ପାଇଛି। ତଥାପି, ଆଗାମୀ ଦିନରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଆଶା କରାଯାଉଛି। ଏହି ସମୟରେ,




**ଗୋଟିଏ ମାସରେ ୪୬,୦୦୦ କୋଟି ସଫା**

ପାକିସ୍ତାନର ବୈଦେଶିକ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଦେଖାଯାଇଛି।

ଅକ୍ଟୋବର ୧୦ ତାରିଖରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୨.୧୮ ବିଲିୟନ ଡଲାର ହ୍ରାସ ପାଇଛି, ଯାହା ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୬୯୭.୭୮ ବିଲିୟନ ଡଲାରକୁ ବୃଦ୍ଧି କରିଛି। ପୂର୍ବରୁ, ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ ୦.୨୮ ବିଲିୟନ ଡଲାର ହ୍ରାସ ପାଇଥିଲା। ତଥାପି, ଗତ ଚାରି ସପ୍ତାହ ଧରି ବୈଦେଶିକ ମୁଦ୍ରା ସଂରକ୍ଷଣ ହ୍ରାସ ପାଇଛି। ଶେଷ ଥର ପାଇଁ ବୈଦେଶିକ ମୁଦ୍ରା ଭଣ୍ଡାରରେ ହ୍ରାସ ସେପ୍ଟେମ୍ବର ୧୨ରେ ଶେଷ ହୋଇଥିବା ସପ୍ତାହରେ ହୋଇଥିଲା, ଯେତେବେଳେ ବୈଦେଶିକ ମୁଦ୍ରା ସଂରକ୍ଷଣ ୭୦୨.୯୭ ବିଲିୟନ ଡଲାରରେ ପହଞ୍ଚିଥିଲା। ସେବେଠାରୁ, ବୈଦେଶିକ ମୁଦ୍ରା ସଂରକ୍ଷଣ ୫.୧୯ ବିଲିୟନ ଡଲାର କିମ୍ବା ପ୍ରାୟ ୪୬,୦୦୦ କୋଟି ଟଙ୍କା ହ୍ରାସ ପାଇଛି।

ଏହି ସମୟରେ, ବୈଦେଶିକ ମୁଦ୍ରା ସମ୍ପତ୍ତିରେ ମଧ୍ୟ ହ୍ରାସ ଦେଖାଦେଇଛି। ତଥ୍ୟ ଅନୁଯାୟୀ, ଅକ୍ଟୋବର ୧୦ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବୈଦେଶିକ ମୁଦ୍ରା ସମ୍ପତ୍ତି ୫.୬୦୫ ବିଲିୟନ ଡଲାର ହ୍ରାସ ପାଇଛି, ଯାହା ମୋଟ ୫୭୨.୧୦୩ ବିଲିୟନ ଡଲାରକୁ ବୃଦ୍ଧି କରିଛି। ଡଲାରରେ ପ୍ରକାଶିତ ବିଦେଶୀ ମୁଦ୍ରା ସମ୍ପତ୍ତି, ବୈଦେଶିକ ମୁଦ୍ରା ଭଣ୍ଡାରରେ ରଖାଯାଇଥିବା ୟୁରୋ, ପାଉଣ୍ଡ ଏବଂ ୟେନ ପରି ଅଣ-ଆମେରିକୀୟ ୟୁନିଟ୍‌ଗୁଡ଼ିକର ମୂଲ୍ୟରେ ବୃଦ୍ଧି କିମ୍ବା ହ୍ରାସକୁ ପ୍ରତିଫଳିତ କରେ।

ତଥାପି, ଗତ କିଛି ସପ୍ତାହ ଧରି ବୈଦେଶିକ ମୁଦ୍ରା ସମ୍ପତ୍ତିରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖାଯାଇଛି। ଏହି ସମୟରେ, ଦେଶର ସୁନା ଭଣ୍ଡାର ନିରନ୍ତର ବୃଦ୍ଧି ପାଇଛି। ତଥ୍ୟ ଅନୁଯାୟୀ, ଏହି ସମୟ ମଧ୍ୟରେ ଦେଶର ସୁନା ଭଣ୍ଡାର ୩.୫୯୫ ବିଲିୟନ ଡଲାର ବୃଦ୍ଧି ପାଇଛି, ଯାହା ମୋଟ ସୁନା ଭଣ୍ଡାର ୧୦୨.୩୬୫ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

■ ସୁଲତାନ ଅଫ୍ ଜୋହର କପ୍

## ରେକର୍ଡ ୮ମ ଥର ଫାଇନାଲ ଖେଳିବ ଭାରତ



**ଜୋହର ବହରୁ, ୧୭ ।୧୦ (ଏଜେନ୍ସି):** ମାଲେସିଆରେ ଚାଲିଥିବା ୧୩ତମ ସୁଲତାନ ଅଫ୍ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ଭାରତ ଏହାର ଅନ୍ତିମ ପୁଲ୍ ପର୍ଯ୍ୟାୟ ମ୍ୟାଚରେ ୨-୧ ଗୋଲ୍‌ରେ ଆୟୋଜକ ମାଲେସିଆକୁ ପରାସ୍ତ କରିଥିଲା । ଏହି ମ୍ୟାଚରେ ଭାରତର ଗୁର୍‌ଜୋତ୍ ସିଂହ ଓ ସୌରଭ ଆନନ୍ଦ କୁଶୱାହ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ଏଥିସହ ଭାରତ ୫ ମ୍ୟାଚ ଖେଳି ୩ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୧୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ସ୍ଥାନ ପକ୍କା କରିଛି । ପୂର୍ବରୁ ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିସାରିଥିଲା । ଫଳରେ ଶନିବାର ସନ୍ଧ୍ୟା ୬ଟାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ । ସୁଲତାନ ଅଫ୍ ଜୋହର କପରେ ଭାରତ ୧୨ଥର ଅଂଶଗ୍ରହଣ କରି ରେକର୍ଡ ୮ମଥର ଲାଗି ଫାଇନାଲ ଖେଳିବ । ଭାରତ ୩ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିବାବେଳେ ୪ଥର ରନର୍ସଅପ୍ ହୋଇଥିଲା ।

## ଚାମୁଣ୍ଡେଶ୍ୱରନାଥ ଆଇସିଏ ଖେଳାଳି ପ୍ରତିନିଧି



**ମୁମ୍ବଇ, ୧୭ ।୧୦ (ଏଜେନ୍ସି):** ବିସିସିଆଇର ଆଗାମୀ ଆପେକ୍ସ କାଉନସିଲ୍ ବୈଠକରେ ଭି. ଚାମୁଣ୍ଡେଶ୍ୱରନାଥ ଇଣ୍ଡିଆନ କ୍ରିକେଟର୍ସ ଆସୋସିଏସନ (ଆଇସିଏ)ର ଖେଳାଳି ପ୍ରତିନିଧି ଭାବେ ଭାଗନେବେ । ସେ ଦିଲୀପ ଭେଙ୍ଗସରକାରଙ୍କ ସ୍ଥାନରେ ଆପେକ୍ସ କାଉନସିଲ୍ ବୈଠକରେ ଯୋଗଦେବେ । ଭେଙ୍ଗସରକାର ଆଇସିଏର ଖେଳାଳି ପ୍ରତିନିଧି ଭାବେ ୩ ବର୍ଷ ପୂରଣ କରିସାରିଛନ୍ତି । ଗତ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଆଇସିଏର ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଭାରତୀୟ ଦଳର ପୂର୍ବତନ ଅଧିନାୟିକା ସାନ୍ତା ରଙ୍ଗାସ୍ୱାମୀ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସେହିଭଳି ଆପେକ୍ସ କାଉନସିଲ ସଦସ୍ୟ ଲାଗି ହୋଇଥିବା ନିର୍ବାଚନରେ ଚାମୁଣ୍ଡେଶ୍ୱରନାଥ ୭୫୫-୮୩ ଭୋଟରେ ଭି. ଜାଡେଜାଙ୍କୁ ହରାଇଥିଲେ । ଚାମୁଣ୍ଡେଶ୍ୱରନାଥ ଆନ୍ଧ୍ରପ୍ରଦେଶ ରଣଜୀ ଟ୍ରଫି ଦଳର ପୂର୍ବତନ ଅଧିନାୟକ । ଏଥିପୂର୍ବରୁ ସେ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍‌ର ସଦସ୍ୟ ରହିଥିଲେ ।

## ଟି-୨୦ ବିଶ୍ୱକପ : ୨୦ତମ ଟିମ୍‌କୁ ଯୋଗ୍ୟତା

**ଦୁବାଇ,୧୭।୧୦(ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ୨୦୨୬ ଟି-୨୦ ପୁରୁଷ ବିଶ୍ୱକପ୍ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଭାଗନେବେ । ମସ୍କାଟରେ ଚାଲିଥିବା ଏସିଆ/ଇଷ୍ଟ ଏସିଆ-ପ୍ୟାସିଫିକ୍ କ୍ୱାଲିଫାୟରରେ ୟୁଏଇ, ଓମାନ ଓ ନେପାଳ ପ୍ରଥମ ୩ଟି ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିବା ପରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ସମସ୍ତ ୨୦ଟି ଦେଶ ନାମ ଚୂଡ଼ାନ୍ତ ହୋଇଛି । ଏହା ମଧ୍ୟରୁ ଭାରତ ଓ ଶ୍ରୀଲଙ୍କା ଆୟୋଜକ ଦେଶ ଭାବେ ପ୍ରଥମେ ଯୋଗ୍ୟତା ଅର୍ଜନ କରିଥିଲେ । ଅଷ୍ଟ୍ରେଲିଆ, ବାଂଲାଦେଶ, ଆଫଗାନିସ୍ତାନ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ୱେଷ୍ଟଇଣ୍ଡିଜ୍ ୨୦୨୪ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ପ୍ରଥମ ୭ଟି ସ୍ଥାନ ଅଧିକାର କରି ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିଲେ । ଏମାନଙ୍କ ପରେ ପାକିସ୍ତାନ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ ଆଇସିସି ର୍‌ୟାଙ୍କିଂରେ ଆଗରେ ଥିବାରୁ ଯୋଗ୍ୟତା ଅର୍ଜନ କରିଛନ୍ତି । କ୍ୱାଲିଫାଇଙ୍ଗ୍ ଟୁର୍ଣ୍ଣାମେଣ୍ଟରେ ସଫଳତା ପାଇ କାନାଡା, ଇଟାଲୀ, ନେଦରଲାଣ୍ଡସ, ନାମିବ୍ୟା, ନେପାଳ, ଓମାନ ଓ ୟୁଏଇ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଆସନ୍ତାବର୍ଷ ଫେବୃଆରୀ- ମାର୍ଚ୍ଚରେ ଏହି ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଭାରତ ଡିଫେଣ୍ଡିଂ ଚାମ୍ପିଅନ ଓ ଆୟୋଜକ ଦଳ ଭାବେ ଖେଳିବ ।



ଭୁବନେଶ୍ୱରରେ ଶୁକ୍ରବାର ତିଲୋ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ 'ଗେମ୍‌ଚେଞ୍ଜର'ରେ ଅତିଥିମାନେ ଦୂତୀ ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଦିନିକିଆ ସିରିଜ୍ ଟ୍ରଫି ଉନ୍ମୋଚିତ

# ପର୍ଥରେ ଭାରତୀୟ ଦଳର ଜୋର୍‌ଦାର୍ ଅଭ୍ୟାସ

ପର୍ଥ,୧୭।୧୦(ଏଜେନ୍ସି)



ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳର ଜୋରଦାର ଅଭ୍ୟାସ ଆରମ୍ଭ ହୋଇଯାଇଛି । ପର୍ଥରେ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଏକତ୍ର ହେବା ପରେ ଆଜି ପଡ଼ିଆରେ ଅଭ୍ୟାସ କରିଛନ୍ତି । ଆଜି ମଧ୍ୟ ସିରିଜ୍ ଲାଗି ଆନୁଷ୍ଠାନିକ ଆରମ୍ଭ ହୋଇଛି । ଉଭୟ ଦଳର ଖେଳାଳି ଏକତ୍ର ହୋଇ ସିରିଜ୍ ଶୁଭାରମ୍ଭ କରିଛନ୍ତି । ଖେଳ ପୂର୍ବରୁ ଏହା ଖେଳାଳିଙ୍କ ମଧ୍ୟରେ ବନ୍ଧୁତ୍ୱଭାବ ସୃଷ୍ଟି କରିଥାଏ । ଖେଳ ପଡ଼ିଆରେ ପ୍ରତିଦ୍ୱନ୍ଦ୍ୱିତା ଭିନ୍ନ ଏକ ସ୍ଥିତି ସୃଷ୍ଟି କରିଥାଏ । ଏସବୁକୁ ମୁକାବିଲା କରିବାକୁ ଉଭୟ ଦଳ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଭାରତୀୟ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଦୀର୍ଘ ୭ ମାସ ପରେ ଭାରତ ପକ୍ଷରୁ ଏବଂ ୫ ମାସ ପରେ ପ୍ରଥମଥର ପଡ଼ିଆକୁ ଓହ୍ଲାଇଛନ୍ତି । ଅପଟସ ଷ୍ଟାଡିୟମ୍‌ରେ ଏମାନଙ୍କୁ ଦେଖିବା ଲାଗି ଢ଼େର ସମର୍ଥକ ଉପସ୍ଥିତ ଥିଲେ । ନେଟ୍ସରେ ବିରାଟ କୋହଲି ଭଲ ଭାବେ ଖେଳୁଥିଲେ ମଧ୍ୟ ରୋହିତ ଶର୍ମା ଲୟକୁ ଆସି ପାରି ନ ଥିଲେ ।

ଅନ୍ୟ ପକ୍ଷରେ ଉଭୟ ବରିଷ୍ଠ ଓ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଅନେକ କିଛି ଶିଖିବାକୁ ସୁଯୋଗ ପାଇବେ । ଉଭୟ ଖେଳାଳି ଉପଦେଶ ଦେବାରେ ଆଦୌ କଞ୍ଜୁସ ହେବେ ନାହିଁ ବୋଲି ସମସ୍ତେ ଜାଣନ୍ତି । ଏଣୁ ଗିଲ୍‌ଙ୍କୁ ଏହି ସିରିଜ୍‌ରେ ବେଶ ଫାଇଦା ମିଳିବ । ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଦଳ ବିପକ୍ଷରେ ରଣନୀତି ପ୍ରସ୍ତୁତ କରିବା ପୂର୍ବରୁ ମଧ୍ୟ ଏହି ଦୁଇ ଖେଳାଳି ସେମାନଙ୍କ ଅଭିଜ୍ଞତାରୁ ନିଶ୍ଚିତ କିଛି ଖେଳାଳି ତଥା ଅଧିନାୟକ ଗିଲ୍‌ଙ୍କୁ ଉପଦେଶ ଦେବେ । ରୋହିତ ଶର୍ମାଙ୍କ ଅବସର ପରେ ଶୁବମନ ଗିଲଙ୍କ ନେତୃତ୍ୱ ପ୍ରଦାନ କରାଯାଇଛି । ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଦୁଇଟି ଟେଷ୍ଟ ସିରିଜ୍ ଖେଳିସାରିଛି । ଏଠାରେ ରବିବାର ଅଷ୍ଟ୍ରେଲିଆ ସହ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ରେ ଗିଲ ଦିନିକିଆ ନେତୃତ୍ୱରେ ଡେବ୍ୟୁ କରିବେ । ଇଂଲଣ୍ଡରେ ପ୍ରଥମଥର ଅଧିନାୟକ ହୋଇଥିବା ଗିଲ ୭୫୪ ରନ୍ କରି ସମସ୍ତଙ୍କୁ ପଛରେ ପକାଇଦେଇଥିଲେ । ଏବେ ପର୍ଥରେ ସେ ତାଙ୍କର ତଥା ଭାରତୀୟ କ୍ରିକେଟ ଲାଗି ଏକ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି ।

ଆଜିର ଅଭ୍ୟାସରେ ଉଭୟ ଦଳର ଖେଳାଳି ନେଟ୍ସରେ ଉପସ୍ଥିତ ଥିଲେ । କିନ୍ତୁ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିବା ଦର୍ଶକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ନଜରରେ ଥିଲେ ବିରାଟ କୋହଲି । ଏଥିରୁ କୋହଲିଙ୍କ କ୍ରେଜ୍ ଏଯାଏ କମିନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି । ପର୍ଥ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇଥାଏ । ଏଣୁ ଫାଷ୍ଟ ବୋଲରମାନେ ଏଠାରେ ଅଧିକ ବୋଲିଂ କରିଥିଲେ । ରୋହିତ ଓ ବିରାଟ ମଧ୍ୟ ସମାନ ସମୟ ଅଭ୍ୟାସରେ କଟାଇଥିଲେ । ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜ ରିଦମକୁ ଆସିବା ଲାଗି ଉଦ୍ୟମ କରିଥିଲେ । ସ୍ପିନରମାନେ ବୋଲିଂ କରିଥିଲେ ମଧ୍ୟ ସେମାନଙ୍କୁ ବେଶି ସୁଯୋଗ ମିଳି ନ ଥିଲା । ଆସନ୍ତାକାଲି ପିଚ୍ ଦେଖିବା ପରେ ଟିମ୍ ମ୍ୟାନେଜମେଣ୍ଟ କିଛି ସୂଚନା ପାଇବେ । ଏଥିରୁ ଚୂଡ଼ାନ୍ତ ଖେଳାଳି ଚୟନ କରାଯିବ ।

### ଗ୍ରୀନ୍ ଆଉଟ, ଲାବୁସେନ ଇନ୍

ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର କାମେରନ ଗ୍ରୀନ୍ ଆହତ ହେବା ଯୋଗୁ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି । ଏହା ଫଳରେ ସିରିଜ୍ ଆରମ୍ଭରୁ ଘରୋଇ ଦଳକୁ ଶକ୍ତ ଧକ୍କା ଲାଗିଛି । ଗତବର୍ଷ ଅସ୍ତ୍ରୋପଚାର ପରେ ଗ୍ରୀନ୍ ବୋଲିଂ କରିନାହାନ୍ତି । ଏବେ ସେ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି । ତାଙ୍କ ସ୍ଥାନରେ ବରିଷ୍ଠ ଖେଳାଳି ମାର୍ନସ ଲାବୁସେନଙ୍କୁ ସାମିଲ କରାଯାଇଛି । ଫର୍ମରେ ନ ଥିବା ଲାବୁସେନ ଘରୋଇ କ୍ରିକେଟରେ ୫ଟି ମ୍ୟାଚ୍‌ରୁ ୪ଟି ଶତକ ହାସଲ କରିବା ପରେ ଦଳକୁ ଫେରିଛନ୍ତି । ଗ୍ରୀନ୍‌ଙ୍କ ପୂର୍ବରୁ ୱିକେଟକିପର ବ୍ୟାଟର ଜୋଶ୍ ଇଂଲିଶ ମଧ୍ୟ ଆଘାତ ଜନିତ କାରଣ ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି । ପତ୍ନୀ ଗର୍ଭବତୀ ଥିବାରୁ ଲେଗ୍ ସ୍ପିନର ଆଦାମ ଜାମ୍ପା ତାଙ୍କ ଘରେ ଅଛନ୍ତି । ସେ ପ୍ରଥମ ଦିନିକିଆ ଖେଳିବେ ନାହିଁ । ସେହିପରି ଶେଫିଲ୍ଡ ସିଲ୍ଡ ମ୍ୟାଚ ଖେଳୁଥିବାରୁ ଅନ୍ୟତମ ୱିକେଟରକ୍ଷକ ଆଲେକ୍ସ କ୍ୟାରୀ ମଧ୍ୟ ପ୍ରଥମ ଦିନିକିଆରେ ଖେଳିବେ ନାହିଁ । ଏଣୁ ଅଷ୍ଟ୍ରେଲିଆ ଆହତ ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛି ।

## ୯ ବର୍ଷରେ ସବୁଠୁ ନିମ୍ନ ଫିଫା ର୍‌ୟାଙ୍କିଙ୍ଗରେ ଭାରତ

**ଜୁରିକ, ୧୭ ।୧୦ (ଏଜେନ୍ସି):** ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପକ୍ଷରୁ ସଦ୍ୟ ପ୍ରକାଶିତ ର୍‌ୟାଙ୍କିଙ୍ଗ୍‌ରେ ଭାରତ ଦୁଇଟି ସ୍ଥାନ ହରାଇ ୧୩୬କୁ ଖସିଯାଇଛି । ଫଳରେ ଭାରତୀୟ ପୁରୁଷ ଫୁଟବଲ୍ ଦଳ ଗତ ୯ ବର୍ଷ ମଧ୍ୟରେ ଫିଫା ର୍‌ୟାଙ୍କିଙ୍ଗରେ ସବୁଠୁ ଖରାପ ପ୍ରଦର୍ଶନ କରିଛି । ୨୦୧୬ ନଭେମ୍ବରରେ ପ୍ରକାଶିତ ଫିଫା ମାନ୍ୟତାରେ ଭାରତ ୧୩୭ତମ ସ୍ଥାନରେ ରହିଥିଲା । ଫିଫା ମାନ୍ୟତାରେ ଭାରତ ଏହାର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ ୧୯୯୬ ଫେବୃଆରୀରେ ହାସଲ କରିଥିଲା । ଏଥିରେ ଭାରତ ମାନ୍ୟତାର ୯୪ତମ ସ୍ଥାନରେ ରହିଥିଲା । ସଦ୍ୟ ପ୍ରକାଶିତ ଫିଫା ର୍‌ୟାଙ୍କିଙ୍ଗରେ ସ୍ପେନ ଶୀର୍ଷରେ ସ୍ଥିର ରହିଛି । ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟରେ ପହଞ୍ଚିଛି । ସେହିଭଳି ଫ୍ରାନ୍ସ ଦ୍ୱିତୀୟରୁ ୩ୟ ସ୍ଥାନକୁ ଖସିଯାଇଛି । ର୍‌ୟାଙ୍କିଙ୍ଗରେ ଇଂଲଣ୍ଡ ୪ର୍ଥ, ପର୍ତ୍ତୁଗାଲ ୫ମ, ନେଦରଲାଣ୍ଡସ ୬ଷ୍ଠ, ବ୍ରାଜିଲ ୭ମ, ବେଲଜିୟମ ୮ମ, ଇଟାଲୀ ୯ମ ଓ ଜର୍ମାନୀ ୧୦ମ ସ୍ଥାନରେ ରହିଛନ୍ତି ।

## ମହିଳା ଟି-୨୦ ଦ୍ରୁତତମ ଶତକ ହାସଲ କଲେ କିରଣ



**ନାଗପୁର, ୧୭ ।୧୦ (ଏଜେନ୍ସି):** ଭାରତୀୟ ବ୍ୟାଟର୍ କିରଣ ନାଭଗିରେ ମହିଳା ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ଶତକ ହାସଲ କରିବାର ବିଶ୍ୱରେକର୍ଡ କରିଛନ୍ତି । ନାଗପୁରର ଭିସିଏ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ବିସିସିଆଇ ସିନିଅର ମହିଳା ଟି-୨୦ ଏକ ମ୍ୟାଚରେ ପଞ୍ଜାବ ବିପକ୍ଷରେ ମହାରାଷ୍ଟ୍ର ପକ୍ଷରୁ ଖେଳି କିରଣ ୩୪ ବଲରେ ଶତକ ହାସଲ କରିଥିଲେ । ୩୧ ବର୍ଷୀୟା ଡାହାଣହାତୀ ବ୍ୟାଟର୍ କିରଣ ତାଙ୍କ ୩୫ ବଲ୍ ପାଳିରେ ୧୦୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ଏହି ପାଳିରେ ସେ ୧୪ଟି ଚୌକା ଓ ୭ଟି ଛକା ମାରିଥିଲେ । ତାଙ୍କ ଷ୍ଟ୍ରାଇକରେଟ୍ ୩୦୨.୮୬ ରହିଥିଲା । ପଞ୍ଜାବ ପକ୍ଷରୁ ୧୧୧ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ କିରଣ ଏକାକୀ ୧୦୬ ରନ କରି ମହାରାଷ୍ଟ୍ରକୁ ୧୨ ଓଭର ଓ ୯ ୱିକେଟ୍ ବଳକାଥାଇ ବିଜୟୀ କରାଇଥିଲେ । ଏଥିସହ କିରଣ ମହିଳା ଟି-୨୦ ଇତିହାସରେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି । ପୂର୍ବରୁ ଏହି ରେକର୍ଡ ନ୍ୟୁଜିଲାଣ୍ଡର ସୋଫି ଡିଭାଇନଙ୍କ ନାମରେ ରହିଥିଲା । ସୋଫି ୨୦୨୧ରେ ୱେଲିଂଟନ ପକ୍ଷରୁ ଖେଳି ଓଟାଗୋ ବିପକ୍ଷରେ ୩୬ ବଲରେ ଶତକ ମାରିଥିଲେ । ଅନ୍ତର୍ଜାତୀୟ ମହିଳା ଟି-୨୦ରେ ୱେଷ୍ଟଇଣ୍ଡିଜର ଡେଣ୍ଡ୍ରା ଡଟିନ ୨୦୧୦ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩୮ ବଲରେ ଶତକ ଅର୍ଜନ କରିଥିଲେ । ସେହିଭଳି ମହିଳା ଟି-୨୦ ଇତିହାସରେ ଶତକ ହାସଲ କରିଥିବା ବ୍ୟାଟର୍‌ଙ୍କ ମଧ୍ୟରେ କେବଳ କିରଣଙ୍କ ଷ୍ଟ୍ରାଇକରେଟ୍ ୩୦୦ରୁ ଊର୍ଦ୍ଧ୍ୱ ରହିଛି ।

ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ

## ସେମିରେ ଓଡିଏମ୍ ପବ୍ଲିକ୍ ସ୍କୁଲ

**ଭୁବନେଶ୍ୱର,୧୭।୧୦(ସମିସ):** ଓଡ଼ିଏମ୍ ପବ୍ଲିକ୍ ସ୍କୁଲ ୩-୨ ଗୋଲରେ ଜଟଣୀର କୁଶମାଟି ସ୍କୁଲ୍‌କୁ ପରାସ୍ତ କରି ତୃତୀୟ ଦଳ ଭାବେ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି । ଗତକାଲି ଓଡିଏମ୍‌ର ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଥିଲା । ଆଜିର ଖେଳରେ ପବ୍ଲିକ୍ ସ୍କୁଲ ପକ୍ଷରୁ ସୁରଜ ଖାଲକୋ, ନିଖିଲ ହେମ୍ବ୍ରମ ଓ ବିଶାଲ ଲୋହାର ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ । କୁଶମାଟି ହାଇସ୍କୁଲର ରୁଦ୍ରପ୍ରସାଦ ନାୟକ ୨ଟି ଗୋଲ ଶୁଝାଇଥିଲେ । ରୁଦ୍ରପ୍ରସାଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା । ଅଶୋକ କୁମାର ପଟ୍ଟନାୟକ, ବିବେକାନନ୍ଦ ଦାସ, ଚିନ୍ମୟ କୁମାର ଦାସ ଓ ଟୁର୍ଣ୍ଣାମେଣ୍ଟ ଆୟୋଜକ ଭେଟେରାନ ଫୁଟବଲ ସଂଘର ସଭାପତି ନବରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତାକାଲି ବା ଶନିବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ବିକାଶ ରେସିଡେନ୍‌ସିଆଲ ସ୍କୁଲ ସହ ୟୁନିଟ୍-୧ ସରକାରୀ ହାଇସ୍କୁଲ ମଧ୍ୟରେ ଖେଳାଯିବ । ଆଜିର ଖେଳ ପରିଚାଳନା କରିଥିଲେ ରେଫରି ଦିବ୍ୟ ମଙ୍ଗରାଜ, ଅମିତ ନାୟକ, ଚନ୍ଦ୍ରକାନ୍ତ ବାରିକ ଓ ସୁଦୀପ ଦାସ । ଟି ମୋହନ ରାଓ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ ।




■ ମହିଳା ବିଶ୍ୱକପ୍ କ୍ରିକେଟ

## ବର୍ଷା ଯୋଗୁଁ ପୁଣି ମ୍ୟାଚ୍ ବାଧାପ୍ରାପ୍ତ

**କଲମ୍ବୋ,୧୭।୧୦(ଏଜେନ୍ସି):** ଏଠାରେ ବର୍ଷା ଯୋଗୁଁ ମହିଳା ବିଶ୍ୱକପ୍‌ର ଆଜି ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ମ୍ୟାଚ୍ ବାଧାପ୍ରାପ୍ତ ହୋଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୧୨ ଓଭରରେ ୨ ୱିକେଟ ହରାଇ ୪୬ ରନ୍ କରିଥିଲାବେଳେ ବର୍ଷା ହୋଇଥିଲା । କ୍ରମାଗତ ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ଖେଳ ୫ଘଣ୍ଟା ବନ୍ଦ ରହିବା ପରେ ଡିଏଲ୍‌ଏସ୍ ମେଥଡ ଅନୁଯାୟୀ ମ୍ୟାଚ୍‌କୁ ୨୧ ଓଭର ବିଶିଷ୍ଟ କରାଯାଇଥିଲା । ଏଥିରେ ଶ୍ରୀଲଙ୍କା ୭ ୱିକେଟରେ ୧୦୫ ରନ୍ କରିଥିଲା । ଭିଷ୍ମି ଗୁଣରତ୍ନେ ସର୍ବାଧିକ ୩୪ ରନ୍ କରିଥିଲେ । ଦକ୍ଷିଣ ଆଫ୍ରିକାର ଏନ୍ ମାଲବାଙ୍କୁ ୩ଟି ଓ ମାସାବା କ୍ଲାସ୍‌ଙ୍କୁ ୨ଟି ୱିକେଟ ମିଳିଥିଲା । ଡିଏଲଏସ୍ ମେଥଡ ଅନୁଯାୟୀ ପୁନଃନିର୍ଦ୍ଧାରିତ ୨୦ ଓଭରରେ ଦକ୍ଷିଣ ଆଫ୍ରିକା ଆଗରେ ୧୨୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହି ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୪ ଓଭରରେ କୌଣସି ୱିକେଟ ନ ହରାଇ ୨୫ ରନ୍ ସଂଗ୍ରହ କରିନେଇଛି । ଆସନ୍ତାକାଲି ଏଠାରେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ ।

ରଣଜୀ ଟ୍ରଫି

## ବିଜୟରୁ ବିଦର୍ଭ, ହରିୟାଣାର ଅଭିଯାନ ଆରମ୍ଭ

ବେଙ୍ଗାଲୁରୁ, ୧୭ ।୧୦ (ଏଜେନ୍ସି)



ଚଳିତ ରଣଜୀ ଟ୍ରଫିର ୯୧ତମ ସଂସ୍କରଣରେ ବିଦର୍ଭ ଓ ହରିୟାଣା ଦମ୍‌ଦାର ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ବେଙ୍ଗାଲୁରୁରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ବିଦର୍ଭ ଏକ ଇନିଂସ ଓ ୧୭୯ ରନରେ ନାଗାଲାଣ୍ଡକୁ ପରାସ୍ତ କରିଛି । ସେହିଭଳି ସୁରଟରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ସି'ର ଅନ୍ୟ ଏକ ମୁକାବିଲାରେ ହରିୟାଣା ୯୬ ରନରେ ରେଳବାଇକୁ ହରାଇଦେଇଛି । ଇନିଂସ ବିଜୟ ଲାଗି ବିଦର୍ଭ ୭ ଓ ହରିୟାଣା ୬ ପଏଣ୍ଟ ଅର୍ଜନ ପାଇଛି ।

ନାଗାଲାଣ୍ଡ ବିପକ୍ଷ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ଇନିଂସରେ ୪୬୩ ରନରେ ଅଲଆଉଟ୍ ହୋଇଯାଇଥିଲା । ଅମନ ମୋଖାଡେ ସର୍ବାଧିକ ୧୮୩ ରନ କରିଥିଲେ । ଏହାପରେ ବ୍ୟାଟିଂ କରିଥିବା ନାଗାଲାଣ୍ଡ ପ୍ରଥମ ଇନିଂସରେ ୧୭୧ ରନରେ ସୀମିତ ରହିଥିଲା । ୨୯୨ ରନ ପଛରେ ଥାଇ ଫଲୋଅନ ପାଇଥିବା ନାଗାଲାଣ୍ଡ ଦ୍ୱିତୀୟ ଇନିଂସରେ ମଧ୍ୟ ପୁଣିଥରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଶୁକ୍ରବାର ତୃତୀୟ ଦିବସରେ ନାଗାଲାଣ୍ଡ ୧୧୩ ରନରେ ସମସ୍ତ ୱିକେଟ୍ ହରାଇଥିଲା । ଅମନ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ ।

ସେହିଭଳି ସୁରଟର ପିଠୱାଲା ଷ୍ଟାଡିୟମରେ ହରିୟାଣା ଓ ରେଳବାଇ ମଧ୍ୟରେ ଏଠାରେ ଅନୁଷ୍ଠିତ ମ୍ୟାଚରେ ବୋଲରଙ୍କ ପ୍ରଭାବ ଦେଖିବାକୁ ମିଳିଛି । ଫଳରେ ୩ ଦିନରେ ୪୦ ୱିକେଟ ପତନ ଘଟିବା ସହ ଫଳାଫଳ ବାହାରିଯାଇଥିଲା । ପ୍ରଥମେ ବ୍ୟାଟିଂ କରି ହରିୟାଣା ୧୭୧ ରନ କରିଥିବାବେଳେ ରେଳବାଇ ୧୨୮ରେ ସୀମିତ ରହିଥିଲା । ୪୩ ରନରେ ଆଗୁଆ ରହିଥିବା ହରିୟାଣା ଦ୍ୱିତୀୟ ଇନିଂସରେ ୨୦୫ ରନ କରିଥିଲା । ଫଳରେ ରେଳବାଇ ସାମ୍ନାରେ ୨୪୯ ରନ ଲକ୍ଷ୍ୟ ରହିଥିଲା । ଏହାକୁ ପିଛା କରିଥିବା ରେଳବାଇ ଶୁକ୍ରବାର ୩ୟ ଦିବସରେ ୧୫୨ ରନରେ ଦ୍ୱିତୀୟ ପାଳିରେ ଅଲଆଉଟ୍ ହୋଇଯାଇଥିଲା ।

### ରଜତ ପାଟିଦାରଙ୍କ ଦ୍ୱିଶତକ

ଅପରପକ୍ଷରେ ରଜତ ପାଟିଦାର ପ୍ରଥମଶ୍ରେଣୀ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଛନ୍ତି । ମଧ୍ୟପ୍ରଦେଶର ନେତୃତ୍ୱ ନେଉଥିବା ପାଟିଦାର ୨୦୫ ରନ କରି ଅପରାଜିତ ରହିବା ଫଳରେ ତାଙ୍କ ଦଳ ପ୍ରଥମ ଇନିଂସରେ ୮ ୱିକେଟରେ ୫୧୯ ରନର ବିଶାଳ ସ୍କୋର କରିଛି । ପଞ୍ଜାବ ପ୍ରଥମ ପାଳିରେ ୨୩୨ ରନ କରିଥିଲା । ଫଳରେ ମଧ୍ୟପ୍ରଦେଶ ୨୮୭ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି ।

ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୍-୭

## ଓଡ଼ିଶାର ସୁତବ୍ୟ ରନର୍ସ ଅପ୍

**ଭୁବନେଶ୍ୱର,୧୭।୧୦(ସମିସ):** ଓଡ଼ିଶାର ପ୍ରତିଭାବାନ ଜୁନିଅର ଖେଳାଳି ସୁତବ୍ୟ କର୍ମକାର ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଚାମ୍ପିଅନସିପ୍ ସିରିଜ୭ ଟେନିସ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଛନ୍ତି । ଓଡ଼ିଶା ଟେନିସ ସଂଘ ବ୍ୟାନରରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ମହାରାଷ୍ଟ୍ରର ଅର୍ଜୁନ ଅତୁଲ ପରଦେଶୀ ୬-୩, ୬-୧ ସିଧାସଳଖ ସେଟ୍‌ରେ ସୁତବ୍ୟଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲେ । ଖେଳ ଶେଷରେ ତାମିଲନାଡୁର ଅନ୍ୟତମ ପ୍ରତିଭାବାନ ଖେଳାଳି ଓଜେସ ଥେୟଜୋ ଜୟପ୍ରକାଶ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ତଥା ଦେଶର ଅନେକ ୧୮ ବର୍ଷରୁ କମ୍ ଶୀର୍ଷ ଖେଳାଳି ଅଂଶଗ୍ରହଣ କରିଥିଲେ ।



# ଶାଢ଼ି ସମ୍ଭାର



**ଶାଢ଼ି ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ଅଭିନ୍ନ ଅଂଶ। ଏହା କେବଳ ଏକ ପରିଧାନ ନୁହେଁ, ସଂସ୍କୃତି, ଐତିହ୍ୟ ଓ ଶିଳ୍ପକଳାର ପରିଚୟ ଭାବେ ଜଣାଯାଏ। ବର୍ତ୍ତମାନ ଫେଶନ ଦୁନିଆରେ ବହୁ ଆଧୁନିକ ପୋଷାକ ମିଳୁଥିଲେ ହେଁ, ଶାଢ଼ିର ଲୋକପ୍ରିୟତା ସବୁବେଳେ ରହିଛି। ଏହି ପାରମ୍ପରିକ ଶାଢ଼ି ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ରହିଥାଏ। ପ୍ରତ୍ୟେକ ଶାଢ଼ି ନିଜସ୍ୱ ସ୍ୱତନ୍ତ୍ରତା ତଥା ବିଶେଷତା ପାଇଁ ଜଣାଯାଏ। ତେବେ ଭାରତରେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେକ ପାରମ୍ପରିକ ଶାଢ଼ିକୁ ନେଇ ଏହି ଆଲେଖ୍ୟ।**

## ପଟୋଲା

ଶାଢ଼ି କଥା କହିଲେ, ପଟୋଲା ଚିତ୍ର ସାମ୍ନାକୁ ଆସିଥାଏ। ଗୁଜୁରାଟ ପାଟନରେ ପ୍ରସ୍ତୁତ ହେଉଥିବା ଏହି ଶାଢ଼ି ପାରମ୍ପରିକ ଶାଢ଼ି ଭାବେ ପରିଚିତ। ଏଥିରେ ଭାରତର ଉତ୍କୃଷ୍ଟ ଶିଳ୍ପକଳା ଦେଖିବାକୁ ମିଳିଥାଏ। ଏହି ଶାଢ଼ି ପ୍ରସ୍ତୁତ କରିବା ପାଇଁ ମାସ ମାସ ସମୟ ଲାଗିଥାଏ। ଏଥିପାଇଁ ଡବଲ୍ ଇକତ୍ ଟେକ୍ନିକ୍ ବ୍ୟବହାର ହୋଇଥାଏ। ପ୍ରତ୍ୟେକ ଶାଢ଼ି ଜଟିଳ ଜ୍ୟାମିତିକ ଡିଜାଇନ୍, ଚମକଯୁକ୍ତ ରଙ୍ଗ ଓ ସୂକ୍ଷ୍ମ କାରିଗରୀ ପାଇଁ ଜଣାଯାଏ।

## କାଞ୍ଜିବରମ

କାଞ୍ଜିବରମ ଶାଢ଼ି ଭାରତୀୟ ସଂସ୍କୃତି ଓ ଐତିହ୍ୟର ପ୍ରତୀକ। ଭାରତର ପ୍ରାଚୀନ, ସୁନ୍ଦର ଓ ଆକର୍ଷଣୀୟ ଶାଢ଼ି ମଧ୍ୟରୁ ଏହା ଗୋଟିଏ। ତାମିଲନାଡୁ କାଞ୍ଚିପୁରମ୍‌ରେ ଏହି ଶାଢ଼ି ପ୍ରସ୍ତୁତ ହୋଇଥାଏ। ଏହାକୁ ଶୁଦ୍ଧ ରେଶମ ସୂତାରେ ବୁଣାଯାଏ। ଶାଢ଼ିକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଏଥିରେ ଜରି ବ୍ୟବହାର ହୋଇଥାଏ। ଏହି ଶାଢ଼ିର ଇତିହାସ ୪୦୦ ବର୍ଷ ପୁରୁଣା। ଏଥିରେ ମନ୍ଦିର, ପ୍ରାକୃତିକ ଦୃଶ୍ୟ, ହାତୀ, ମୟୂର ଭଳି ଅନ୍ୟାନ୍ୟ କଳାକୃତି ଦେଖିବାକୁ ମିଳିଥାଏ। ବିଶେଷତା ଅନୁଯାୟୀ, ଏହି ଶାଢ଼ିର ପଣତକାନି, ବର୍ଡର ଓ ମଝିଭାଗକୁ ପୃଥକ୍ କରି ବୁଣାଯାଏ। ତେଣୁ ଏହା ଅନ୍ୟ ଶାଢ଼ି ଠାରୁ ସ୍ୱତନ୍ତ୍ର। ଦକ୍ଷିଣ ଭାରତରେ ବିବାହ ଉତ୍ସବରେ ଏହା ମୁଖ୍ୟ।



## ବନାରସୀ

ଭାରତରେ ପ୍ରସିଦ୍ଧି ଲାଭ କରିଥିବା ଲୋକପ୍ରିୟ ଶାଢ଼ି ମଧ୍ୟରୁ ଗୋଟିଏ ବନାରସୀ ଶାଢ଼ି। ଏହା ଉତ୍ତରପ୍ରଦେଶ ବାରଣସୀରେ ପ୍ରସ୍ତୁତ ହୋଇଥାଏ। ଏହାର ଭବ୍ୟ ଡିଜାଇନ୍, ସୂକ୍ଷ୍ମ କାରୁକାର୍ଯ୍ୟ ଏହାକୁ ସ୍ୱତନ୍ତ୍ର କରିଥାଏ। ଏଥିରେ ସୁନା ଓ ରୂପାର ଜରିକାମ ହୋଇଥାଏ। ଅବଶ୍ୟ ସମୟକ୍ରମେ ଏଥିରେ ନକଲି ଜରିକାମ ଦେଖିବାକୁ ମିଳୁଛି। ଏଥିରେ ଫୁଲ, ପତ୍ର, ମୟୂର, ଓ ଜ୍ୟାମିତିକ ଚିତ୍ର ଭଳି ପାରମ୍ପରିକ ମୋଗଲକାଳର ଡିଜାଇନ୍ ରହିଥାଏ।

## ମୁଗାଁ ସିଲ୍କ

ମୁଗାଁ ସିଲ୍କ ଆସାମର ପ୍ରାଚୀନ ଶାଢ଼ି ଭାବେ ପରିଚିତ। ଏହି ଶାଢ଼ି ମୁଗା ସିଲ୍କରୁ ପ୍ରସ୍ତୁତ ହୋଇଥାଏ। ଏହା ବିଶ୍ୱର ସବୁଠୁ ନିଆରା ଓ ଦୀର୍ଘସ୍ଥାୟୀ ଶାଢ଼ି ଭାବେ ପରିଚିତ। ତେଣୁ ପିଢ଼ି ପରେ ପିଢ଼ିକୁ ଏହାକୁ ଉପହାର ଭାବେ ଦିଆଯାଇଥାଏ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ। ବିଶେଷତା ଅନୁଯାୟୀ ଏଥିରେ ଯେ କୌଣସି ଏମ୍ବ୍ରୋଡେରୀ ସହଜରେ କରାଯାଇପାରେ। ଏହାର ମୂଲ୍ୟ ପାଞ୍ଚହଜାରରୁ ନେଇ ଦୁଇ ଲକ୍ଷ ଯାଏ ରହିଛି।



## ସମ୍ବଲପୁରୀ

ସମ୍ବଲପୁରୀ ଶାଢ଼ି ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ପ୍ରତୀକ ଭାବେ ପରିଚିତ। ଏହା ବିଶେଷ କରି ସମ୍ବଲପୁର, ସୋନପୁର ଓ ବରଗଡ଼ ଆଦି ସ୍ଥାନରେ ବୁଣାଯାଇଥାଏ। ବୁଣାକାରମାନେ ଖୁବ୍ ଯତ୍ନରେ ଏହା ବୁଣିଥାନ୍ତି। ଏହି ହାତବୁଣା ଶାଢ଼ି ସ୍ୱତନ୍ତ୍ରତା ଓ ଭବ୍ୟତା ପାଇଁ ଜଣାଯାଏ। ଏହା ଇକତ୍ ଟେକ୍ନିକ୍‌କୁ ଆପଣାଇ ବୁଣାଯାଇଥାଏ। ଯନ୍ତ୍ର ନିର୍ମିତ ଶାଢ଼ି ତୁଳନାରେ ଏହା ଅଧିକ ସୁନ୍ଦର ଦେଖାଯାଏ। ଏଥିରେ ପାରମ୍ପରିକ ରୂପାଙ୍କନ ଯଥା-ଶଙ୍ଖ, ଚକ୍ର, ଫୁଲ, ସମେତ ଆଦିବାସୀ ଚିତ୍ର ରହିଥାଏ। ଦିନକୁ ଦିନ ଏହି ସମ୍ବଲପୁରୀ ଶାଢ଼ିର ଚାହିଦା ବୃଦ୍ଧିପାଉଛି।

# ବ୍ରଣ ମୁକ୍ତ ତ୍ୱଚାର ଯତ୍ନ

**ଋତୁ ଅନୁଯାୟୀ ତ୍ୱଚାରେ ନାନା ସମସ୍ୟା ଦେଖିବାକୁ ମିଳିଥାଏ। ପ୍ରତିଥର ପାର୍ଲର ଯାଇ ତ୍ୱଚାର ଯତ୍ନ ନେବା ସମସ୍ତଙ୍କ ପାଇଁ ସମ୍ଭବ ହୋଇ ନ ଥାଏ। ତେଣୁ କୋମଳ ଓ ବ୍ରଣମୁକ୍ତ ତ୍ୱଚା ଚାହୁଁଥିଲେ, ଏଥିପାଇଁ ସ୍କିନ୍‌କେୟାର୍ ରୁଟିନ୍‌ରେ ସାମାନ୍ୟ ପରିବର୍ତ୍ତନ କରିପାରିବେ।**



## ଦିନରେ ଦ୍ୱିଥର ଫେସ୍‌ୱାସ୍

ଅଧିକାଂଶ ତ୍ୱଚାରେ ଧୂଳି, ମାଟି ଓ ତେଲ ଆଦି ଜମି ରହିଥାଏ। ଏହାକୁ ଅନେକ ଲୋକେ ସଫା କରନ୍ତିନି। ଏହା ତ୍ୱଚାରେ ଜମି ବ୍ରଣ ହୋଇଥାଏ। ଏଥିପାଇଁ ତ୍ୱଚାକୁ ଦିନକୁ ଦୁଇରୁ ତିନି ଥର ସଫା କରନ୍ତୁ। ଏହାଦ୍ୱାରା ତ୍ୱଚାରେ ଜମିଥିବା ଧୂଳିମାଟି ବାହାରିଥାଏ। ତ୍ୱଚାରେ ଅତିରିକ୍ତ ତୈଳ ବାହାରିଯାଏ। ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।

## ଡାଏଟର୍ ରଖନ୍ତୁ ଧ୍ୟାନ

ଡାଏଟ୍ ଅନୁସାରେ ଖାଦ୍ୟ ନ ଖାଇଲେ ଅନେକ ତ୍ୱଚାଜନିତ ସମସ୍ୟା ଦେଖାଯାଇଥାଏ। ତେଣୁ ଡାଏଟ୍‌ର ଧ୍ୟାନ ରଖିବା ଜରୁରୀ। ପ୍ରତିଦିନ ଖାଦ୍ୟରେ ସତେଜ ଫଳ, ପନିପରିବା ଓ ଫାଇବର ଯୁକ୍ତ ଖାଦ୍ୟ ମିଶାଇ ଖାଇବା ଭଲ।

## ଉତ୍ତମ ନିଦ୍ରା

ନିଦ୍ରାଭାବ ଓ ଅଧିକ ଚିନ୍ତା କରିବା ଦ୍ୱାରା ବ୍ରଣ ସମସ୍ୟା ହୋଇଥାଏ। ତେଣୁ ଚିନ୍ତା କମ କରିବା ସହ ସୁସ୍ଥ ନିଦ୍ରା ନେବା ଜରୁରୀ।

ମୋ ହାଣ୍ଡିଶାଳରୁ...

# ବେସନ ଗୁଡ଼ ବର୍ଫି

## ଆବଶ୍ୟକ ସାମଗ୍ରୀ

ବେସନ – ଏକ କପ୍, ସୁଜି – ଏକ କପ୍, ଗୁଡ଼- ୨୫୦ ଗ୍ରାମ୍, କ୍ଷୀର – ଏକ କପ୍, ଗୁଜୁରାତି ଗୁଣ୍ଡ – ଅଧ ଚାମଚ, ପିସ୍ତାବାଦାମ୍ – ସାତ, ଆଠଟି, କଖାରୁ ମଞ୍ଜି – ଅଳ୍ପ, ଗୁଣ୍ଡ କାଜୁ – ଏକ ଚାମଚ, ଦେଶୀ ଘିଅ – ଆବଶ୍ୟକତା ଅନୁସାରେ।



## ପ୍ରସ୍ତୁତି ପ୍ରଣାଳି

ଗ୍ୟାସ୍ ଲଗାଇ କଡ଼େଇ ବସାଇ ଘିଅ ଦିଅନ୍ତୁ। ଘିଅ ଗରମ ହୋଇଆସିଲେ ସେଥିରେ ବେସନ ଦେଇ ଭାଜନ୍ତୁ। ଏହାପରେ ଏଥିରେ ଏକ କପ୍ ସୁଜି ମିଶାଇ ଏପାଖସେପାଖ କରନ୍ତୁ। ସୁଜିକୁ ବେସନରେ ଭଲଭାବେ ମିଶାନ୍ତୁ। ଏହା ଭାଜି ହୋଇ ହାଲୁକା ନାଲି ରଙ୍ଗ ହୋଇଆସିଲେ, ସେଥିରେ ଅଳ୍ପ କ୍ଷୀର ଦେଇ ପୁଣି ଥରେ ଭାଜନ୍ତୁ। ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଏକ ପ୍ୟାନ୍ ବସାଇ ସେଥିରେ ଗୁଡ଼ ଦେଇ ଶିରା ପ୍ରସ୍ତୁତ କରନ୍ତୁ। ଧୀରେ ଧୀରେ ଗୁଡ଼ ତରଳି ଶିରା ହୋଇଯିବା ପରେ ଏହାକୁ ପ୍ରସ୍ତୁତ କରି ରଖିଥିବା ବେସନରେ ମିଶାଇ ଦିଅନ୍ତୁ। ଏଥିରେ ଅଳ୍ପ ଗୁଜୁରାତି ମିଶାନ୍ତୁ। ଏହାକୁ ଭଲରେ ଗୋଳାଇ ଏକ ପାତ୍ରରେ କାଢ଼ି ଚାରିପାଖକୁ ସମାନ କରନ୍ତୁ। ଉପରେ ଡ୍ରାଏଫ୍ରୁଟ୍ ପକାନ୍ତୁ। ଛୁରୀରେ କାଟି ପରଷନ୍ତୁ 'ବେସନ ଗୁଡ଼ ବର୍ଫି'।

# ନିମ୍ବ ତୁଳସୀ ହେୟାର ସିରମ୍

**ବର୍ତ୍ତମାନ ସମୟରେ କେଶଝଡ଼ା, ରୂପି, ସ୍କାଲ୍ପ ସଂକ୍ରମଣ ଆଦି ମୁଖ୍ୟ ସମସ୍ୟା ପାଲଟିଛି। ନାନା ପ୍ରସାଧନ ଲଗାଇଲେ ମଧ୍ୟ ଏହି ସମସ୍ୟା ସହଜରେ ଦୂର ହୁଏ ନାହିଁ। ତେଣୁ ଆୟୁର୍ବେଦ ଅନୁଯାୟୀ ପ୍ରାକୃତିକ ଉପାୟରେ କେଶରେ ସୁନ୍ଦର ଓ ଚମକ ଆଣିବାକୁ ଚାହୁଁଥିଲେ ନିମ୍ବ, ତୁଳସୀ ହେୟାର୍ ସିରମ୍ ଲଗାଇପାରିବେ।**

## ପ୍ରସ୍ତୁତି

ଏଥିପାଇଁ ଏକ ମୁଠା ନିମ୍ବପତ୍ର, ଏକ ମୁଠା ତୁଳସୀ ପତ୍ର, ନଡ଼ିଆ ତେଲ, ଅଲିଭ୍ ଅଏଲ୍ ଓ ଭିଟାମିନ୍ ଇ କ୍ୟାପ୍‌ସୁଲ ନିଅନ୍ତୁ। ନିମ୍ବ ଓ ତୁଳସୀପତ୍ରକୁ ଭଲରେ ଧୋଇ ଦିଅନ୍ତୁ। ଗୋଟିଏ ପାତ୍ରରେ ପାଣି ଗରମ କରି ସେଥିରେ ନିମ୍ବ ଓ ତୁଳସୀ ପତ୍ର ପକାଇ ଭଲରେ ଫୁଟାନ୍ତୁ। ପାଣି ଅଧା ହୋଇଆସିଲେ ଏହାକୁ ଛାଣି ଦିଅନ୍ତୁ। ଥଣ୍ଡା ହୋଇଗଲେ ସେଥିରେ, ନଡ଼ିଆ ତେଲ, ବାଦାମ ତେଲ ଓ ଭିଟାମିନ୍ ଇ କ୍ୟାପ୍‌ସୁଲ୍ ମିଶାନ୍ତୁ। ଏହାକୁ ଏକ ସ୍ପ୍ରେ ବୋତଲରେ କାଢ଼ି ରଖନ୍ତୁ।

## ଲଗାଇବା ବିଧି

ପ୍ରଥମେ କେଶକୁ ହାଲୁକା ଓଦା କରି ସିରମ୍‌କୁ କେଶମୂଳ ଓ କେଶଅଗରେ ଭଲ ଭାବେ ଲଗାନ୍ତୁ। ହାତ ସାହାଯ୍ୟ ହାଲୁକା ମସାଜ୍ କରନ୍ତୁ। ଏହାଦ୍ୱାରା ସିରମ୍ ସବୁଆଡ଼େ ଭଲରେ ଲାଗିଥାଏ। ଏହାକୁ ଦୁଇ ତିନି ଘଣ୍ଟା ଛାଡ଼ି ଦିଅନ୍ତୁ। ଚାହିଁଲେ ରାତିସାରା ଲଗାଇ ରଖିପାରିବେ। ଏହାପରେ ହାଲୁକା ସାମ୍ପୁରେ ଧୋଇ ଦିଅନ୍ତୁ। ଏପରି ଦୁଇ ସପ୍ତାହ କଲେ ସୁଫଳ ମିଳିଥାଏ।

## ଫାଇଦା

- ନିମ୍ବ ଓ ତୁଳସୀରେ ଆଣ୍ଟିଫଙ୍ଗଲ ଓ ଆଣ୍ଟିବ୍ୟାକ୍ଟେରିୟଲ୍ ଗୁଣ ଥାଏ। ଯାହା ରୂପିକୁ ମୂଳରୁ ଦୂର କରିଥାଏ।
- କେଶକୁ ପୋଷଣ ଦେଇ କେଶଝଡ଼ାକୁ ରୋକିଥାଏ। ନିୟମିତ ବ୍ୟବହାର ଦ୍ୱାରା କେଶ ଘନ ହେବା ସହ ମଜଭୂତ ହୋଇଥାଏ।
- ଏଥିସହ କେଶମୂଳ କୁଣ୍ଡାଇହେବା, ନାଲିପଡ଼ିବା ଭଳି ସମସ୍ୟା ମଧ୍ୟ ଦୂର କରିଥାଏ।



# ଆକର୍ଷଣୀୟ ଚୁଡ଼ି

**ସାଧାରଣତଃ ଯୁବତୀଙ୍କ ପାଇଁ ଚୁଡ଼ିକୁ ନେଇ ବହୁ ବିକଳ୍ପ ରହିଥାଏ। କିନ୍ତୁ ଶାଢ଼ି ତଥା ଲେହେଙ୍ଗା ସହ କେଉଁ ଚୁଡ଼ି ପିନ୍ଧିଲେ ବେଶୀ ସୁନ୍ଦର ଦେଖାଯାଏ। ଜାଣିବା ସେ ବିଷୟରେ...**



## ପେଷ୍ଟାଲ ଚୁଡ଼ି

ପେଷ୍ଟାଲ ରଙ୍ଗର ଚୁଡ଼ି ହାଲୁକା ଗୋଲାପି ରଙ୍ଗର ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ। ଏଥିରେ ମିନାକରୀ କାମ ମଧ୍ୟ ରହିଥାଏ। ଏହାକୁ ଗାଢ଼ ରଙ୍ଗର ଚୁଡ଼ି ସହ ମଧ୍ୟ ପିନ୍ଧିପାରିବେ।

## ସବୁଜ ଚୁଡ଼ି ଓ ସୁନେଲି କଡ଼ା

ସବୁଜ ରଙ୍ଗର ଚୁଡ଼ି ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଏଥିସହ ସୁନେଲି ରଙ୍ଗର କଡ଼ା ସୁନ୍ଦରତାକୁ ଦ୍ୱିଗୁଣିତ କରିଥାଏ। ସେହିପରି ସବୁଜ ଚୁଡ଼ି ସୁହାଗର ପ୍ରତୀକ ଭାବେ ଜଣାଯାଏ।

## ମେରୁନ୍ ଚୁଡ଼ି ସହ କୁନ୍ଦନ କଡ଼ା

କୁନ୍ଦନ ଚୁଡ଼ି ସବୁ ଆଉଟ୍‌ଫିଟ୍‌କୁ ମାନିଥାଏ। କିନ୍ତୁ ମେରୁନ୍ ରଙ୍ଗ ସବୁଠୁ ଭିନ୍ନ ଓ ନିଆରା ଦିଶିଥାଏ। ଅଧିକାଂଶ ଯୁବତୀ ଲେହେଙ୍ଗା ଓ ଶାଢ଼ିରେ ମେରୁନ ରଙ୍ଗ ଚୁଡ଼ି ପିନ୍ଧିବାକୁ ପସନ୍ଦ କରନ୍ତି।

# ଦୀପରେ ସଜାନ୍ତୁ ଘର

**ଆଲୋକର ପର୍ବ ଦୀପାବଳି। ଦୀପାବଳିରେ ଘରେ ଆଲୋକ, ରଙ୍ଗ ଓ ଉତ୍ସବର ମାହୋଲ ଖେଳିଯାଏ। ଏହା ଅନ୍ଧକାରକୁ ଦୂର କରି ଆଲୋକ ପ୍ରଦାନ କରିଥାଏ। ଏଥିପାଇଁ ସମସ୍ତେ ଘରେ ରଙ୍ଗୋଲି, ଲିଟୁଲାଇଟ୍ ଆଦି ଲଗାଇ ସଜାଇଥାନ୍ତି। ସେହିପରି ଦୀପାବଳିରେ ଘରକୁ ନୂଆ ଶୈଳୀରେ ଆଲୋକିତ କରିବାକୁ ଚାହୁଁଥିଲେ, ଏହି ଉପାୟ ଆପଣାନ୍ତୁ।**





## ଆକ୍ରେଲିକ୍ ରଙ୍ଗ କରନ୍ତୁ

ମାଟିଦୀପକୁ ସୁନ୍ଦର ତଥା ରଙ୍ଗିନ୍ କରିବାକୁ ଚାହୁଁଥିଲେ ଏହାକୁ, ନାଲି, ସୁନେଲି, ସବୁଜ ଓ ହଳଦିଆ ରଙ୍ଗ ଭଳି ଆକ୍ରେଲିକ୍ ରଙ୍ଗ କରିପାରିବେ। ଏହାକୁ ଆକର୍ଷଣୀୟ କରିବା ପାଇଁ ଉପରେ ଗ୍ଲିଟର୍ ଓ ଗୋଲ୍‌ଡେନ୍ ରଙ୍ଗର ବର୍ଡର ତିଆରି କରିପାରିବେ।

## ମିରର୍ ଓ ଷ୍ଟୋନ୍

ଏହା ଉପରେ ଛୋଟ ମୋତିମାଳି, ରଙ୍ଗିନ୍ ଷ୍ଟୋନ୍ ଆଦି ଅଠାରେ ଲଗାଇପାରିବେ। ଏଥିରେ ଦୀପ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ଦୀପରେ ଲେସ୍ ଓ ରିବନ ଲଗାନ୍ତୁ। ଏହା ପାରମ୍ପରିକ ସାଙ୍ଗକୁ ଏକ କ୍ଲାସି ଲୁକ୍ ଦେଇଥାଏ।

## ବାର୍ନିଶ ରଙ୍ଗ ଲଗାନ୍ତୁ

ଦୀପ ସଜାଇବା ପରେ ତା ଉପରେ ଏକ ବାର୍ନିଶ ପରସ୍ତ ଲଗାନ୍ତୁ। ଏହାଦ୍ୱାରା ରଙ୍ଗ ଓ ସାଜସଜ୍ଜା ଦୀର୍ଘ ସମୟ ରହିଥାଏ।

## ଭାସମାନ ଦୀପ

ଏଥିପାଇଁ ଦୀପରେ ତେଲ ଭର୍ତ୍ତି କରନ୍ତୁ। ଏହାପରେ ଏକ ରସ ଠିପି କିମ୍ବା ଏକ ଛାଞ୍ଚରେ ସଳିତା ଲଗାନ୍ତୁ। ଏହାକୁ ଦିଆସିଲ୍ ଲଗାଇ ଜଳାଇଲେ ପାଣିରେ ଭାସିଥାଏ। ଏହା ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ। ଚାହିଁଲେ ଏଥିରେ ଫୁଲ, ପାଖୁଡ଼ା ସଜାଇପାରିବେ।

### ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ

## ପଦକ ନିଶ୍ଚିତ କଲେ ତନ୍ୱୀ



ଗୁଆହାଟୀ,୧୭।୧୦(ଏଜେନ୍ସି): ଭାରତର ତନ୍ୱି ଶର୍ମା ଏଠାରେ ଚାଲିଥିବା ଜୁନିଅର ବିଶ୍ୱକପ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବା ନିଶ୍ଚିତ କରିଛନ୍ତି। ଆଜି ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଖେଳରେ ତନ୍ୱି ୧୩-୧୫, ୧୫-୧୯, ୧୫-୧୦ରେ ଜାପାନର ସାକି ମାତ୍ସୁମୋଟୋଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ସେମିଫାଇନାଲରେ ପ୍ରବେଶ କରିଥିବା ଖେଳାଳି ପଦକ ଜିତିଥାନ୍ତି। ଏଣୁ ସେମିଫାଇନାଲରେ ହାରିଗଲେ ମଧ୍ୟ ତନ୍ୱି ପଦକ ବିଜୟୀ ହେବେ। ଏହି ପ୍ରତିଯୋଗିତାରେ ପଦକ ଜିତିବାରେ ୨୦୦୮ ପରେ ସେ ହେବେ ପ୍ରଥମ ଭାରତୀୟ ଖେଳାଳି। ୨୦୦୮ ପୁଣେରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ସାଇନା ନେହ୍ୱାଲ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ଥିଲା ଭାରତର ଶେଷ ପଦକ। ତନ୍ୱି ଏବେ ପଦକ ବିଜୟୀ ହେବେ। ପୂର୍ବରୁ ୨୦୦୬ ଇଞ୍ଚେଅନ୍ ଟୁର୍ଣ୍ଣାମେଣ୍ଟରେ ସାଇନା ରୌପ୍ୟ ଓ ୧୯୯୬ ସିଲକେବର୍ଗ ଟୁର୍ଣ୍ଣାମେଣ୍ଟରେ ଅପର୍ଣ୍ଣା ପୋପଟ ମଧ୍ୟ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ୧୬ ବର୍ଷିୟା ତନ୍ୱି କେଉଁ ସଫଳତାକୁ ଦୋହରାଇବେ ତାହା ସମୟ କହିବ।

### ବାରବାଟୀ ରଣଜୀ: ଶିବାଲିକ ଶର୍ମା ଓ ମିତେଶ ପଟେଲଙ୍କ ଶତକ

## ଓଡ଼ିଶା ବିପକ୍ଷରେ ବରୋଦା ଇନିଂସ ଅଗ୍ରଣୀ

କଟକ, ୧୭।୧୦ (ସମିସ): ଓପନର ଶିବାଲିକ ଶର୍ମା ଓ ୱିକେଟରକ୍ଷକ ମିତେଶ ପଟେଲଙ୍କ ଶତକ ବଳରେ ଏଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣଜୀ ମୁକାବିଲାରେ ଭ୍ରମଣକାରୀ ବରୋଦା ଦଳ ପ୍ରଥମ ଇନିଂସରେ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ବାରବାଟୀର ସ୍ଲୋ ୱିକେଟରେ ଏହି ଅଗ୍ରଣୀ ବରୋଦାକୁ ରଣଜୀ ସିଜନର ପ୍ରଥମ ମ୍ୟାଚ୍‌ରେ ଅଧିକ ପଏଣ୍ଟ ସଂଗ୍ରହ ରାସ୍ତା ପରିଷ୍କାର କରିନେଇଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୨୭୧ ରନ୍ କରିଥିଲା। ଜବାବରେ ଶିବାଲିକ ୧୨୪ ଓ ମିତେଶ ଅପରାଜିତ ୧୦୦ ରନ୍ କରିବା ଫଳରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ବରୋଦା ୭ ୱିକେଟ ହରାଇ ୪୧୩ ରନ୍ କରିନେଇଛି। ଏହା ଫଳରେ ବରୋଦା ହାତରେ ୩ଟି ପ୍ରଥମ ଇନିଂସ ୱିକେଟ ବାକିଥାଇ ୧୪୨ ରନ୍‌ରେ ଆଗୁଆ ରହିବା ସହ ମ୍ୟାଚ୍‌ରେ ନିଜର ସ୍ଥିତି ମଜଭୁତ କରିନେଇଛି। ଶୁକ୍ରବାର ଷ୍ଟମ୍ପ ଅପସାରଣ ବେଳକୁ ମିତେଶଙ୍କ ସହ ରସିକ ଦାର ସଲାମ ୪୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକୀର୍ତ୍ତ ପାଣ୍ଡେ ୭୧ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ପାଇଛନ୍ତି। ଏହି ମ୍ୟାଚ୍‌ର ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ଓଡ଼ିଶାକୁ ୧ ପଏଣ୍ଟ ହାସଲ



କରିବାକୁ ବା ମ୍ୟାଚ୍ ଡ୍ର ରଖିବାକୁ ସଂଘର୍ଷ କରିବାକୁ ପଡ଼ିବ।

ଶୁକ୍ରବାର ସକାଳେ ବରୋଦା ତାହାର ଅସମାପ୍ତ ପ୍ରଥମ ଇନିଂସ ୨ ୱିକେଟରେ ୧୨୭ ରନ୍‌ରୁ ଖେଳ ଆରମ୍ଭ କରି ମନ୍ଥର ଗତିରେ ଖେଳିଥିଲା। ଦୁଇ ଅପରାଜିତ ବ୍ୟାଟର ଶିବାଲିକ୍ ଶର୍ମା ଓ ସୁକୀର୍ତ୍ତ ପାଣ୍ଡେ ତୃତୀୟ ୱିକେଟ ଭାଗୀଦାରିରେ ୧୬୦ ରନ୍ ଯୋଗ କରିବା ପରେ ଡେବ୍ୟୁଟାଣ୍ଟ ବାଦଲ ବିଶ୍ୱାଳ ଏହି ଭାଗୀଦାରିକୁ ଭାଙ୍ଗିଦେଇଥିଲେ। ୨୪୮ ବଲ୍‌ରୁ ୧୦ ଚୌକା ଓ ୨ ଛକା ସହ ୧୨୪ ରନ୍ କରିଥିଲାବେଳେ ଶିବାଲିକ ଓଡ଼ିଶାର ବାଦଲ ବିଶ୍ୱାଳଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଏହାର କିଛି ସମୟ ମଧ୍ୟରେ ତାଙ୍କ ସେଞ୍ଚୁରି ପାର୍ଟନର ସୁକୀର୍ତ୍ତ ପାଣ୍ଡେ ମଧ୍ୟ ଆଉଟ ହୋଇଯାଇଥିଲେ। ସୁକୀର୍ତ୍ତ ୨୩୩ ଟି ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ମାତ୍ର ୪ଟି ଚୌକା ଓ ଗୋଟିଏ ଛକା ସହ ୭୧ ରନ୍‌ରେ ବାଦଲଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ଏମାନଙ୍କ ଆଉଟ ପରେ ମଧ୍ୟ ବରୋଦା ଦୃଢ଼ତାର ସହ ବ୍ୟାଟିଂ କରିଥିଲା। ୭ମ ୱିକେଟରେ ଅଭିଜ୍ଞ ଅତୀତ ସେଠ୍ ଓ ୱିକେଟ ରକ୍ଷକ ମିତେଶ ପଟେଲ ୫୨ ରନ୍ ଏବଂ ଅବିଭକ୍ତ ୮ମ ୱିକେଟ ଭାଗୀଦାରିରେ ମିତେଶ ଓ ରସିକ ଦାର ସଲାମ ୮୯ ରନ୍ ଉଠାଇ ଓଡ଼ିଶାର ଆଶାକୁ ମହାନଦୀକୁ ଫିଙ୍ଗିଦେଇଥିଲେ। ଏହି ଯୋଡ଼ିଙ୍କ ସଫଳ ବ୍ୟାଟିଂ ଯୋଗୁଁ ଓଡ଼ିଶା ଆଉ ମ୍ୟାଚ୍ ଜିତିବା ଆଶା କରିପାରିବ ନାହିଁ। ଷ୍ଟମ୍ପ ଅପସାରଣ ବେଳକୁ ମିତେଶ ୧୩୯ ବଲ୍‌ରେ ୧୧ ଚୌକା ସହ ଠିକ୍ ୧୦୦ ଓ ରସିକ ୪୬ ବଲ୍‌ରୁ ୩ ଚୌକା ଓ ୨ ଚୌକା ସହ ୪୫ ରନ୍‌ରେ ଅପରାଜିତ ଅଛନ୍ତି। ଅଧିନାୟକ ଅତୀତ ସେଠଙ୍କ ବ୍ୟାଟ୍‌ରୁ ୨୮ ରନ୍ ମିଳିଛି।

ଏଭଳି ଏକ ଧୀମା ୱିକେଟରେ ରନ୍ ସଂଗ୍ରହ କରିବା କଷ୍ଟକର ହୋଇଥିଲା। ଯାହା ଫଳରେ ବରୋଦାର ବ୍ୟାଟରମାନେ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳକୁ ପ୍ରଥମ ଇନିଂସ ଅଗ୍ରଣୀ କରାଇଥିଲେ। ଘରୋଇ ମାଟିରେ ଓଡ଼ିଶାର ବୋଲରମାନେ ସୁନ୍ଦର ବୋଲିଂ କରିଥିଲେ। କିନ୍ତୁ ୱିକେଟ ନେବାରେ ସେପରି ସଫଳତା ପାଇ ନ ଥିଲେ। ଘରୋଇ ଦଳର ବାମହାତୀ ସ୍ପିନର ସୁମିତ ଶର୍ମା ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିଲେ। ଅନ୍ୟତମ ସ୍ପିନର ବାଦଲ ବିଶ୍ୱାଳ ୨ଟି ଓ ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ୱିକେଟ ମିଳିଥିଲା। ବରୋଦାର ଜଣେ ଖେଳାଳି ଓପନର ଜ୍ୟୋସ୍ନିଲ ସିଂ ରନ୍‌ଆଉଟ ହୋଇଥିଲେ।

### ସିକେ ନାଇଡୁ ଟ୍ରଫି

## ଆୟୁଷଙ୍କୁ ୮ ୱିକେଟ; ଓଡ଼ିଶାର ଦୃଢ଼ ଜବାବ

କଟକ,୧୭।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ବର୍ଗର ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫିର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଘରୋଇ ହାଇଦ୍ରାବାଦ୍ ଦଳକୁ କଡା ଜବାବ ଦେଇଛି ଭ୍ରମଣକାରୀ ଓଡ଼ିଶା ଦଳ। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହି ମ୍ୟାଚ୍ ଜାରି ରହିଛି। ଓଡ଼ିଶାର ପ୍ରଥମ ପାଳି ୧୫୯ ରନରେ ସୀମିତ ରହିବା ପରେ ହାଇଦ୍ରାବାଦ୍ ୧୯୫ ରନରେ ଅଲଆଉଟ ହୋଇଛି। ଓଡ଼ିଶାର ଆୟୁଷ ବାରିକ ୪୫ ରନ





ବିନିମୟରେ ୮ ଟି ୱିକେଟ ଅକ୍ତିଆର କରିଛନ୍ତି। ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ଶୁକ୍ରବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ୱିକେଟ ବିନିମୟରେ ୧୮୧ ରନ କରିଛି।

ଗୁରୁବାର ଖେଳର ପ୍ରଥମ ଦିବସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହେବା ପରେ ହାଇଦ୍ରାବାଦ ୪ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଅମନ ରାଓ ୫୫ ରନ ଏବଂ ନାଇଟ ୱାଚମ୍ୟାନ ଶଶାଙ୍କ ଶୂନରେ ଅପରାଜିତ ଥିଲେ। ଓଡ଼ିଶାର ବାମହାତୀ ସ୍ପିନର ଆୟୁଷ ପ୍ରଥମ ଦିବସରେ ୨ଟି ୱିକେଟ ଦଖଲ କରିଥିଲେ। ଆଜି କ୍ରମାଗତ ଭାବେ ଆୟୁଷ ୱିକେଟ ଅକ୍ତିଆର କରି ଅପ୍ରତ୍ୟାଶିତ ଭାବେ ହାଇଦ୍ରାବାଦକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଅମନ ୯୦ ରନରେ ଆୟୁଷଙ୍କ ଶିକାର ହୋଇଥିଲେ। ୩୭ ରନରେ ଦଳ ଶେଷ ୫ ୱିକେଟ ହରାଇଥିଲା। ୨ ୱିକେଟ ବିନିମୟରେ ୧୮୧ ରନ ସଂଗ୍ରହ କରିଥିବା ଓଡ଼ିଶା ୧୪୫ ରନର ଅଗ୍ରଣୀ ହାସଲ କରିଛି। ଓମ ଟି ମୁଣ୍ଡେ ୯୮ ରନ ଏବଂ ଶ୍ରେୟାଂଶ ଭରଦ୍ୱାଜ ୧୭ ରନରେ ଅପରାଜିତ ଅଛନ୍ତି। ଅଧିନାୟକ ସାଇଦୀପ ମହାପାତ୍ର ଏବଂ ଓପନର ପାନକଳ ଶଶାଙ୍କ ଯଥାକ୍ରମେ ୨୬ ରନ ଏବଂ ୩୫ ରନରେ ଆଉଟ ହୋଇଛନ୍ତି। ଖେଳ ଆଉ ଦୁଇ ଦିନ ବାକି ଥିବା ଯୋଗୁଁ ମ୍ୟାଚ୍‌ର ଫଳାଫଳ ନିଶ୍ଚିତ ବୋଲି ଅନୁମାନ କରାଯାଉଛି।

### ବରିଷ୍ଠ ମହିଳା ଟି-୨୦

## ତ୍ରିପୁରାକୁ ହରାଇଲା ଓଡ଼ିଶା

କଟକ,୧୭।୧୦(ସମିସ): ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ବରିଷ୍ଠ ମହିଳା ଟି-୨୦ ଲିଗ୍‌ର ଏକ ମ୍ୟାଚରେ ଓଡ଼ିଶା ୯ ୱିକେଟରେ ତ୍ରିପୁରାକୁ ହରାଇଛି। କ୍ରମାଗତ ୫ଟି ମ୍ୟାଚ୍‌ରେ ପରାଜୟ ପରେ ଦଳର ଏହା ପ୍ରଥମ ବିଜୟ। ଆସନ୍ତା ୧୯ ରେ ହରିୟାଣା ବିପକ୍ଷରେ ଓଡ଼ିଶା ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ତ୍ରିପୁରା ୯୭ ରନରେ ଅଲଆଉଟ ହୋଇଥିଲା। ଇନ୍ଦ୍ର ରାଣୀ ଜମାତିଆ ସର୍ବାଧିକ ୩୦ ରନ କରିଥିଲେ। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩ଟି ୱିକେଟ ପାଇଥିଲେ। ମାଧୁରୀ ମେହଟା(୪୦ରନ) ଓ ସରିତା ମେହର(୪୭ରନ) ଅପରାଜିତ ପାଳି ଖେଳି ଓଡ଼ିଶାକୁ ସହଜ ବିଜୟ ପ୍ରଦାନ କରିଛନ୍ତି।

## ବିନୁ ମଙ୍କଡ଼ ଟ୍ରଫି: ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା

କଟକ, ୧୭।୧୦ (ସମିସ): ୧୯ବର୍ଷରୁ କମ୍ ବାଳକ ବିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ହରିୟାଣାର ସେହବାଗ ଅନ୍ତର୍ଜାତୀୟ ସ୍କୁଲ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ଶେଷ ଲିଗ୍‌ରେ ଦଳ ୬ ୱିକେଟରେ ବରୋଦାକୁ ହରାଇଛି। ପ୍ରଥମ ଲିଗ୍‌ରେ ପରାଜୟ ସତ୍ତ୍ୱେ କ୍ରମାଗତ ୪ଟି ବିଜୟ ପଏଣ୍ଟ ପାଇ ଓଡ଼ିଶା ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ



ରହିଛି। ଆସନ୍ତା ୨୫ ତାରିଖରେ ପ୍ରିକ୍ୱାର୍ଟର ମୁକାବିଲାରେ ଓଡ଼ିଶା ତାମିଲନାଡୁକୁ ଭେଟିବ। ଆଜିର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରୋଦା ୧୦୭ ରନରେ ଅଲଆଉଟ ହୋଇଥିଲା। ହେଟ୍ ଜି ପଟେଲ ସର୍ବାଧିକ ୩୪ ରନ କରିଥିବା ବେଳେ ଓଡ଼ିଶାର ପ୍ରିୟାଂଶୁ ମହାନ୍ତି ଏବଂ ରୁଦ୍ର ପ୍ରସାଦ ମଲ୍ଲିକ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ପ୍ରଧାନ ପ୍ରତିକ ସାମଲଙ୍କ ୩୪ ରନ ଏବଂ ବିଶ୍ୱଜିତ ପ୍ରଧାନଙ୍କ ଅପରାଜିତ ୨୭ ରନ ବଳରେ ଓଡ଼ିଶା ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।





| PRODUCTS | EX-SHOWROOM PRICE | GST BENEFITS |
|---|---|---|
| DESTINI PRIME | ~~₹80 904~~ ₹74 580# | ₹6 324 |
| PLEASURE+ | ~~₹76 773~~ ₹70 772# | ₹6 001 |

Book now for assured delivery on Dhanteras

+ INSTANT DISCOUNT UP TO ₹10 000^ HDFC BANK CREDIT CARDS FESTIVE TREATS Powered by pine labs + PER DAY EMI STARTING FROM ₹79$ | DOWN PAYMENT STARTING FROM ₹1 999$ | EXCLUSIVE CORPORATE OFFERS UP TO ₹2 200~

INDIA'S FIRST 5 YEAR WARRANTY *Conditions apply

Hero GoodLife Stand a chance to win 100% Cashback | 24 Carat Gold Coin and many more assured benefits*

Additional offers on: Flipkart amazon.in

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts. $Finance offer is at the sole discretion of the Financier, subject to its respective T&Cs, Available at select dealerships. ~T&C apply, Offer available only on limited stores. *Limited period offer, T&C apply. As per cumulative dispatch numbers till August 2025. #Ex-showroom price of Xtreme 125R x Pleasure+ in Bhubaneswar.

TOLL FREE 1800 266 0018

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, **Jatni:** Vishal Hero - 9289922984, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Authorized HeroSure Dealers: Bhubaneshwar:** Arundhati Motobikes - 7682841658, **Associate Dealers: Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Balipatna:** Jagannath Motors - 7064309702, **Chandpur:** Apsara - 9861418161, **Banamalipur:** Duladei Motors - 7735425890, **Sunderpada:** Basudev Motors - 6371525029, **Nakhra:** S.G. Automobiles - 9778779778.


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS